୬ ୧୦ ବର୍ଷ ପରେ ଇଂଲଣ୍ଡରେ ଜିତିଲା ଶ୍ରୀଲଙ୍କା, ଇଂଲଣ୍ଡ ୮ ୱିକେଟ୍‌ରେ ପରାସ୍ତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୨୨୫ ● ୧୧ ସେପ୍ଟେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-225 ● 11st September 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

## ୨୭୫୬୧୩ କୋଟି ୮୬ ଲକ୍ଷ ୪୫ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ପାରିତ

# ଖୁବ୍‌ଶୀଘ୍ର ୨୦ ହଜାର ଶିକ୍ଷକ ଓ ୩ ହଜାର ଡାକ୍ତର ନିଯୁକ୍ତି

ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ପୂର୍ଣ୍ଣାଙ୍ଗ ବାର୍ଷିକ ବଜେଟ୍ ଉପରେ ୨୭୫୬୧୩ କୋଟି ୮୬ ଲକ୍ଷ ୪୫ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଏହି ବିଲ୍ ଆଗତ କରିଥିଲେ ଏବଂ ଏହା ଉପରେ ଦୀର୍ଘସମୟ ଧରି ହୋଇଥିବା ସରଗରମ ଆଲୋଚନାରେ ବିରୋଧୀ ଓ ଶାସକ ଦଳରୁ ପ୍ରାୟ ୨୦ଜଣ ବିଧାୟକ ଭାଗ ନେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନାର ଉତ୍ତର ଦେବା ବେଳେ ଏଥିରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ ଯେ, ବଜେଟ୍‌ରେ ଏକ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ପରିବର୍ତ୍ତନ, ବିକାଶ, ସୁଶାସନ ଏବଂ ଓଡ଼ିଆ ଆସ୍ମିତା ଉପରେ ଗୁରୁତ୍ୱ ଦେଇଛୁ। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ମୂଳଦୁଆ ଉପସ୍ଥାପନ କରିଛୁ। ରାଜ୍ୟର ବିକାଶ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ବିକାଶ ଏବଂ ଜୀବନ ଜୀବିକା ଏହି ଚାରୋଟି ଦିଗକୁ ନେଇ ଆମ ସରକାର ଏକ ସାମଗ୍ରିକ ଏବଂ ସମାବେଶୀ ବିକାଶ ମଡେଲକୁ ଆଦୃତ କରୁଛି। ଯେଉଁ ପ୍ରକ୍ରିୟାର ପ୍ରଥମ ଭାଗିଦାରୀ ହେଉଛନ୍ତି ସାଧାରଣ ଜନତା। ମୁଖ୍ୟମନ୍ତ୍ରୀ କହିଥିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରୋତ୍ସାହନ ଜରିଆରେ ଆଗାମୀ ୫ ବର୍ଷରେ ୩ ଲକ୍ଷ ୫୦ ହଜାର ନୂତନ ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ଖାଲି ପଡିଥିବା ଦେଢ ଲକ୍ଷ ମୂଳ ସରକାରୀ ପଦବୀକୁ ଆଗାମୀ ୫ବର୍ଷ ମଧ୍ୟରେ ନିରପେକ୍ଷ ଓ ସ୍ୱଚ୍ଛତାର ସହ ପୂରଣ କରିବା ପାଇଁ ବ୍ୟାପକ ନିଯୁକ୍ତି ଅଭିଯାନ ହାତକୁ ନିଆଯିବ ଏବଂ ପ୍ରଥମ ଦୁଇ ବର୍ଷରେ ଅନ୍ୟୂନ ୬୫ ହଜାର ପଦବୀ ପୂରଣ କରାଯିବ। ରାଜ୍ୟରେ ଖାଲି ପଡିଥିବା ଶିକ୍ଷକ (ପୃଷ୍ଠା ୭ରେ)



# ସୁଭଦ୍ରା ଫର୍ମ ଓ ପଞ୍ଜିକରଣ ପାଇଁ ଅର୍ଥ ଦାବି କଲେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ପାଇଁ ଓଡ଼ିଶାର ଘରେ ଘରେ ଉତ୍ସାହ ଦେଖିବାକୁ ମିଳିଛି । ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗର ଡାଟାବେସରୁ ମିଳିଥିବା ତଥ୍ୟ ଅନୁଯାୟୀ ସମଗ୍ର ଓଡ଼ିଶାରେ ମଙ୍ଗଳବାର (୧୦/୦୯/୨୦୨୪) ସୁଦ୍ଧା ପନ୍ଦର ଲକ୍ଷରୁ ଅଧିକ ଫର୍ମ ପଞ୍ଜିକରଣ ହୋଇଛି । ଏହି ଯୋଜନା ଅନ୍ତର୍ଗତ ଆବେଦନ ଫର୍ମ ବିତରଣ ଓ ଅନଲାଇନ ପଞ୍ଜିକରଣ କରିବା ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ । କିନ୍ତୁ କେତେକ ସ୍ଥାନରେ ଅଙ୍ଗନବାଡି କର୍ମୀ, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ଉଭୟ ଫର୍ମ ପାଇଁ ଓ ଅନଲାଇନରେ ଫର୍ମ ଅପଲୋଡ କରିବା ପାଇଁ ୫୦ ରୁ ୨୦୦ ଟଙ୍କା ଅର୍ଥ ଦାବି କରାଯାଉଥିବା ସୂଚନା ମିଳିଛି। ଯେକୌଣସି ସ୍ଥାନରେ ସୁଭଦ୍ରା ଫର୍ମ ପାଇଁ ଅର୍ଥ ଦାବି କରାଯାଉଥିଲେ, ସେଥି ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଆବେଦନ ଫର୍ମ ବଣ୍ଟନରେ ଅବହେଳା ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଜଣେ ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏକ ମାସର ଦରମା ବନ୍ଦ କରାଯାଇଛି । ସେହିଭଳି ଫର୍ମ ପଞ୍ଜିକରଣ ପାଇଁ ଅର୍ଥ ଦାବି କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶସ୍ଥିତ ଜନସେବା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ ଜନସେବା କେନ୍ଦ୍ରକୁ ସାମୟିକ ବନ୍ଦ କରି ଦିଆଯାଇଛି । ଏତଦଭିନ୍ନ ହେଲ୍ପଲାଇନ ନମ୍ବରକୁ ଆସିଥିବା ଏକ କଲକୁ ଆଧାର କରି କଟକ ଜିଲ୍ଲା ଆଠଗଡ଼ରେ ଏକ ମୋ ସେବା କେନ୍ଦ୍ରରେ ଫର୍ମ ବିକ୍ରି ଓ ପୂରଣ ବାବଦରେ ୧୦୦ ଟଙ୍କା ଅର୍ଥ ଦାବି ଅଭିଯୋଗ ବିରୋଧରେ କଟକ ମହାନଗର ନିଗମ ପକ୍ଷରୁ ଏତଲା ଦାଖଲ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ସୁଭଦ୍ରା ଫର୍ମର ସମସ୍ତ ପ୍ରକ୍ରିୟା, ସ୍କାନିଂ ଓ ଅପଲୋଡ କରିବା ନିମନ୍ତେ ଜିଏସଟି ସହ ପ୍ରତି ଫର୍ମ ପାଇଁ ୧୫ ଟଙ୍କା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଉଦ୍ଦିଷ୍ଟ କେନ୍ଦ୍ରକୁ ପ୍ରଦାନ କରାଯାଉଛି । ଯେକୌଣସି କେନ୍ଦ୍ରରେ କେହି କର୍ମଚାରୀ କୌଣସି କାରଣ ଦର୍ଶାଇ ଅର୍ଥ ଦାବି କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ। ଉକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜଣାଇ ଦିଆଯାଇଛି।




## ଗୃହରେ ପୁଣି ଉଠିଲା ମମିତା ମେହେର ପ୍ରସଙ୍ଗ



ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ବିଧାନସଭାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଏବଂ ଏଥିରେ ସଂପୃକ୍ତ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ରହସ୍ୟଜନକ ମୃତ୍ୟୁ ପ୍ରସଙ୍ଗ ପୁନର୍ବାର ଉଠିଥିଲା।

ଶୂନ୍ୟକାଳରେ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ବିଗତ ସରକାରଙ୍କ ସମୟରେ ଘଟିଥିବା ଏହି ସବୁ ହତ୍ୟାକାଣ୍ଡ ଘଟଣାରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇଛି ତାହା ଏବେ ମଧ୍ୟ ଲୋକେ ଜାଣିନାହାନ୍ତି। ସରକାରଙ୍କ କାର୍ଯ୍ୟାନୁଷ୍ଠାନ ନେଇ ଲୋକଙ୍କର ସନ୍ଦେହ ରହିଛି, ତାହା ଦୂର ହେବା ଦରକାର। ଏସବୁ ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କୁ ଅନୁରୋଧ ଜଣାଇଥିଲେ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଓଡ଼ିଶାରେ ଚାଲିବ ୩ ଟି ନୂତନ ବନ୍ଦେ ଭାରତ ଟ୍ରେନ

## ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କାଲ ମଙ୍ଗଳବାର ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠଠାରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଗାମୀ ୧୫ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେଉଥିବା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ସମାରୋହରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏଥିନିମନ୍ତେ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ଓ ଚିଠି ମାଧ୍ୟମ ରେ ଅନୁରୋଧ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଚଳିତ ମାସ ୧୫ ତାରିଖରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦ୍ୱାରା ଦେଶରେ ୧୦ଟି ନୂତନ (ପୃଷ୍ଠା ୭ରେ)



# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା : କାମକୁ ଫେରୁନାହାଁନ୍ତି ଡାକ୍ତର

ନୂଆଦିଲ୍ଲୀ, ୧୦।୯

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନୁନାହାଁନ୍ତି ଡାକ୍ତର । ପଶ୍ଚିମବଙ୍ଗ ଆରଜି.କର ମେଡିକାଲ କଲେଜ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ବିକ୍ଷୋଭ ଜାରି ରଖିଥିବା କନିଷ୍ଠ ଡାକ୍ତରଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ସର୍ବୋଚ୍ଚ ଅଦାଲତ। ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ଡାକ୍ତରମାନେ କହିଛନ୍ତି ଯେପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ କାମକୁ ଫେରିବୁ ନାହିଁ । ଘଟଣାରେ ସ୍ୱାସ୍ଥ୍ୟ ସଚିବ ଏବଂ ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ ଇସ୍ତଫା ଦାବି କରି ଆନ୍ଦୋଳନ କରୁଛନ୍ତି ଡାକ୍ତର ସଂଘ। ଏହାସହିତ ଦାବି ପୂରଣ ପାଇଁ ମଙ୍ଗଳବାର କନିଷ୍ଠ ଡାକ୍ତରମାନେ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟାଳୟରୁ ସ୍ୱାସ୍ଥ୍ୟ ଭବନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରିବା ବେଳେ ଆନ୍ଦୋଳନରତ ଜଣେ ଡାକ୍ତର କହିଛନ୍ତି ଆମ ଦାବି ଯେପର୍ଯ୍ୟନ୍ତ ପୂରଣ ହୋଇନାହିଁ, ପୀଡ଼ିତାଙ୍କୁ ନ୍ୟାୟ ମିଳିନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।




# ୧୦ ବର୍ଷରେ ମଲେଣି ୫୫ ବାଘ

ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ଗତ ୧୦ ବର୍ଷ ମଧ୍ୟରେ ୭ଟି ରୟାଲ ବେଙ୍ଗଲ ଟାଇଗର ସମେତ ଓଡିଶାରେ ୫୫ଟି ବାଘର ମୃତ୍ୟୁ ଘଟିଛି। ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଗୃହକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ମୃତ୍ୟୁବରଣ କରିଥିବା ଏପର୍ଯ୍ୟନ୍ତ ୫୫ ବାଘ ମଧ୍ୟରୁ ୨୩ଟି ବାଘଙ୍କୁ କେବଳ ଶିକାରୀ ହତ୍ୟା କରିଛନ୍ତି। ୪ଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜୀବନ ହରାଇଥିବା ବେଳେ ୨ ଟ୍ରେନ ଦୁର୍ଘଟଣାରେ, ୩ ଟି ସଡକ ଦୁର୍ଘଟଣାରେ, ୬ ଟି ପାଣିରେ ବୁଡି ଏବଂ ପରସ୍ପର ମଧ୍ୟରେ ଲଢେଇ କରି ମୃତ୍ୟୁବରଣ କରିଥିଲେ। ସେହିଭଳି ରୋଗରେ ପଡି ୫ ଓ ଆଉ ୫ଟି ବୃଦ୍ଧାବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଅଜଣା କାରଣରୁ ଆଉ ୭ ଟି ବାଘ ମୃତ୍ୟୁବରଣ କରିଥିବା ମନ୍ତ୍ରୀ କହିଛନ୍ତି। ବିଗତ ୧୦ବର୍ଷ ମଧ୍ୟରେ ସମୁଦାୟ ୭ଟି ରୟାଲ ବେଙ୍ଗଲ ଟାଇଗରଙ୍କର ମୃତ୍ୟୁ ଘଟିଥିଲା, ସେଥିମଧ୍ୟରୁ ଗୋଟିଏ ବାଲାଙ୍ଗୀର ଜଙ୍ଗଲ ବିଭାଗରେ (୨୦୧୬-୧୭), ଗୋଟିଏ ଶିମିଳିପାଳ ଦକ୍ଷିଣ ବିଭାଗରେ (୨୦୧୭-୧୮), ଗୋଟିଏ ବରଗଡ ଜଙ୍ଗଲ ବିଭାଗରେ (୨୦୧୮-୧୯), ଗୋଟିଏ ସାତକୋଶିଆରେ (୨୦୧୮-୧୯), ୨୦୨୨-୨୩ ରେ ଏବଂ ୨୦୨୩-୨୪ରେ ଶିମିଳିପାଳ ଦକ୍ଷିଣ ଅଞ୍ଚଳରେ ଦୁଇଟି ମୃତ୍ୟୁବରଣ କରିଥିଲେ।

# ବର୍ଷାଜନିତ କ୍ଷୟକ୍ଷତି ଓ ମୁକାବିଲା ସଂକ୍ରାନ୍ତରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ବର୍ଷା ପ୍ରଭାବରେ ହୋଇଥିବା କ୍ଷୟକ୍ଷତି ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଏସଆରସି ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମୁଦ୍ରକୁ ଠିକ ଭାବେ ଜଳ ନିଷ୍କାସନ ହୋଇପାରୁନଥିବାରୁ ବହୁ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି । ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାବାସୀ ବର୍ଷା ଯୋଗୁଁ ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଅନେକ ଜାଗାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ସମସ୍ୟା ମଧ୍ୟ ଘଟିଛି। ଓଡ୍ରାଫ୍, ଏନଡିଆରଏଫ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ଲୋକଙ୍କ ଅସୁବିଧାକୁ ତତ୍ପରତାର ସହ ଦୂର (ପୃଷ୍ଠା ୭ରେ)



## କେନ୍ଦ୍ର ସରକାର ନିଯୁକ୍ତ କଲେ ୬ ଅତିରିକ୍ତ ସଲିସିଟର ଜେନେରାଲ

ନୂଆଦିଲ୍ଲୀ, ୧୦।୯

କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ଭାବେ ୬ଜଣ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତ କରିଛନ୍ତି। କ୍ୟାବିନେଟ ନିଯୁକ୍ତି କମିଟି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏସ୍. ଦ୍ୱାରିକାନାଥ, ଅର୍ଚ୍ଚନା ପାଠକ ଦୁବେ, ସତ୍ୟଦର୍ଶୀ ସଞ୍ଜୟ, ବ୍ରିଜେନ୍ଦ୍ର ଚାହର, ରାଘବେନ୍ଦ୍ର ପି. ଶଙ୍କର, ରାଜକୁମାର ଭାସ୍କର ଠାକରେ(ରାଜା ଠାକରେ)ଙ୍କୁ ଏଏସଜି ଭାବେ ନିଯୁକ୍ତ କରାଯାଇଛି।

## ଏକାଳ ପଖାଳ



ଡିଜେବାଲା ସବୁ ବନ୍ଧା ହେଲେ ଯାଇ
ଆସିବ ବଢିଆ ମଜା
କମ୍ପନରେ ଭୂଇଁ ଥରାଇ ଦିଅନ୍ତି
ଛାତି ଥରା ସେ ବାଜା
ଏବାଜା ହୃଦ୍‌ଘାତ ରାଜା
ମସ୍ତି ପାଇଁକି ଏସବୁ ଯେମିତି
ନପଡୁ ଏଣିକି ଖୋଜା।

# ରାଜଧାନୀ ପାଣିରେ ମିଶୁଛି ବିଷ



ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ରାଜଧାନୀବାସୀ ଯେଉଁଠୁ ପାଣି ପିଉଛନ୍ତି, ସେଇଠି ଆବର୍ଜନା ଫୋପାଡୁଛନ୍ତି । ସେହି ସ୍ଥାନକୁ ଆବର୍ଜନାମୟ କରି ଦେଉଛନ୍ତି। କୁଢକୁଢ଼ ଆବର୍ଜନା ଦିନ ଦିନ ଧରି ପଡ଼ି ରହୁଛି । ଆବର୍ଜନା ସଢ଼ି ଯିବାରୁ ସେଥିରୁ ଉତ୍କଟ ଗନ୍ଧ ବାହାରୁଛି । ଏପରିକି ଏହି ପାଣିରେ ବିଷାକ୍ତ ପଦାର୍ଥ ମିଶାଇବାକୁ ବି ଲୋକେ ପଛାଉନାହାନ୍ତି । ନିକଟରେ ଗଣେଶ ପୂଜା ଠାରୁ ଏହି ସବୁସ୍ଥାନରେ ମୂର୍ତ୍ତି ବିସର୍ଜନ କରାଯାଉଛି। ମୂର୍ତ୍ତିରୁ ବାହାରୁଥିବା ବିଷାକ୍ତ କେମିକାଲ ପାଣିରେ ମିଶୁଛି। ଏହା ବିପଜ୍ଜନକ ବୋଲି କିଛି ବିଶେଷଜ୍ଞ ମତ ଦେଇଛନ୍ତି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ବି ଏସବୁ ଦେଖି ନୀରବଦ୍ରଷ୍ଟା ସାଜିଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ତୀବ୍ର ଅସନ୍ତୋଷ ଦେଖାଦେଇଛି।

କୁଆଖାଇ ନଦୀରୁ ଭୁବନେଶ୍ୱରକୁ ଜଳ ଯୋଗାଣ କରାଯାଉଛି । ଏଥିପାଇଁ ମଞ୍ଚେଶ୍ୱର ହାଇଟେକ୍ ଛକ ନିକଟରେ ନଦୀର କିଛି ଅଞ୍ଚଳକୁ ଅବନ୍ଧ କରାଯାଇ ସେଠାରୁ ହାଇ ପ୍ରେସରାଇଜ୍ ମୋଟର ଯୋଗେ ପଳାଶୁଣୀସ୍ଥିତ ଜଳ ବିଶୋଧନାଗାରକୁ ଜଳ ଯୋଗାଯାଉଛି। ଏଠାରୁ ୱାଟକୋ ପାଇପ୍ ଯୋଗେ ଭୁବନେଶ୍ୱରର ଗଳିକନ୍ଦିକୁ ପାନୀୟ ଜଳ ଯୋଗାଉଛି। (ପୃଷ୍ଠା ୭ରେ)

# ସମୁଦ୍ରର ଲୁଣି ପାଣିରୁ ବାହାରିବ ପିଇବା ପାଣି

ଭୁବନେଶ୍ୱର, ୧୦।୯
ନ୍ୟୁଜ୍ ବ୍ୟୁରୋ

ବୈଜ୍ଞାନିକ ପଦ୍ଧତିରେ ଏହା ସମ୍ଭବ। ଏହି ପ୍ରକ୍ରିୟାକୁ କୁହାଯାଏ ଡିସାଲାଇନେସନ୍ । ଏହି ପ୍ରକ୍ରିୟାରେ ସମୁଦ୍ର ଜଳରୁ ଦ୍ରବିଭୂତ ଖଣିଜ ଲବଣକୁ ଅଲଗା କରାଯାଇ ଏହାକୁ ପିଇବା ଯୋଗ୍ୟ ଓ କୃଷି କାର୍ଯ୍ୟରେ ବ୍ୟବହାର ଯୋଗ୍ୟ କରାଯାଇପାରିବ।

ସମୁଦ୍ରର ଲୁଣି ପାଣିରୁ ବାହାରିବ ପିଇବା ପାଣି । ଏଥିପାଇଁ ଖୁବ୍‌ଶୀଘ୍ର ଏକ କମ୍ପାନୀ ଓଡ଼ିଶାକୁ ଆସିବ। ମଙ୍ଗଳବାର ବିଧାନସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ। ମନ୍ତ୍ରୀ କହିଛନ୍ତି ସମୁଦ୍ର ପାଣିକୁ ପାନୀୟ ଉପଯୋଗୀ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଚଳାଇଛନ୍ତି। ପ୍ରଥମେ ଲୁଣି ପାଣିକୁ ପରୀକ୍ଷା କରାଯିବ ଏହାପରେ ଏନେଇ ନିଷ୍ପତ୍ତି ନିଆଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏବେ ବହୁ ଦେଶ ଏହି ପଦ୍ଧତିରେ ସମୁଦ୍ରରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ୧୭୭ଟି ଦେଶରେ ଏଥିପାଇଁ ୧୬ ହଜାର (ପୃଷ୍ଠା ୭ରେ)







# କୌଶଳ ଭିତ୍ତିକ ପାଠ୍ୟକ୍ରମ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ:ଶିଳ୍ପମନ୍ତ୍ରୀ

**ପାରାଦ୍ୱୀପ, ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀ ମାନଙ୍କର କୌଶଳ ଭିତ୍ତିକ ଶିକ୍ଷାରେ ଆଗ୍ରହ ବଢାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଶୁଭାରମ୍ଭ କରାଯାଇଥିବା କୌଶଳ ରଥ ସମଗ୍ର ରାଜ୍ୟ ପରିଭ୍ରମଣ କରୁଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ଖଚିତ ଏହି କୌଶଳ ରଥ ଚଳିତ ମାସ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ଜଗତସିଂହପୁର ଜିଲ୍ଲାରେ ଗଡ଼ିବ । ଜିଲ୍ଲା ପ୍ରଶାସନ ତଥା ଦକ୍ଷତା ବିକାଶ ଓ ଶ୍ରମ ନିୟୋଜନ ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ଆଇଟିଆଇ ମହାବିଦ୍ୟାଳୟ ଠାରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କୌଶଳ ରଥର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ । ଶିକ୍ଷାର ଗୁଣାତ୍ମକ ବିକାଶ ସହ କୌଶଳ ଭିତ୍ତିକ ପାଠ୍ୟକ୍ରମର ବ୍ୟବହାର ବର୍ତ୍ତମାନର ପ୍ରତିଯୋଗିତା ମୂଳକ ସମାଜରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ଯୋଗାଇବ ବୋଲି ସେ କହିଥିଲେ । ଆଗାମୀ ଦିନରେ ଜିଲ୍ଲାରେ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯାଇ ଯୁବକ ଯୁବତୀମାନଙ୍କୁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ କରିବା ସହ ଆତ୍ମ ନିର୍ଭର କରିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଏହି ଉତ୍ସବରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ପାରାଦ୍ୱୀପ ଆଇଟିଆଇ ଅଧକ୍ଷ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଗତିକୃଷ୍ଣ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଧାର୍ଯ୍ୟ ସୂଚୀ ଅନୁଯାୟୀ ଏହି ରଥ ସରକାରୀ ଆଇଟିଆଇରୁ ବାହାରି ପାରାଦ୍ୱୀପ, ଏନଏସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏନଏସି ହାଇସ୍କୁଲ ପରେ ପାରାଦ୍ୱୀପ କଲେଜ୍ ଗସ୍ତ କରିବ । ସେହିପରି ୧୦ ତାରିଖ ଦିନ ବିବି ହାଇସ୍କୁଲ୍, କୁଜଙ୍ଗ, ସାରଳା ମହାବଦ୍ୟାଳୟ ରାହାମା, ସାଇଲୋ ସ୍କୁଲ୍, ମଣିଜଙ୍ଗା ହାଇସ୍କୁଲ୍, ମଣିଚରଣ ସାରଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦିକବି ସାରଳା ଦାସ ମହାବିଦ୍ୟାଳୟ ତିର୍ତ୍ତୋଲ୍ ଦେଇ ସରକାରୀ ପଲିଟେକ୍ନିକ୍ କଲେଜ ନାଉଗାଁରେ ପହଞ୍ଚିବ । ୧୧ ତାରିଖ ପଲିଟେକ୍ନିକ୍ କଲେଜରୁ ବାହାରି ନାଉଗାଁହାଟ ହାଇସ୍କୁଲ, ଅଲଣାହାଟ , ବାଲିକୁଦା କଲେଜ, ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ କାଦୁଅପଡ଼ା, କାଦୁଅପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିକୁଦା ମହିଳା ଡିଗ୍ରି କଲେଜ ପରିଭ୍ରମଣ କରି ପଲିଟେକ୍ନିକ୍ କଲେଜ ଫେରିବ । ପୁନଶ୍ଚ ୧୨ ତାରିଖ ଦିନ ପଲିଟେକ୍ନିକ୍ କଲେଜ୍‌ରୁ ବାହାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର, ଶ୍ରୀକୃଷ୍ଣ ଏକାଡେମୀ, ଏସ୍‌ଭିଏମ୍ କଲେଜ ପରିକ୍ରମା କରି ଜଗତସିଂହପୁର ଜିଲ୍ଲା ଲାଗି କାର୍ଯ୍ୟକ୍ରମ ଶେଷ କରି କୌଶଳ ରଥ ଅନ୍ୟ ଜିଲ୍ଲା ଗସ୍ତ କରିବ ।

# ରେଳ ଟ୍ରାକ୍‌ରୁ ଗ୍ୟାସ୍ ସିଲିଣ୍ଡର ଓ ପେଟ୍ରୋଲ୍ ବୋମା ଜବତ

**ଲକ୍ଷ୍ନୌ, ନ୍ୟୁଜ୍ ବ୍ୟୁରୋ**



କାନପୁର-କାସଗଞ୍ଜ ରେଳ ପଥର ବରାଜପୁର-ଉତ୍ତରୀପୁରାରେ ସେଣ୍ଟ୍ରାଲ୍ ପ୍ରୟାଗରାଜ-ଭିୱାନୀ ଯାଉଥିବା କାଳିନ୍ଦୀ ଏକ୍ସପ୍ରେସ୍ ରବିବାର ରାତିରେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । ସେହିପରି ଏଥିରେ ଥିବା ଯାତ୍ରୀମାନେ ସୌଭାଗ୍ୟ ବଶତଃ ଏକ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । କାନପୁର ମୁଡେରି ଗାଁ ନିକଟ ଦେଇ ବିଛାଯାଇଥିବା ରେଳ ଲାଇନ୍ ଉପରେ ଗ୍ୟାସ୍ ସିଲିଣ୍ଡର ଏବଂ ଅନ୍ୟ ଦହନଶୀଳ ପଦାର୍ଥ (ପେଟ୍ରୋଲ୍) ରଖି ଟ୍ରେନ୍ ଦୁର୍ଘଟଣା ଘଟାଇବାକୁ ଷଡ଼ଯନ୍ତ୍ର କରାଯାଇଥିଲା । ତେବେ ଏସବୁ ବିସ୍ଫୋରକ ସାମଗ୍ରୀକୁ ଲୋକୋ ପାଇଲଟ୍ ଦୂରରୁ ଦେଖିପାରିଥିଲେ । ଫଳରେ ଲୋକୋ ପାଇଲଟ୍ ଏମର୍ଜେନ୍ସି ବ୍ରେକ୍ ଲଗାଇ ଟ୍ରେନ୍‌ର ଗତିକୁ ଧିମା କରିଦେଇଥିଲେ । ଏହି ମାମଲାରେ ସୋମବାର ଏଟିଏସ୍ ଆଇଜି ନୀଲାଜା ଚୌଧୁରୀ ବିଶେଷଜ୍ଞ ଦଳଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଘଟଣାସ୍ଥଳରେ ଉପସ୍ଥିତ ଥିବା ଏଡିସିପି ବିଜେନ୍ଦ୍ର ଦ୍ୱିବେଦୀ ଏବଂ ଏସିପି ଅଜୟ ତ୍ରିବେଦୀ ଏହି ମାମଲାର ଅନ୍ୟାନ୍ୟ ଦିଗ ଉପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନସୁଦ୍ଧା ଏହି ଘଟଣାରେ ୧୨ରୁ ଅଧିକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ତେବେ ଏହି ଘଟଣା ପଛରେ ଆଇଏସ୍‌ଆଇଏସ୍ କିମ୍ବା ଆଏସ୍‌ଇର ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି ।

# ୧୮ ଲିଟର ମଦ ଜବତ:୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଅପରାହ୍ନ ୪ଟାରେ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଡୁମୁରିଗୁଡା ଗ୍ରାମର ଗୁରୁବାରି ହରିଜନ ଓ ପାତ୍ରପୁଟର ମାଧବ ଭୁମିଆ । ସୂଚନା ଅନୁଯାଇ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଡୁମୁରିଗୁଡା ଓ ପାତ୍ରପୁଟ ରାସ୍ତାରେ ଚଢଉ କରି ୧୮ ଲିଟର ଦେଶୀ ମଦ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ଜୟପୁର ଅବକାରୀ ନୀରିକ୍ଷକ ଶଶିକାନ୍ତ ଦତ୍ତ ଓ ଅବକାରୀ ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।



# ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କଲେ ଭାରତର ପୂର୍ବତନ ମୁଖ୍ୟ ନ୍ୟାୟାଧିଶ ଗୋପାଳ ବଲ୍ଲଭ ପଟ୍ଟନାୟକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତର ପୂର୍ବତନ ମୁଖ୍ୟ ନ୍ୟାୟାଧିଶ ସସ୍ତ୍ରୀକ ଗୋପାଳ ବଲ୍ଲଭ ପଟ୍ଟନାୟକ କେନ୍ଦ୍ରାପଡା ଗସ୍ତରେ ଆସି ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିଥିବା ଜଣାପଡିଛି । ଶ୍ରୀ ପଟ୍ଟନାୟକ ପୂର୍ବାହ୍ନରେ ଇଛାପୁର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦମ୍ପତିଙ୍କୁ ସ୍ୱାଗତ କରିବା ସହ ସସମ୍ମାନେ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ । ସେବାୟତ ସଂଘ ପକ୍ଷରୁ ବଡ ଠାକୁରଙ୍କ ଅଙ୍ଗ ବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦିଅଁ ମାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ପରିକ୍ରମା କରି ମନ୍ଦିରର ଭଲମନ୍ଦ ଅବସ୍ଥା ପଚାରି ବୁଝିଥିଲେ । ଦୀର୍ଘ ୩୦ ବର୍ଷ ପରେ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିବାକୁ ଆସିଥିବାରୁ ଆନନ୍ଦ ପ୍ରକାଶ କରିବା ସହ ଜନ ସାଧାରଣଙ୍କ କଲ୍ୟାଣ ପାଇଁ ଜୀଉମାନଙ୍କୁ ପ୍ରାର୍ଥନା କରିଥିବା ଜଣାପଡିଛି ।

## ||||||||||||||||||| ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପୁନର୍ଗଠିତ |||||||||||||||||||

# ସର୍ବଦଳୀୟ ନେତୃବର୍ଗଙ୍କୁ ନେଇ ଭଞ୍ଜଭୂଇଁର ସ୍ୱରକୁ ପ୍ରାଥମିକତା ଦିଆଯିବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ସର୍ବଦଳୀୟ ନେତୃବର୍ଗଙ୍କୁ ନେଇ ଭଞ୍ଜଭୂଇଁର ସ୍ୱରକୁ ପ୍ରାଥମିକତା ଦେବ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ । ରବିବାର ମୟୂରଭଞ୍ଜ ସିଟିଜେନ୍ ଫୋରମ୍‌ର ପୁନର୍ଗଠିତ ହେବା ସହିତ ନୂତନ କର୍ମକର୍ତ୍ତା ଦାୟିତ୍ୱ ନେଇଛନ୍ତି । ସ୍ଥାନୀୟ ବେଲଗଡିଆ ରାଜପ୍ରସାଦରେ ଏନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୋରମ୍‌ର ପ୍ରତିଷ୍ଠାତା ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା । ପୃଷ୍ଠପୋଷକ ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ପୂର୍ବତନ ସାଂସଦ ତଥା ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ୍ ରହିଥିବା ବେଳେ ସଭାପତି ଭାବେ ମହାରାଣୀ ରଶ୍ମିରାଜ୍ୟ ଲକ୍ଷ୍ମୀ ଭଞ୍ଜଦେଓ, ଉପସଭାପତି ଭାବେ ଅବସର ପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଭାବେ ମନୋଜ କୁମାର ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଭାବେ ବିଭୁଦତ୍ତ ଦାସ, ଯୁଗ୍ମସମ୍ପାଦକ ଭାବେ ବିପ୍ଳବ କୁମାର ବାରିକ ଓ ସଂଯୋଜକ ଭାବେ ନିଳାଦ୍ରୀ ବିହାରୀ ଦଣ୍ଡପାଟ ରହିଛନ୍ତି । ସେହିପରି ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନ ଓ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ନେଇ ୧୧ଜଣିଆ କୋର କମିଟି ଓ ୨୦ ଜଣିଆ ସ୍ୱତନ୍ତ୍ର ସଦସ୍ୟ ରହିଛନ୍ତି । ସମସ୍ତେ ବୈଠକରେ ଉପସ୍ଥିତ ରହି ରାଜ୍ୟ ତଥା ଦେଶ ପାଇଁ ମୟୂରଭଞ୍ଜ ଦେଇଥିବା ଅବଦାନ ତୁଳନାରେ ସେପରି ସୁବିଧା ସୁଯୋଗ ମିଳିନାହିଁ ଏବଂ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା କାର୍ଯ୍ୟକାରୀ ହେଇନଥିବାରୁ ୭୭ ବର୍ଷର ସ୍ୱାଧୀନତା ପରେବି ଜିଲ୍ଲା ଅଭାବୀ, ପଛୁଆ, ନିରକ୍ଷର, ବେକାରୀ ଏବଂ ଗରିବ ଜିଲ୍ଲା ଭାବେ ରହିଆସିଛି ବୋଲି ବକ୍ତାମାନେ କହିଛନ୍ତି । ଏହି ଅବସରରେ ଜିଲ୍ଲାପ୍ରତି ଅବଦାନ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ୍ ଓ ଲକ୍ଷ୍ମଣ ଟୁଡୁ, ପୂର୍ବତନ ପ୍ରଶାସକ ଡ. ରଜନୀକାନ୍ତ ବିଶ୍ୱାଳ ଓ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମାଓବାଦୀଙ୍କ ପାଇଁ ଅଢ଼େଇ ବର୍ଷ ବନ୍ଦ ଥିବା ଶିମିଳିପାଳ ଅଭୟାରଣ୍ୟ ପୁନର୍ବାର ଖୋଲିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦିବଂଗତ କ୍ଷୀତିଶ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ତାଙ୍କ ପତ୍ନୀ କମଳପ୍ରଭା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମେଡିକାଲ୍‌କୁ ଯାଇ ଅବସରପ୍ରାପ୍ତ ରେଲୱେ କର୍ମଚାରୀ ନିଖୋଜ

**କାମାକ୍ଷାନଗର, ନ୍ୟୁଜ୍ ବ୍ୟୁରୋ**

ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲ୍‌କୁ ଯାଇ ଜଣେ ଅବସରପ୍ରାପ୍ତ ରେଲୱେ କର୍ମଚାରୀ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି । ନିଖୋଜ ଜଣକ ହେଲେ ତୁମୁସିଙ୍ଗା ଥାନା କୋଟଗରା ଗାଁ ଉପରଗୋଡ଼ା ସାହିର ସୋମନାଥ ସାହୁ । ସୋମନାଥ ଏମ୍ସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଘରକୁ ଫେରିବା ପାଇଁ ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ । ସାଙ୍ଗରେ ପୁଅ ଓ ପୁତୁରା ଥିବାବେଳେ ଷ୍ଟେସନ୍‌ରେ ବୁଲାବୁଲି କରୁଥିଲେ । କିନ୍ତୁ ସେଠାରୁ ହଠାତ୍ କେଉଁଆଡ଼େ ସୋମନାଥ ନିଖୋଜ୍ ହୋଇଯାଇଛନ୍ତି । ସୋମନାଥଙ୍କ ପୁଅ ଓ ପୁତୁରା ଭୁବନେଶ୍ୱର ଷ୍ଟେସନ୍‌ରେ ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ସ୍ଥାନୀୟ ରେଲୱେ ପୋଲିସର ସାହାଯ୍ୟ ନେଇଥିଲେ । ପରେ ସେଠାରେ ଥିବା ସିସିଟିଭି ସାହାଯ୍ୟରେ ରେଲୱେ ପୋଲିସ ସୋମନାଥଙ୍କୁ ଠାବ କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ସେ ଷ୍ଟେସନ୍‌ର ୧ ନମ୍ବର ପ୍ଲାଟ୍‌ଫର୍ମରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିବା ବେଳେ ସେହି ସମୟରେ ପ୍ଲାଟ୍‌ଫର୍ମରେ ଲାଗିଥିବା ପାଟନା ସ୍ପେଶାଲ୍ ଟ୍ରେନ୍‌ରେ ଚାଲିଯାଇଥିବା ନେଇ ପରିବାର ଲୋକ ଆଶଙ୍କା କରିଛନ୍ତି । ବ୍ରେନ୍ ଟ୍ୟୁମରରେ ପୀଡ଼ିତ ସୋମନାଥ ଦୈନିକ ମେଡିସିନ୍ ଖାଉଥିବାବେଳେ ଏବେ ତାଙ୍କର ମାନସିକ ସ୍ଥିତି ଦୁର୍ବଳ ଥିବା ନେଇ ପରିବାର ଲୋକ କହିଛନ୍ତି । ତେଣୁ ଯଦି କେହି ସହୃଦୟ ବ୍ୟକ୍ତି ସୋମନାଥଙ୍କ କୌଣସି ସନ୍ଧାନ ପାଆନ୍ତି ତାହେଲେ ୮୪୭୮୮୩୮୧୦ଓ ୮୨୪୯୯୩୧୯୦୬କୁ ଯୋଗାଯୋଗ କରିବା ପାଇଁ ପରିବାର ଲୋକ ଅନୁରୋଧ କରିଛନ୍ତି । ସେ ନିଖୋଜ ହେବାବେଳେ ଏକ ଫିକା ସ୍କାଏ ରଙ୍ଗର ଗାର ଗାର ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ । ଅନ୍ୟପଟେ ସୋମନାଥଙ୍କୁ ତୁରନ୍ତ ଖୋଜି ଆଣିବା ପାଇଁ ବ୍ୟବସ୍ଥା କରିବାକୁ ପୋଲିସ ନିକଟରେ ପରିବାର ଲୋକ ନିବେଦନ କରିଛନ୍ତି ।

# ପ୍ରେମ ବିବାହର କରୁଣ ପରିଣତି:ନ୍ୟାୟ ପାଇଁ ବିଧବା ପତ୍ନୀ ଥାନାର ଦ୍ୱାରସ୍ଥ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରେମ ବିବାହ କରିଥିଲେ ସାରା ଜୀବନ ଖୁସିରେ ରହିବେ ବୋଲି ପରସ୍ପର କଥା ଦେଇଥିଲେ । ହେଲେ ଅଧା ବାଟରେ ଏକା କରି ଚାଲିଗଲେ ସ୍ୱାମୀ । ଏବେ ଶାଶୁ ଘରେ ମିଳୁଛି ନାନା ନିର୍ଯାତନା । କୋଳରେ ୩ ବର୍ଷର ଶିଶୁ । ସ୍ୱାମୀଙ୍କ ଦେହାନ୍ତ ପରେ ବି ଶିଶୁକୁ ଗ୍ରହଣ କରୁନାହାନ୍ତି ଶାଶୂ ଘର ଲୋକ । ତେଣୁ ବାଟବୁଆର ହେଉଛନ୍ତି ବୋହୂ । ଶେଷରେ ନ୍ୟାୟ ଆଶାରେ ନିର୍ଯାତିତ ବୋହୂ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପୁରୁଣା ଭୁବନେଶ୍ୱରର ସ୍ୱର୍ଗତ ଦିବ୍ୟଜ୍ୟୋତି ସାହୁଙ୍କୁ ପ୍ରେମ କରୁଥିଲେ ପ୍ରିୟଙ୍କା ସାହୁ । ପରବର୍ତ୍ତୀ ସମୟରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ହେଲେ ଉଭୟଙ୍କ ବିବାହରେ ଖୁସି ନଥିଲେ ଦିବ୍ୟଜ୍ୟୋତିଙ୍କ ପରିବାର ଲୋକେ ପ୍ରିୟଙ୍କାଙ୍କୁ ବୋହୂ ରୂପେ ଗ୍ରହଣ କରୁନଥିଲେ । ଏପରିକି ପ୍ରିୟଙ୍କାଙ୍କୁ ଯୌତୁକ ଆଣିବା ପାଇଁ ବାଧ କରିଥିଲେ ଶାଶୂଘର । ମାତ୍ର ଏଥିରେ ସେ ରାଜି ନଥିଲେ । ଫଳରେ ତାଙ୍କୁ ନିର୍ଯାତନା ମିଳୁଥିଲା । ତଥାପି ଦିବ୍ୟଜ୍ୟୋତି ପ୍ରିୟଙ୍କାଙ୍କୁ ପାଖରେ ରଖିଥିଲେ । ଏହି ସମୟରେ ଏକ ସନ୍ତାନର ଜନନୀ ହୋଇଥିଲେ ପ୍ରିୟଙ୍କା । ତେବେ ନିର୍ଯାତନା ଅସହ୍ୟ ହେବାରୁ ସେ ଛୁଆକୁ ନେଇ ବାପଘରକୁ ଚାଲିଯାଇଥିଲେ । ପ୍ରିୟଙ୍କା ବାପଘରକୁ ଚାଲିଯିବା ପରେ ପୁରା ଏକୁଟିଆ ହୋଇଯାଇଥିଲେ ଦିବ୍ୟଜ୍ୟୋତି । ମାନସିକ ଚାପରେ ବୁଡ଼ି ରହିଥିଲେ । ଯେଉଁଥିପାଇଁ ସେ ଆତ୍ମହତ୍ୟା କରିଥିବା ପ୍ରିୟଙ୍କା ଅଭିଯୋଗ କରିଛନ୍ତି । ଆତ୍ମହତ୍ୟା ପୂର୍ବରୁ ଦିବ୍ୟଜ୍ୟୋତି ସୁଇସାଇଡ୍ ନୋଟ୍ ଲେଖିଥିଲେ । ପ୍ରିୟଙ୍କା ଆହୁରି କହିଛନ୍ତି, ଦିବ୍ୟଜ୍ୟୋତିଙ୍କ ଆତ୍ମହତ୍ୟା କଥା ତାଙ୍କୁ ଜଣାଇନଥିଲେ । ଶାଶୂଘରୁ ଏବେ ତାଙ୍କୁ ନାନା ଧମକ ମିଳୁଛି । ସ୍ୱାମୀଙ୍କ ମୃତ୍ୟୁ ପରେ ଘରେ ପଶିବାକୁ ଦେଉନାହାନ୍ତି । ଛୋଟ ଛୁଆକୁ ଧରି ଏତେ ବଡ଼ ସହରରେ ରହିବି କେମିତି ? ତେଣୁ ପ୍ରିୟଙ୍କା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ଶାରଦୀୟ ଦୁର୍ଗା ପୂଜା ପାଇଁ ଶୁଭ ଖମ୍ବ ସ୍ଥାପନ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗଣେଶ ଚତୁର୍ଥୀ ଠାରୁ ଆରମ୍ଭ ହୋଇଯାଏ ପାର୍ବଣ ଋତୁ । ଏହି ପାର୍ବଣ ଋତୁରେ ଶାରଦୀୟ ଦୁର୍ଗା ପୂଜା ବୌଦ୍ଧ ଜିଲ୍ଲା ଓ ରାଜ୍ୟ ତଥା ରାଜ୍ୟ ବାହାରେ ମହା ଆଡମ୍ବରରେ ଦୁର୍ଗାପୂଜା ପାଳନ କରାଯାଇଥାଏ । ସେହିପରି ବୌଦ୍ଧ ଜିଲ୍ଲ ହରଭଙ୍ଗା ବ୍ଲକ ଚାରିଛକ ଜୟ ମା' ଦୁର୍ଗା ବ୍ୟବସାୟିକ ସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମହାସମାରୋହରେ ଦୁର୍ଗାପୂଜା ପାଳନ ପାଇଁ ଶନିବାର ଦିନ ଗଣେଶ ଚତୁର୍ଥୀରେ ଶୁଭଖମ୍ବ ପୁରୋହିତଙ୍କ ମନ୍ତ୍ରଧ୍ୱନି ସହିତ ରୀତିନୀତି ଅନୁଯାୟୀ ସ୍ଥାପନ କରାଯାଇଛି । ଶୁଭ ଖମ୍ବ ସ୍ଥାପନ ଅବସରରେ ସଂଘର ସଭାପତି ବିଭୁଦତ୍ତ ବୋଷ, ପୂର୍ବତନ ସଭାପତି ଦିଲ୍ଲୀପ ସାହୁ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଶ୍ରୀ ବୋଷ ଚଳିତବର୍ଷ ଜଗତ ଜନନୀ ଦୁର୍ଗାପୂଜାକୁ ନେଇ ମୂର୍ତ୍ତି କାର୍ଯ୍ୟ ଶୁଭାରମ୍ଭ କରାଯିବା ସହିତ ପୂଜାରେ ଆକର୍ଷଣୀୟ ଲାଇଟ୍ ତୋରଣ, ସୁ-ଉଚ୍ଚ ମୃଣ୍ମୟ ମୂର୍ତ୍ତି ଓ ସବୁଦିନ ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ନେଇ ସୂଚନା ଦେଇଛନ୍ତି ।

# ଟ୍ରକ୍‌କୁ ଧକ୍କା ଦେଲା ବାଇକ୍:୨ ମୃତ, ଜଣେ ଗୁରୁତର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଏନ୍‌ଏଚ-୧୬ରେ ଆସି ଚାଲୁଥିବା ଅବସ୍ଥାରେ ଟ୍ରକ୍‌କୁ ବାଇକ୍ ଆରୋହୀ ଧକ୍କା ଦେବା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଅବସ୍ଥା ଗୁରୁତର ରହିଛି । ସୂଚନା ଅନୁସାରେ ଭଦ୍ରକ ଜିଲ୍ଲା ଟାଉନ୍‌ଥାନା ଅନ୍ତର୍ଗତ ବନ୍ତଛକ ଓଭର୍‌ବ୍ରିଜ୍ ଉପରେ ଏହି ଦୁର୍ଘଟଣା ଘଟିଛି । ମୃତକ ଦ୍ୱୟ ହେଲେ ପଥରାଆଡି ଗ୍ରାମର ସୌରଭ ମିଶ୍ର (୨୫) ଓ ବାରିକପୁରର ପ୍ରଶାନ୍ତ ମହାପାତ୍ରଙ୍କ ପୁତ୍ର ଶିବସୁନ୍ଦର (୨୦) । ଅନ୍ୟ ଜଣେ ଆହତଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବିଳମ୍ବିତ ରାତିରେ ୩ ଜଣ ସାଙ୍ଗ ଏକ ବାଇକ୍ ଯୋଗେ ଭଦ୍ରକ ଆରଡି ଛକରୁ ଜଣେ ପଥରଆଡି ସ୍ଥିତ ସାଙ୍ଗ ସୌରଭକୁ ଛାଡିବାକୁ ଯାଉଥିଲେ । ଏହି ସମୟରେ ବନ୍ତଛକ ଓଭରବ୍ରିଜ୍ ଉପରେ ଚଳନ୍ତା ଟ୍ରକ୍‌କୁ ଏହି ବାଇକ୍ ଆରୋହୀ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ପରେ ୩ ଜଣ ଛିଟିକି ତଳେ ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଏହି ଘଟଣାରେ ସ୍ଥାନୀୟ ପୋଲିସ୍ ଏକ ମାମଲା ରୁଜୁକରି ତଦନ୍ତ କରୁଥିବାର ଜଣାପଡିଛି ।

# ପଡ଼ୋଶୀଙ୍କୁ ବନ୍ଧୁକ ଦେଖାଇ ଜଣେ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପଡୋଶୀଙ୍କୁ ବନ୍ଧୁକ ଦେଖାଇ ଆତଙ୍କ ଖେଳାଇବା ଘଟଣା । ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ । କାନ୍ଥ ପାଚେରୀକୁ ନେଇ ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଘଟଣା ଘଟିଛି ଝାରପଡା ଦୋଳ ମଣ୍ଡପ ସାହିରେ । ରବିବାର ରାତିରେ ପୋଲିସ ସେଠାରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ବନ୍ଧୁକ ଦେଖାଇ ଆତଙ୍କ ଖେଳାଇ ଥିବାର ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ।

# ରେଳ ଉପଭୋକ୍ତା ସଂଘର ନୂଆଁଖାଇ ଭେଟ୍‌ଘାଟ୍



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ଠାରେ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘ ତରଫରୁ ଆୟୋଜିତ ହୋଇଥିଲା ନୂଆଁଖାଇ ଭେଟ୍ ଘାଟ୍ । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏବଂ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ବରଗଡ଼ ପଦ୍ମପୁର ପଦ୍ମାପଡ଼ା ରେଳପଥ ପାଇଁ ମଞ୍ଜୁରୀ ମିଳିଥିବାରୁ ସାଂସଦ ଏବଂ ସମସ୍ତ ବିଧାୟକଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିବା ସହ ସମ୍ମାନିତ କରାଯାଇଥିଲା । ସଭାକୁ ସଂଘ ସଭାପତି ପ୍ରଦୀପ ଦେବତା ଅଧକ୍ଷତା କରିଥିଲେ । କମଲ ଯୋଶୀ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରିତମ ସିଂ ମଞ୍ଚାସିନ ଥିଲେ ।

# ଦାଦାବଟି ନ ଦେବାରୁ ଘରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ:୨ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦାଦାବଟି ମାଗିବା ସହ ଧମକ ଚମକ ଦେବା ଏବଂ ଶେଷରେ ଘରେ ନିଆଁ ଲଗାଇଦେବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହରପୁରର ସୌମ୍ୟ ପ୍ରକାଶ ସିଂ (୩୪) ଓ ମଳୟ ଦଳେଇ (୨୫) । ସୂଚନାଯୋଗ୍ୟ, ଇନ୍‌ଫୋସିଟି ଥାନା ଅନ୍ତର୍ଗତ ହରପୁର ଗ୍ରାମର ବାସିନ୍ଦା ମନୋଜ କୁମାର ପୃଷ୍ଟିଙ୍କର ଗାଁ ମୁଣ୍ଡରେ ଏକ ଆଜ୍‌ବେଷ୍ଟ ଘର ରହିଛି । ଉକ୍ତ ଘରକୁ ଏକ କନ୍‌ଷ୍ଟ୍ରକ୍‌ସନ୍ କାର୍ଯ୍ୟରେ ନିୟୋଜିତ କରି କେତେକ ଦିନମଜୁରିଆଙ୍କୁ ସେ ଭଡ଼ାସୂତ୍ରରେ ଦେଇଥିଲେ । ତେବେ ଗତ ୭ ତାରିଖ ଦିନ ସୌମ୍ୟ ଓ ମଳୟ ତାଙ୍କର କେତେକ ସହଯୋଗୀଙ୍କୁ ଧରି ମନୋଜଙ୍କୁ ଏବଂ ଭଡ଼ାଟିଆଙ୍କୁ ୨ ଲକ୍ଷ ଟଙ୍କା ଦାଦାବଟି ଦେବା ପାଇଁ କହିଥିଲେ । ୮ ତାରିଖ ସକାଳ ସୁଦ୍ଧା ଦାଦାବଟି ନଦେଲେ, ଉକ୍ତ ଆଜ୍‌ବେଷ୍ଟ ଘରେ ନିଆଁ ଲଗାଇଦେବେ ବୋଲି ସେମାନେ ଧମକ ଦେଇଥିଲେ । ଏହି ଧମକ ଶୁଣି ଭଡ଼ାରେ ରହିଥିବା ଦିନମଜୁରିଆ ମାନେ ଘର ଛାଡ଼ି ପଳାଇଯାଇଥିଲେ । ଗତ ୮ ତାରିଖ ସକାଳେ ଅଭିଯୁକ୍ତମାନେ ଉକ୍ତ ଆଜ୍‌ବେଷ୍ଟ ଘରେ ନିଆଁ ଲଗାଇଦେଇଥିଲେ । ଏନେଇ ଶ୍ରୀ ପୃଷ୍ଟି ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ କରିବା ସହିତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି । ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି ।

# ଉପକୂଳ ସମୁଦ୍ରରେ କୁମ୍ଭୀର:ଲୋକେ ଆତଙ୍କିତ

**ବାହାନଗା, ନ୍ୟୁଜ୍ ବ୍ୟୁରୋ**

ଉପକୂଳବର୍ତ୍ତୀ ଅଞ୍ଚଳର ତାଳପଦା ପଞ୍ଚାୟତର ଜାମୁକା ମୁହଣାରେ ସମୁଦ୍ର ଜଳରେ ଏକ କୁମ୍ଭୀର ଭାସୁଥିବାର ଦେଖିବାକୁ ମିଳିଛି । ଫଳରେ ମତ୍ସ୍ୟଜୀବୀ ଓ ସାଧାରଣ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି । ପ୍ରକାଶଥାଉକି ଉଭୟ ବାହାନଗା ଓ ରେମୁଣା ବ୍ଲକର ଜାମୁକା ମୁହାଣ ଓ ବରଜ ଦେଉଳିରେ ଭିନ୍ନ ଭିନ୍ନ ସମୟରେ ପୂର୍ବରୁ କୁମ୍ଭୀର ଦେଖିବାକୁ ମିଳୁଥିଲା । ତେବେ ଶ୍ରୀଜଙ୍ଗ କଣ୍ଟିଆଚିରା ନିକଟରେ ମତ୍ସ୍ୟଜୀବୀଙ୍କ ଜାଲରେ ଏକ କୁମ୍ଭୀର ପଡ଼ି ମୃତ୍ୟୁବରଣ କରିଥିଲା । ସେହିପରି ବରଜଦେଉଳି ନିକଟରେ ମଧ୍ୟ ମତ୍ସ୍ୟଜୀବୀମାନେ ଏକ ୪ ଫୁଟିଆ କୁମ୍ଭୀରକୁ ଧରି ଆରୁହାବାଡ଼ ବଜାରକୁ ଆଣିବା ପରେ ବନବିଭାଗ ସେହି କୁମ୍ଭୀରକୁ ଉଦ୍ଧାର କରି ସରକାରୀ ଭାବେ ଥଇଥାନ କରିଥିଲା । ୩ ବର୍ଷ ତଳେ ତାଳପଦା ଜାମୁକା ମୁହାଣରେ ଏକ ବଉଳା କୁମ୍ଭୀର ବାହାରିବାରୁ ମତ୍ସ୍ୟଜୀବୀ ଭୟଭୀତ ହୋଇଥିଲେ । ସେତେବେଳେ ବନବିଭାଗ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଏକ ସୁରକ୍ଷା ବାଡ଼ ଲଗାଯିବ ବୋଲି କହୁଥିବାବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ । ଅନ୍ୟପଟେ ସୋମବାର ମତ୍ସ୍ୟଜୀବୀମାନେ କୁମ୍ଭୀର ଆତଙ୍କ ମମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ଧରି ଫେରୁଥିବା ବେଳେ ଏକ କୁମ୍ଭୀରକୁ ଦେଖି ଭୟଭୀତ ହୋଇଥିଲେ । ତେବେ ଜାମୁକା ମୁହାଣରେ କୁମ୍ଭୀର ଦେଖାଦେବା ପରେ ନିକଟସ୍ଥ ଏକ ବିଶାଳ ବନୀ ଜଙ୍ଗଲରେ ରହୁଥିବାର ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଦାୟିତ୍ୱରତ ଫରେଷ୍ଟର ଦେବରାଜ ରାଉତଙ୍କୁ ପଚାରିବାରୁ ଆମ ପାଖରେ କିଛି ଖବରନାହିଁ ବୋଲି କହିଛନ୍ତି । ତେବେ ଜାମୁକା ମୁହାଣରେ କୁମ୍ଭୀର ଆତଙ୍କ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଭୟ ସଞ୍ଚାର କରିଥିବାରୁ ବନବିଭାଗ ସେଥିପତି ଯତ୍ନବାନ ହୋଇ ମତ୍ସ୍ୟଜୀବୀ ଓ ଲୋକଙ୍କ ଜୀବନ ସୁରକ୍ଷିତ ରଖିବାକୁ ସଚେତନ କରାଇବା ସହ ବିଧିବଦ୍ଧ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ରାୟଗଡ଼ାରେ ସୁଭଦ୍ରା ରଥର ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**





ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ରାୟଗଡା ଜିଲ୍ଲା ଗସ୍ତ କରି ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ସୁଭଦ୍ରା ରଥକୁ ଶୁଭାରମ୍ଭ କରିବା ସହିତ ମହିଳା ମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାରୁଲ ପଟୱାରୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ନିହାର ରଞ୍ଜନ କହଁର ଏବଂ ଉପଜିଲ୍ଲାପାଳ ରୟାଗଡ଼ କଲ୍ୟାଣୀ ସଂଘମିତ୍ର ଦେବୀ ଉପସ୍ଥିତରେ ପ୍ରଚାର ପତ୍ର ଉନ୍ମୋଚନ କରିବା ସହିତ ହିତାଧିକାରୀଙ୍କୁ ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ । ଜିଲ୍ଲାରେ ୬ ଗୋଟି ରଥକୁ ମନ୍ତ୍ରୀ ଶ୍ରୀ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ପ୍ରତ୍ୟେକ ରଥ ଦୁଇଟି ବ୍ଲକ ପରିକ୍ରମା କରିବ ଏବଂ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯାଇ ସୁଭଦ୍ରା ଯୋଜନା ବିଷୟରେ ଲୋକଙ୍କୁ ସଚେତନତା କରିବ । ନୂତନ ସରକାର ସୁଭଦ୍ରା ଯୋଜନାକୁ କାର୍ଯ୍ୟକାରି କରିବାକୁ ଯାଇ ସଚେତନ ବାର୍ତ୍ତା ପ୍ରଚାର କରାଯିବ । ଏହି ରଥ ଆସନ୍ତା ୧୬ ତାରିଖ ଯାଏଁ ଜିଲ୍ଲାର ଗ୍ରାମେ ଗ୍ରାମେ ବୁଲିବ ଏବଂ ସୁଭଦ୍ରା ବାର୍ତ୍ତା ପ୍ରଚାର କରିବ । ଏହି ଯୋଜନାରେ ପ୍ରତ୍ୟେକ ମହିଳା ପାଞ୍ଚ ବର୍ଷରେ ୫୦ ହଜାର ଟଙ୍କା ପାଇବେ ଏବଂ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଲେଖାଏଁ ପାଇବେ । ଯୋଗ୍ୟ ମହିଳାଙ୍କୁ ପ୍ରତ୍ୟେକ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ବିଶ୍ୱ ମହିଳା ଦିବସରେ ପ୍ରଦାନ କରାଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିମା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଡିପିଏମ୍ ଓଏଲ୍‌ଏମ୍ ହେମନ୍ତ କୁନାର ବାଗ, ଡିପିସି ମମତା ଜିତେନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ, ସଦର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମିନାକ୍ଷୀ ଦାଶ, ସୁଜାତା ତ୍ରିପାଠୀ, ପ୍ରତିମା ଦାଶ, ଶାନ୍ତନୁ ବେହେରା, ମଧୁଲତା ଦଣ୍ଡସେନା, ଇନ୍ଦ୍ରଜିତ ନାଏକ, ଭାସ୍କର ରେଡ଼ି, ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର ମାନେ ଯୋଗଦାନ କରିଥିଲେ ।

# ରାଜଧାନୀରେ ଲଗାଣ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ମଞ୍ଚେଶ୍ୱରରୁ ଭିଏସ୍‌ଏସ୍‌ନଗର ରାସ୍ତାରେ ବଡ଼ ବଡ଼ ଖାଲ । ରାସ୍ତାରେ ପାଣି ଜମିଛି । କାଦୁଅ ପଚ ପଚ । ଟିକେ ଅନ୍ୟମନସ୍କ ହେଲେ ସିଧା ପାଣିରେ । ରାସ୍ତାରୁ ପିଚୁ ଉଠିଗଲାଣି । ରାସ୍ତାରେ କେଉଁଠି ଖାଲ ଜଣାପଡୁନି । ଗାଡ଼ି ସ୍ପିଡ୍ ଥିଲେ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟୁଛି । ଇଏ କେବଳ କିଛି ରାସ୍ତାର ଅବସ୍ଥା ନୁହେଁ, ପୁରା ଭୁବନେଶ୍ୱରର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଦିନ ବେଳେ ଯାହା ଯେମିତି ଚଳିଯାଉଛି ହେଲେ ରାତି ହେଲେ ଅବସ୍ଥା ଆହୁରି ସାଂଘାତିକ ହୋଇପଡୁଛି । ଅଧିକାଂଶ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାରୁ ଖାଲଖମା ଜଣାପଡୁନାହିଁ । ସେପଟେ ମରାମତି ପାଇଁ ପୂର୍ତ୍ତ ବିଭାଗ ଦଶହରାକୁ ଅପେକ୍ଷା କରିଥିଲାବେଳେ ଏବେ ରାଜଧାନୀର ରାସ୍ତାରେ ମୃତ୍ୟୁର ଫାଶ ବସିଛି । କେଉଁଠି ପିଚୁ ଉଠି ରାସ୍ତାରେ ଗୋଡ଼ି ପଡ଼ିଛି ତ ଆଉ କେଉଁଠି ବଡ଼ ବଡ଼ ଖାଲରେ ପାଣି ଭରି ହୋଇ ରହୁଛି । ରେଳ୍ ସଦନରୁ ଫର୍ଚୁନ୍ ଟାୱାର ରାସ୍ତା ମଧ୍ୟରେ ୧୫ରୁ ଅଧିକ ଖାଲ ରହିଛି । ରାସ୍ତାରେ ଗଲାବେଳେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଅଭିଯୋଗ ପରେବି ରାସ୍ତା କାମ କରାଯାଉନି । ଚନ୍ଦ୍ରଶେଖରପୁର ଭିତର ରାସ୍ତାର ଅବସ୍ଥା ବି ସେହିପରି । ବିଭିନ୍ନ ରାସ୍ତାରୁ ପିଚୁ ଉଠିଲାଣି । ୟୁନିଟ୍-୯ ଓ ୟୁନିଟ୍- ୩ ରାସ୍ତାରେ ବି ସାମନ ସ୍ଥିତି । ସେହିପରି ସହିଦନଗର ଭିତର ରାସ୍ତାରେ ଖାଲଖମା ଭର୍ତ୍ତି ହୋଇଛି । ଖାଲ ଯୋଗୁ ରାସ୍ତାରେ ଟ୍ରାଫିକ୍ ଭିଡ଼ ଜମୁଛି । ଖୋଦ୍ ଶାସକଦଳର ପାର୍ଟି ଅଫିସ୍ ପଛପଟ ରାସ୍ତା ଅବସ୍ଥା ଶୋଚନୀୟ । ୟୁନିଟ୍-୩, କଂଗ୍ରେସ ଭବନରୁ ସେଣ୍ଟ ଜୋଶେଫ୍ ରାସ୍ତାରେ ପାଇପ୍ ଲାଇନ୍ ଖୋଳା ହେଉଛି । ରାସ୍ତାକୁ ଖୋଳି ଛାରଖାର କରିଦେଇଛି ଡ୍ରେକୋ । ରାସ୍ତାରେ କାଦୁଅ ଭାସୁଛି । ଲୋକେ ଯିବା ଆସିବାରେ ଅସୁବିଧା ଉପୁଜୁଛି । ସେହିପରି ପୋଖରୀପୁଟ-କାର୍ଗିଲ୍ ବସ୍ତି, ପଳାଶୁଣି ରାସ୍ତାରେ ମଧ୍ୟ ସମାନ ଅବସ୍ଥା । ଜଗମୋହନ ନଗର-ପଞ୍ଚଶଖାନଗର ରାସ୍ତାକୁ ୱାଟ୍ ଖୋଳିଥିଲା । ଏହି ରାସ୍ତା ଗତ ଜାନୁଆରୀ ମାସରେ ତିଆରି ହୋଇଥିଲା । ହେଲେ ମାତ୍ର ୭ ମାସ ଭିତରେ ରାସ୍ତାରୁ ପିଚୁ ଉଠି ଗାଡିଆ ସୃଷ୍ଟି ହୋଇଛି । ନିମ୍ନମାନର କାମ ଯୋଗୁଁ ଏଭିଳି ପରିସ୍ଥିତି ହୋଇଛି ବୋଲି ଅଭିଯୋଗ ହୋଇଛି । ପୋଖରୀପୁଟ-ଗଣ୍ଡମୁଣ୍ଡା ରାସ୍ତା ଖାଲ । ନୂଆପଲ୍ଲୀ ଦମୟନ୍ତୀ ଆପାର୍ଟମେଣ୍ଟରୁ କଳିଙ୍ଗ ଷ୍ଟାଡିୟମ୍ ରାସ୍ତା ଅବସ୍ଥା ନ କହିଲେ ଭଲ । ବର୍ଷ ବର୍ଷ ଧରି ଏହି ରାସ୍ତା କାମ ହୋଇପାରିଲାନାହିଁ । ଫଳରେ ଲୋକଙ୍କ ସେହିପରି କଳିଙ୍ଗ ଷ୍ଟୁଡିଓରୁ ସମ୍ ହସ୍ପିଟାଲ୍ ରାସ୍ତାରେ ଖାଲଖମା ଭରି ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହଜାର ହଜାର ରୋଗୀ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି । ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତାକୁ ମରାମତି କରାଯାଉନି । ସେହିପରି ଟଙ୍କପାଣି ରୋଡ ରାସ୍ତା ନିର୍ମାଣ ହେଉଛି ହେଲେ ଏହି ରାସ୍ତା କାମ ସରୁନଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ବର୍ତ୍ତମାନ ଅଧିକାଂଶ ରାସ୍ତା ପାଇଁ ଟେଣ୍ଡର ସରିଛି । ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ରାସ୍ତା କାମ ହେବ । ୩ରୁ ୪ ଦିନ ଭିତରେ ଖାଲଖମା ମରାମତି ହେବ । ରେଡିମିକ୍ସ ପକାଯିବ । ଏହି ରେଡିମିକ୍ସ ଓଆଇସି ଠାରୁ କିଣା ହେବ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ସେପ୍ଟେମ୍ବର ୨୦୨୪ ବୁଧବାର





# ପେଟ୍ରୋଲ ଟ୍ୟାଙ୍କରରେ ବିସ୍ଫୋରଣ:୪୮ ମୃତ

**ନାଇଜର, ନ୍ୟୁଜ୍ ବ୍ୟୁରୋ**

ନାଇଜେରିଆରେ ଏକ ପେଟ୍ରୋଲ୍ ଟ୍ୟାଙ୍କରରେ ହୋଇଥିବା ବିସ୍ଫୋରଣରେ ୪୮ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ନାଇଜେରିଆର ସମାଚାର ପତ୍ର ପ୍ରିମିୟମ୍ ଟାଇମ୍ସ ମୁତାବକ, ଏହି ଦୁର୍ଘଟଣା ଉତ୍ତର-ମଧ୍ୟ ରାଜ୍ୟ ନାଇଜର୍‌ରେ ବିଦା ଅଗାଇ-ଲାପାଇ ରାଜପଥରେ ଦ୍ୱିପ୍ରହର ସାଢେ ୧୨ଟାରେ ହୋଇଛି । ନାଇଜର ଏମରଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସିର ମହାନିର୍ଦ୍ଦେଶକ ଅବ୍‌ଦୁଲା ବାବା ଅରା ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଲାଗୋ ଅଭିମୁଖେ କାନୋ ରାଜ୍ୟର ଭୁଡିଲରୁ ଯାତ୍ରୀ ଓ ଗୋରୁ ବୋଝେଇ ଟ୍ରେଲର ଟ୍ରକ୍ ସହିତ ପେଟ୍ରୋଲ୍ ପୂର୍ଣ୍ଣ ଏକ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ୪୮ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ୫୦ରୁ ଅଧିକ ଲୋକ ଜୀବନ୍ତ ଜଳିଯାଇଛନ୍ତି । ଘଟଣାସ୍ଥଳରେ ରେସକ୍ୟୁ ଅପରେସନ୍ ଜାରି ରହିଛି ।

# ରାୟଗଡ଼ା ଦେଇ ଚାଲିବ ବନ୍ଦେ ଭାରତ ଏକ୍ସପ୍ରେସ୍

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୫ ତାରିଖରେ ଓଡ଼ିଶାରେ ଚାଲିବ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ । ଏହି ୩ଟି ଏକ୍ସପ୍ରେସ୍ ଟ୍ରେନ୍‌କୁ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେଥିମଧ୍ୟରୁ ଗୋଟିଏ ଏକ୍ସପ୍ରେସ୍ ଟାଟାନଗରରୁ ବ୍ରହ୍ମପୁର ଚାଲିବ । ଯାହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କେନ୍ଦୁଝର ଦେଇଯିବ । ରବିବାର ଏହାର ପରୀକ୍ଷାମୂଳକ ଚଳାଚଳ ସରିଛି । ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ହାଓଡ଼ାରୁ ରାଉରକେଲା ଚାଲିବ । ଯାହା ହାଓଡ଼ାରୁ ଛାଡ଼ିବା ପରେ ଖଡ଼ଗପୁର, ଟାଟାନଗର ଓ ଚକ୍ରଧରପୁର ହୋଇ ରାଉରକେଲାରେ ପହଞ୍ଚିବ । ତୃତୀୟ ବନ୍ଦେ ଭାରତ ରାୟପୁରରୁ ବିଶାଖାପାଟଣା ଯିବ ଯାହା ରାୟପୁର ଛାଡ଼ିବା ପରେ ମହାସମୁନ୍ଦ ହୋଇ ଖରିଆର ରୋଡ୍, କଣ୍ଟାବାଞ୍ଜି, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ା ଦେଇ ଯିବ । ବିଶାଖାପାଟଣା ପହଞ୍ଚିବା ପୂର୍ବରୁ ବିଜୟନଗରମ୍‌ରେ ଏହି ଟ୍ରେନ୍ ରହଣି ବ୍ୟବସ୍ଥା ଅଛି । ଉଲ୍ଲେଖଯୋଗ୍ୟ, ନୂତନ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ମିଳିବା ପରେ ଓଡ଼ିଶାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ସଂଖ୍ୟା ୬ରେ ପହଞ୍ଚିବ । ଏହା ରାଜ୍ୟରେ ପରିବହନ ସେବାକୁ ତ୍ୱରାନ୍ୱିତ କରିବ ବୋଲି ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ମତ ଦେଇଛନ୍ତି । ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ଓଡ଼ିଶାରୁ ରାଜ୍ୟ ସଭାକୁ ଯିବା ପରେ ଓଡ଼ିଶାରେ ରେଳବାଇକୁ ଅଧିକ ବଜେଟ୍ ମିଳିବା ସହିତ ରେଳର ପ୍ରଗତି ଆଶାତୀତ ଭାବେ ବଢ଼ିଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି । ଶୀଘ୍ର ଭୁବନେଶ୍ୱର ବିଶ୍ୱ ସ୍ତରୀୟ ରେଳ ଷ୍ଟେସନ୍ କାମ ସରିବ । ଏହା ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।

# ନୂଆଁଖାଇ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ସାମାଜିକ ଜୀବନଧାରାର ଉଜ୍ଜ୍ୱଳ ପ୍ରତୀକ:ଧର୍ମେନ୍ଦ୍ର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ନୂଆଁଖାଇ ଆମର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ସାମାଜିକ ଜୀବନଧାରାର ଉଜ୍ଜ୍ୱଳ ପ୍ରତୀକ । ଏହି ପର୍ବ ସମସ୍ତଙ୍କୁ ମିଳିମିଶି କରି ରହିବାର ମହତ ବାର୍ତ୍ତା ଦେଉଛି । ସମ୍ବଲପୁର ଲୋକସଭାର ସେବକ ଭାବେ ଦାୟିତ୍ୱ ନେବା ପରେ ମା' ସମଲେଇଙ୍କ ଆଶୀର୍ବାଦ ନେଇ ନୂଆଁଖାଇ ପାଳନ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ବୋଲି ରବିବାର ସମ୍ବଲପୁରରେ ନୂଆଁଖାଇ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆଁଖାଇ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ବ୍ୟକ୍ତିବିଶେଷଙ୍କ ସହ ମା' ସମଲେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ପରେ ସେଠାରେ ମନ୍ଦିର ପରିସରରେ ନବାନ୍ନ ଗ୍ରହଣ କରିଥିଲେ । ନନ୍ଦପଡ଼ା ଠାରେ ଅବସରପ୍ରାପ୍ତ କୃଷି ଅଫିସର ମଦନ ମୋହନ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣ ମଞ୍ଜରୀ ମିଶ୍ରଙ୍କ ପରିବାର ସଦସ୍ୟଙ୍କ ସହିତ ମଧ୍ୟ କେନ୍ଦ୍ରମନ୍ତ୍ରୀ ନିଜେ ନବାନ୍ନ ଖାଇଥିଲେ । ଏହା ବ୍ୟତିତ ସମ୍ବଲପୁର କ୍ଷେତରାଜପୁର ଠାରେ ଓଡ଼ିଶା ପ୍ରାନ୍ତୀୟ ମାରଓ୍ୱାଡ଼ି ଯୁବାମଞ୍ଚ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍-୨୦୨୪ରେ ମଧ୍ୟ ଯୋଗଦେଇଥିଲେ । କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଏକତା, ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନାର ପର୍ବ ନୂଆଁଖାଇ କଳା, ସଂସ୍କୃତି, କୃଷି ଓ ଭାଇଚାରାର ଅନନ୍ୟ ପର୍ବ । ଆନନ୍ଦ ଓ ଉଲ୍ଲାସ ମନାଇବାର ମହାନ୍ ଅବସର । ଓଡ଼ିଶାର ପାରମ୍ପରିକ ପର୍ବ ନୂଆଁଖାଇରେ ନବାନ୍ନର ସ୍ୱତନ୍ତ୍ରତା ରହିଛି । ପରିବାର ସଦସ୍ୟଙ୍କ ସହ ମିଳିମିଶି କରି ଖାଇବା ସହ ସମାଜରେ ସୁଖ, ଶାନ୍ତି ଓ ପ୍ରତିଷ୍ଠାର ମହତ ବାର୍ତ୍ତା ଦେଉଛି ନୂଆଁଖାଇ । ସମ୍ବଲପୁର ଲୋକସଭାର ସେବକ ଭାବେ ଦାୟିତ୍ୱ ନେବା ପରେ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ନୂଆଁଖାଇ ପାଳନ କରିବା ମୋ ପାଇଁ ଆନନ୍ଦର ବିଷୟ । ସମାଜ ନିର୍ମାଣରେ କୃଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂଆଁଖାଇ ଭଳି ଦିନରେ କୃଷକ ବନ୍ଧୁଙ୍କ ବିକାଶ ପାଇଁ ଓଡ଼ିଶାରେ ସି.ଏମ କିଷାନ ଯୋଜନାର ଶୁଭାରମ୍ଭ ସହ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଆନୁଷ୍ଠାନିକ ଭାବେ ହେବା ଯୁଗାନ୍ତକାରୀ ପଦକ୍ଷେପ । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଆମ ଓଡ଼ିଶା ଓ ଭାରତ ଆହୁରି ପ୍ରଗତି ପଥରେ ଯାଉ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।




# ପୂଜା ମଣ୍ଡପରେ ବୁଲିଲା ଖଣ୍ଡା:୩ ଗିରଫ, ଖଣ୍ଡା ଜବତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂଜା ମଣ୍ଡପରେ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ଅଭିଯୋଗରେ ୩ ଲୋକାଲ୍ ଦାଦାଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୋଲିସ । ସେମାନେ ହେଲେ ଚକେଇସିଆଣି ମା' ଭଗବତୀ ବସ୍ତିରେ ରହୁଥିବା କଟକ ବାଙ୍କୀର ଶତ୍ରୁଘ୍ନ ବେହେରା (୧୯), ସେହି ବସ୍ତିରେ ରହୁଥିବା କଟକ ବାଙ୍କୀର ବବୁଲ ବେହେରା (୧୯) ଓ ପୁରୀ ଡେଲାଙ୍ଗର ଚନ୍ଦନ ବେହେରା (୨୩) । ପୋଲିସ ସେମାନଙ୍କ ଠାରୁ ଏକ ଖଣ୍ଡା ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ, ରାତିରେ ଚକେଇସିଆଣି ଗଣେଶ ପୂଜା ମଣ୍ଡପରେ ମେଲୋଡ଼ି କାର୍ଯ୍ୟକ୍ରମ ଚାଲିଥିଲା । ରାତି ୧୦ଟାରେ ଶତ୍ରୁଘ୍ନ ଓ ଚନ୍ଦନ ସେଠାରେ ସର୍ବସାଧାରଣ ରାସ୍ତା ଉପରେ ବାଇକ୍ ରଖି ଲୋକମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ସମେଇଗଡ଼ିଆର ମଳୟ କୁମାର ପତି ଓ କିଛି ପୂଜା କମିଟି ସଦସ୍ୟ ସେମାନଙ୍କୁ ଏପରି କରିବାକୁ ବାରଣ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଦୁଇଜଣ ସେମାନଙ୍କୁ ଧମକ ଚମକ ଦେଇ ସେଠାରୁ ପଳାଇଥିଲେ । ପରେ ସେମାନେ ୫/୬ ଜଣ ସହଯୋଗୀଙ୍କୁ ଧରି ଖଣ୍ଡା ଓ ଭୁଜାଲି ଧରି ପୂଜା ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ଖଣ୍ଡା ଓ ଭୁଜାଲି ବୁଲାଇ ଆତଙ୍କ ଖେଳାଇଥିଲେ । ପୂଜା କମିଟିର ସମସ୍ତ ସଦସ୍ୟ ଏକାଠି ହୋଇ ଘେରିଯିବାରୁ ସେମାନେ ଖଣ୍ଡା ବୁଲାଇ ସେଠାରୁ ପଳାଇଥିଲେ । ରାତିରେ ଏନେଇ ମଳୟ କୁମାର ପତି ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁକରି ସକାଳେ ଶତ୍ରୁଘ୍ନ, ବବୁଲ ଓ ଚନ୍ଦନଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ଏକ ଖଣ୍ଡା ଜବତ କରିଥିଲା । ଅପରାହ୍ନରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଏହି ମାମଲାରେ ସଂପୃକ୍ତ ଅନ୍ୟମାନେ ଫେରାର୍ ଅଛନ୍ତି ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।



# ୪ ବାଲି ମାଫିଆ ଗିରଫ:୫ ଟ୍ରାକ୍ଟର ଜବତ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବୁଡିକୁଦ ବାଲି ଘାଟରୁ ଦିନ ରାତି ପ୍ରଶାସନକୁ ବେଖାତିର କରି ବାଲି ମାଫିଆମାନେ ବାଲି ନେଉଥିବା ବେଳେ ଆନନ୍ଦପୁର ପୋଲିସର ଅଚାନକ ଚଢ଼ଉରେ ବାଲି ମାଫିଆଙ୍କ ନିଦ ହଜିଥିବା ବେଳେ ୫ଟି ଟ୍ରାକ୍ଟର୍‌କୁ ଜବଦ କରିବା ସହ ୪ ଜଣ ଗାଡି ଚାଳକଙ୍କୁ ଆନନ୍ଦପୁର ଥାନାକୁ ଆଣିଥିବାବେଳେ ସେମାନଙ୍କୁ କୋର୍ଟ ଚାଲାଣ କରିଥିବାର ସୂଚନା ମିଳିଛି । ଏହି ଚଢ଼ଉ ସମୟରେ ବଡ଼ ବଡ଼ ବାଲି ମାଫିଆ ଖସିଯାଇଥିବାର ଜଣାପଡିଛି ।

# ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ବେହାଲ୍:ପୋଟେରୁ ଗାଁରେ ପଶିଲା ବନ୍ୟାଜଳ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଲଗାଣ ବର୍ଷା ଯୋଗୁ ବେହାଲ୍ ହୋଇପଡ଼ିଛି ମାଲକାନଗିରି ଜିଲ୍ଲା । ଜିଲ୍ଲାର ଅନେକ ଅଞ୍ଚଳରେ ବର୍ଷା ପାଣି ଜମି ରହିଛି । ପୋଟେରୁ ପୋଲ ଉପରେ ୫ରୁ ୬ ଫୁଟ୍ ବନ୍ୟା ପାଣି ଯିବା ସହ ପୋଟେରୁ ଗାଁ ପାଣିରେ ବୁଡି ରହିଛି । ସୁଅ ପ୍ରଖର ଥିବାରୁ ଲୋକେମାନେ ଯିବା ଆସିବା କରିବା ସମ୍ଭବପର ହୋଇପାରୁନାହିଁ । ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଛି । ସେହିପରି କାଲିମେଳାରୁ ମୋଟୁକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏମଭି ୭, ଏମଭି ୯୦, ଏମଭି ୯୬ ପୋଲ ଓ କାଙ୍ଗୁରୁକୋଣ୍ଡା ବ୍ରିଜ୍ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି । ମାଲକାନଗିରି ଜିଲ୍ଲାର ପ୍ରବେଶ ପଥ ପାଙ୍ଗାମ ପୋଲ ଉପରେ ମଧ୍ୟ ବନ୍ୟା ଜଳ ୪ ଫୁଟ୍ ଉପରେ ପ୍ରବାହିତ ହେଉଥିବାରୁ ମାଲକାନଗିରିରୁ କୋରାପୁଟ ଜିଲ୍ଲାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ସମ୍ପୂର୍ଣ୍ଣ ଜାତୀୟ ରାଜପଥ ବୁଡ଼ି ଯାଇଥିବା ଯୋଗୁ ଦୁଇ ଜିଲ୍ଲାକୁ ଯାତାୟାତ ସମ୍ଭବ ହୋଇପାରୁନି । କାଲିମେଳା-ପଡିଆ ରାସ୍ତାର କନ୍ୟାଶ୍ରମ ବ୍ରିଜ୍ ଉପରେ ୪ ଫୁଟ୍ ବନ୍ୟା ଜଳ ଯାଉଥିବାରୁ ଏହି ରାସ୍ତାରେ ଲୋକଙ୍କ ଯାତାୟାତ ବନ୍ଦ ରହିଛି । ଏହିପରି ଜିଲ୍ଲାର ଅନେକ ଅଞ୍ଚଳରେ ବୁଡ଼ି ରହିଛି ପୋଲ । ପୋଟେରୁ ସହର ଭିତରେ ପାଣି ପଶିବା ସହ ଲୋକଙ୍କ ଘରେ ମଧ୍ୟ ପଶିଯାଇଛି । ପ୍ରତିବର୍ଷ ମାଲକାନଗିରି ଜିଲ୍ଲାରେ ବର୍ଷା ଦିନରେ ଏପରି ସ୍ଥିତି ଉପୁଜିଥାଏ । ମାଲକାନଗିରି ଜିଲ୍ଲାର କିଛି ଅଞ୍ଚଳ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ । ଲୋକେମାନେ ଖାଇବା ଓ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ହେଲେ ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ୍ ରହିଥାଏ । ସେହି ସମୟରେ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ସେମାନଙ୍କୁ ରନ୍ଧା ଖାଦ୍ୟ ଦେଇ କାମ ସାରିଦେଇଥାଏ । ହେଲେ ତଳିଆ ଅଞ୍ଚଳର ଲୋକେ କିପରି ବର୍ଷା ଦିନେ ହଇରାଣ ହରକତ ନହେବେ ସେନେଇ ପ୍ରଶାସନ କୌଣସି ସ୍ଥାୟୀ ବ୍ୟବସ୍ଥା କରିନଥାଏ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ରେଭେନ୍ସାକୁ ନେଇ ଅମୁନି ରାଜନୀତି:ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ

**କଟକ, ନ୍ୟୁଜ୍ ବ୍ୟୁରୋ**



ରେଭେନ୍ସାକୁ ନେଇ ଅମୁନି ରାଜନୀତି । ନାଁ ପରିବର୍ତ୍ତନକୁ ନେଇ ବିତର୍କ ହେବା ଦରକାର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଥିଲେ । ହେଲେ ଏହାକୁ ନେଇ ବିଜେଡି ନେତା ବିତଣ୍ଡା ଯୁକ୍ତି କରିବା ସହିତ ଶୃଙ୍ଖଳା ରାଜନୀତି କରୁଛନ୍ତି । ଯାହାକୁ ନେଇ ଏବେ ପୁରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି । କ୍ୟାମ୍ପସ୍‌ରେ ଗଣ୍ଡଗୋଳ ସହିତ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି । ସ୍ଥିତି ଅଣାୟତ୍ତ ହେବାରୁ କଟକ ଡିସିପିଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚିଠି ଲେଖିଛନ୍ତି । ଆନ୍ଦୋଳନ ପାଇଁ କ୍ୟାମ୍ପସ୍‌ରେ ବିଭିନ୍ନ ସଂଗଠନ ଓ ଅଣଛାତ୍ରଙ୍କ ପ୍ରବେଶରୁ ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ଉଲ୍ଲେଖ କରି ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯେଉଁଥିଲାଗି କ୍ୟାମ୍ପସ୍‌ରେ ମୁତୟନ ହୋଇଛନ୍ତି । ପୋଲିସ ରେଭେନ୍ସା ପ୍ରସଙ୍ଗକୁ ନେଇ ବିଧାନସଭାରେ ସରଗରମ୍ ଆଲୋଚନା । ତୁତୁ-ମେମେ ହୋଇଛନ୍ତି ଶାସକ ବିରୋଧୀ । ଶୂନ୍ୟକାଳରେ ବିରୋଧୀ ବିଜେଡି ବିଧାୟକ ବ୍ୟୋମକେଶ ରାୟ ଏହି ପ୍ରସଙ୍ଗ ଉଠାଇ ଅଭିଯୋଗ କରିଥିଲେ, କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ପରେ ଛାତ୍ର ଆନ୍ଦୋଳନ ତୀବ୍ର ହେଉଛି । ତେଣୁ ମୁଖ୍ୟମନ୍ତ୍ରୀ ଏ ନେଇ ତୁରନ୍ତ ଗୃହରେ ବିବୃତ୍ତି ରଖନ୍ତୁ । କଂଗ୍ରେସ ମଧ୍ୟ ସମାନ କଥା ଉଠାଇ ନାଁ ପରିବର୍ତ୍ତନ ହେବକି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ଦାବି କରିଥିଲେ । ସେପଟେ ଜବାବରେ ବିଜେପି କହିଛି, କେନ୍ଦ୍ରମନ୍ତ୍ରୀ ବିତର୍କ କଥା କହିଛନ୍ତି । ନାଁ ବଦଳିବା କଥା ନେଇ ଆଲୋଚନା ପାଇଁ କହିଛନ୍ତି । ଜାଣିଶୁଣି ତାହାକୁ ରାଜନୀତି କରାଯାଇ ଗୃହର ବହୁମୂଲ୍ୟ ସମୟ ନଷ୍ଟ କରାଯାଉଥିବା କହିଛନ୍ତି ବିଧାୟକ ଇରାଶିଷ ଆଚାର୍ଯ୍ୟ । ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିତର୍କର ଆବଶ୍ୟକତା ଥିବା କହି, ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ସ୍ପଷ୍ଟ କରିଥିଲେ । ହେଲେ ତାହାକୁ ନେଇ କାହିଁକି ତେଜୁଛି ରାଜନୈତିକ ବୟାନବାଜି ? କୁହାଯାଉଛି, ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରୁ ରାଜନୈତିକ ଫାଇଦା ନେବା ଲୋଭରୁ ବର୍ତ୍ତିପାରୁନାହାନ୍ତି ବିରୋଧୀ । ଖାସ୍ କରି ବିଜେଡି ଏ ପ୍ରସଙ୍ଗରୁ ବେଶି ରାଜନୀତି କରୁଛି । ହେଲେ କୌଣସି ଲାଭ ହେବନି ବୋଲି କହିଲେଣି ବୁଦ୍ଧିଜୀବୀ । ତେବେ କିଏ ଏହି ରେଭେନ୍ସା ସାହେବ ? ୧୮୬୬ରେ ହୋଇଥିବା ଓଡ଼ିଶା ଇତିହାସର ସବୁଠୁ ବଡ଼ ବିପତ୍ତି ନଅଙ୍କ ଦୁର୍ଭିକ୍ଷରେ ତାଙ୍କର କଣ ଥିଲା ଭୂମିକା ? ବ୍ୟାସ କବି ଫକୀର ମୋହନ ସେନାପତି ନିଜ ଆତ୍ମ ଜୀବନୀରେ ଲେଖିଛନ୍ତି କମିଶନର ସାହେବ ଗଭର୍ଣ୍ଣରଙ୍କୁ ଲେଖିଲେ - ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିପାରେ ମାତ୍ର ଦେଶ ମଧ୍ୟରେ ଅନେକ ଧାନ ମହଜୁଦ୍ ଅଛି । ସେଥିରେ ବର୍ଷକ ଚଳିପାରିବ । କମିଶନର ସାହେବ ବଡ଼ ଭୁଲ୍ କଲେ ଓଡ଼ିଶାରେ ପ୍ରକୃତରେ ଏତେ ଧାନ ମହଜୁଦ୍ ଅଛି କି ନାହିଁ, ପୁଣି ଯେଉଁମାନଙ୍କ ଘରେ ଧାନ ମହଜୁଦ୍ ଅଛି ସାଧାରଣ ସଂକଟ ସମୟରେ ସେମାନେ ସେହି ଧାନ ବିକ୍ରୟ ବା ବିତରଣ କରିବେ କି ନାହିଁ କଥାଟା ଭଲରୂପେ ତଦନ୍ତ କରି ଗଭର୍ଣ୍ଣରଙ୍କୁ ଜଣାଇବା ଉଚିତ୍ ଥିଲା । ହେଲେ ସେ ସେମିତି କିଛି ଦାୟିତ୍ୱ ନିଭାଇ ନଥିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ପୋକ ମାଛ ପରି ଜୀବନ ହରାଇଥିଲେ । ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ନିଜ ବ୍ୟକ୍ତିଗତ ମତ ବୋଲି ସ୍ପଷ୍ଟ କରିବା ପରେ ବି ଯେଉଁପରି ଭାବରେ ରାଜନୀତି ହେଉଛି ତାହାକୁ ସାଧାରଣରେ ନିନ୍ଦା କରାଯାଉଛି ।

# କିମ୍ସ୍ ଫିଜିଓଥେରାପି ସ୍କୁଲ୍‌ରେ ଖୁବ୍‌ଶୀଘ୍ର ରୋବୋଟିକ୍ ପୁନର୍ବାସ ୟୁନିଟ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କିମ୍ସ୍ ଫିଜିଓଥେରାପି ସ୍କୁଲ୍‌ରେ ଖୁବ୍‌ଶୀଘ୍ର ଏକ ରୋବୋଟିକ୍ ପୁନର୍ବାସ ୟୁନିଟ୍ ସ୍ଥାପନ ହେବ । ଏହା ଦ୍ୱାରା ଫିଜିଓଥେରାପି ଆବଶ୍ୟକ କରୁଥିବା ବହୁ ରୋଗୀ ଉପକୃତ ହୋଇପାରିବେ । କିମ୍ସ୍‌ରେ ବିଶ୍ୱ ଫିଜିଓଥେରାପି ଦିବସ ପାଳନ ଅବସରରେ ଏହା ସୂଚନା ଦିଆଯାଇଛି । କିମ୍ସ ଫିଜିଓଥେରାପି ସ୍କୁଲ ଉନ୍ନତ ଚିକିତ୍ସା ଯୋଗାଇ ଦେବା ସହ ଗବେଷଣା ଉପରେ ମଧ୍ୟ ସମାନ ଧ୍ୟାନ ଦେଉଛି । ଏଥିପାଇଁ ଏକ ଗ୍ୟାଟ୍ ଲ୍ୟାବ୍, ରିସର୍ଚ୍ଚ ଲ୍ୟାବ୍ ସହ ଏକ ରୋବୋଟିକ୍ ପୁନର୍ବାସ ୟୁନିଟ୍ ଭଳି ବିଶେଷ ସୁବିଧା କରିବା ପାଇଁ ସ୍ଥିର ହୋଇଥିବା ସ୍କୁଲ୍‌ର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡା. ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି । ଚଳିତ ବର୍ଷ ବିଶ୍ୱ ଫିଜିଓଥେରାପି ଦିବସର ବିଷୟ ବସ୍ତୁ ରହିଛି । ଲୋୟର ବ୍ୟାକ୍ ପେନ୍ ଆଣ୍ଡ ଦି ରୋଲ୍ ଅଫ୍ ଫିଜିଓଥେରାପି ଇନ୍ ଇଟ୍‌ସ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ପ୍ରିଭେନ୍‌ସନ୍ ଡା. ଦାଶ କହିଲେ, ୧୨ରୁ ୨୫ ବର୍ଷ ବୟସର ପ୍ରାୟ ୩୦ରୁ ୪୦ ପ୍ରତିଶତ ଯୁବ ପିଢ଼ି ପିଠି ଯନ୍ତ୍ରଣା ଭୋଗୁଛନ୍ତି । ଏହାର କାରଣ ହେଉଛି ସେମାନେ ସକାଳର ସୂର୍ଯ୍ୟକିରଣ ପାଇପାରୁନାହାନ୍ତି । ଫଳରେ ସେମାନଙ୍କ ଠାରେ ଭିଟାମିନ ଡି-୩ର ଅଭାବ ଦେଖାଯାଉଛି । ଏହା ସାଙ୍ଗକୁ ଶରୀର ତତ୍ତ୍ୱ ବିଷୟରେ ସେମାନେ ସଚେତନ ହେଉନଥିବା ବେଳେ ଆଜିକାଲିର ଆଧୁନିକ ଜୀବନଶୈଳୀ ପାଇଁ ଏହି ସମସ୍ୟା ଦେଖାଯାଉଛି । ଏହି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ବ୍ୟାୟାମ, ମାନୁଆଲ୍ ଥେରାପି ଓ ଆବଶ୍ୟକ ତାଲିମ୍ ମଧ୍ୟ କିମ୍ସ୍ ଫିଜିଓଥେରାପି ବିଭାଗରେ ଦିଆଯାଉଛି । ତେବେ ରୋଗୀଙ୍କୁ କେବଳ ଆରାମ ପ୍ରଦାନ କରିବା ନୁହେଁ, ବରଂ ରୋଗୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ । ଏହି ସମସ୍ୟାରୁ ମୁକ୍ତ ରଖିବା କିମ୍ସ ଫିଜିଓଥେରାପି ବିଭାଗ ଲକ୍ଷ୍ୟ ରଖିଛି ବୋଲି ଡା. ଦାଶ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କିମ୍ସ୍‌ର ଉପଦେଷ୍ଟା ଡା. ଆର.ଏନ୍ ସାମନ୍ତ, ଅଧ୍ୟକ୍ଷ ଡା.ଏ.ପି. ମହାନ୍ତି, ଡା. ଆର.ସି ଦାସ, ଡା. ଅର୍କେଶ ପଟ୍ଟନାୟକ ଓ ଡା.ଜ୍ୟୋତି ରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ମେଡିକାଲ୍‌ରୁ ବିଶେଷଜ୍ଞମାନେ ଯୋଗ ଦେଇଥିଲେ ।




# ବାୟୋଫ୍ଲକ ଟାଙ୍କିରେ ପଡ଼ି ଯୁବକ ମୃତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବାୟୋଫ୍ଲକ ଟାଙ୍କିରେ ପଡି ଯୁବକଙ୍କର ମୃତ୍ୟୁ ଘଟିଥିବାର ଜଣାପଡିଛି । ମୃତ ବ୍ୟକ୍ତି ଜଣକ ହେଲେ ପାହାଡପୁର ଗ୍ରାମର ପ୍ରସନ୍ନ ଦାସଙ୍କ ପୁତ୍ର ବାସୁଦେବ (୨୯) । ଏଠାରେ ସୂଚନାଥାଉକି ବିଜୟ ପାଟଣା ଗାଁର ନାରାୟଣ ପରିଡାଙ୍କ ଘରେ ବାୟୋଫ୍ଲକ ମାଛ ଚାଷରେ କାମ କରୁଥିଲା ବାସୁଦେବ । କୌଣସି କାରଣରୁ ଟାଙ୍କିରେ ପଡିଯାଇଥିଲା । ସେଠାରେ ଉପସ୍ଥିତ ଥିବା ଲୋକ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୧।୯।୨୦୨୪, ଭାଦ୍ରବ ଦି୨୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୩।୨୦** **ଚନ୍ଦ୍ରୋଦୟ- ଦିଘ୧୨।୨୦।୧୦**

**ଅଷ୍ଟମୀ-** ରାଘ ୧୧।୪୭ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ରାଶି-** ରାଘ ୯।୨୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୯।୨୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୯।୨୦ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୧୧।୪୭ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୧୫ ମଧ୍ୟେ । ଦିଘ ୧।୪୫ ଗତେ ଘ ୪।୫୮ ମଧ୍ୟେ । **ପର୍ବୋତ୍ସବ -** ରାଧାଷ୍ଟମୀ, ଦୁର୍ବାଷ୍ଟମୀ, ଅତିବଡ଼ିଙ୍କ ଜୟନ୍ତୀ, ଦେବୀଙ୍କ ଶୟନୋତ୍ସବ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବହୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣର ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତି କର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

# ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ହାଣିଦେଲେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣିଦେଲେ ଦୁର୍ବୃତ୍ତ । ଏଭଳି ଅଭାବନୀୟ ଘଟଣା ଘଟିଛି ଫତେଗଡ ଥାନା ଭଗବାନପୁର ଗାଁରେ । ଯୁବକଙ୍କୁ ଗୁରୁତର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଯୁବକ ଜଣକ ହେଉଛନ୍ତି ଅଖିଳ କୁମାର ସାହୁ । ଖବରପାଇ ଘଟଣାସ୍ଥଳରେ ଫତେଗଡ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୨।୯।୨୦୨୪, ଭାଦ୍ରବ ଦି୨୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୩।୩୨** **ଚନ୍ଦ୍ରୋଦୟ- ଦିଘ୧୧।୧୮।୦୪**

**ନବମୀ-** ରାଘ ୧୧।୩୩ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର -** ରାଘ ୯।୫୧ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧୧।୧୩ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୧୫ ମଧ୍ୟେ । ଦିଘ ୧୦।୩୦ ଗତେ ଘ ୧୨।୫୫ ମଧ୍ୟେ । **ପର୍ବୋତ୍ସବ -** ତାଳ ନବମୀ, ଠାକୁର ଅନୁକୂଳ ଚନ୍ଦ୍ର ଜୟନ୍ତୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଜାତୀୟ ଅର୍ଥନୀତିକୁ ଓଡ଼ିଶାର ଅବଦାନ

ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ପ୍ରତି ଓଡ଼ିଶା ଅର୍ଥନୀତିର ଅବଦାନ ବୃଦ୍ଧି ପାଇଛି। ସଦ୍ୟତମ ତଥ୍ୟ ଅନୁସାରେ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୯ ପ୍ରତିଶତ ହୋଇଛି। ରାଜ୍ୟ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ୨୦୨୨-୨୩ରେ ଏହି ହାର ୨.୮ ପ୍ରତିଶତ ଥିଲା। ୨୦୧୧-୧୨ ବେଳକୁ ତାହା ୨.୬୪ ପ୍ରତିଶତ ଥିଲା। କେନ୍ଦ୍ର ସରକାରଙ୍କ ସଦ୍ୟତମ ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ଦେଶର ଜିଡିପି ପରିମାଣ ବର୍ତ୍ତମାନ ମୂଲ୍ୟରେ ୭୧.୬୬ ଲକ୍ଷ କୋଟି ଟଙ୍କା ରହିଛି। ଦେଶର ଅର୍ଥନୀତିକୁ ମହାରାଷ୍ଟ୍ରର ଅବଦାନ ସର୍ବାଧିକ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଉତ୍ତରପ୍ରଦେଶ। ତାମିଲନାଡୁ, ଗୁଜରାଟ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ଅତିକ୍ରମ କରି ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। 'ସିଓଆଇସି' ତଥ୍ୟ ଅନୁସାରେ ଦେଶର ଅର୍ଥନୀତିକୁ ଅବଦାନ ଅନୁସାରେ ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ର ଭଳି ପଡ଼ୋଶୀ ରାଜ୍ୟଠାରୁ ଓଡ଼ିଶା ପଛୁଆ ଥିବା ବେଳେ ଛତିଶଗଡ଼ ଓ ଝାଡ଼ଖଣ୍ଡଠାରୁ ଆଗରେ ରହିଛି। ଦେଶର ଜିଡିପି ପ୍ରତି ପଶ୍ଚିମବଙ୍ଗର ଅବଦାନ ୭.୫ ପ୍ରତିଶତ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ପୁରାଣର ବର୍ଣ୍ଣନା- କେତେ ସତ ?



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କୁହାଯାଏ ଯେ ସୂର୍ଯ୍ୟଙ୍କଠାରୁ ଦଶହଜାର ଯୋଜନ ତଳେ ରହି ଗ୍ରହରାଜ ରାହୁ ଅନ୍ୟ ନକ୍ଷତ୍ରମାନଙ୍କ ଭଳି ନିଜ କକ୍ଷରେ ବୁଲୁଥାନ୍ତି। ସିଂହୀଙ୍କର ପୁତ୍ର ରାହୁ ହେଉଛନ୍ତି ଜଣେ ଅଧମ ଅସୁର ଏବଂ ଏହିଭଳି ଉଚ୍ଚପଦ ପାଇବା ନିମନ୍ତେ ତାଙ୍କର ଯୋଗ୍ୟତା ଆଦୌ ନଥିଲା। କେବଳ ବିଷ୍ଣୁଙ୍କ ଅନୁଗ୍ରହରୁ ସେ ଉଚ୍ଚପଦର ଦେବତ୍ୱ ପ୍ରାପ୍ତ ହୋଇଥିଲେ। ସୂର୍ଯ୍ୟଙ୍କୁ ଘେରି ରହିଥିବା ଉତ୍ତପ୍ତ ମଣ୍ଡଳର ବିସ୍ତାର ରହିଛି ଦଶହଜାର ଯୋଜନ। ସେହିଭଳି ଚନ୍ଦ୍ରମଣ୍ଡଳ ବାରହଜାର ଓ ରାହୁଙ୍କର ରହିଛି ତେରହଜାର ଯୋଜନ। ପୁରାଣ ବର୍ଣ୍ଣନାରେ ଅଛି ଯେ ରାହୁ ଛଦ୍ମବେଶରେ ଦେବତାମାନଙ୍କ ସହିତ ଆସି ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କର ମଧ୍ୟଭାଗରେ ବସିପଡ଼ି ଅମୃତ ପାନ କରୁଥିବାବେଳେ ସେହି ଦୁଇ ଦେବତା ତାଙ୍କୁ ଚିହ୍ନିପାରି ଧରାଇ ଦେଇଥିଲେ। ସେଥିପାଇଁ ପ୍ରତ୍ୟେକ ଅମାବାସ୍ୟା ଓ ପୂର୍ଣ୍ଣିମା ଦିନରେ ରାହୁଙ୍କର ଥାଏ ସେମାନଙ୍କ ପ୍ରତି ଆକ୍ରମଣ।

ରାହୁଙ୍କର ଦଶହଜାର ଯୋଜନ ତଳେ ରହିଛି ସିଦ୍ଧ, ଚାରଣ ଓ ବିଦ୍ୟାଧରମାନଙ୍କ ବସତିର ବଳୟ। ସେମାନଙ୍କ ତଳକୁ ଅର୍ଥାତ୍ ଯେଉଁ ପର୍ଯ୍ୟନ୍ତ ବାୟୁର ପ୍ରଭାବ ରହିଛି ବା ମେଘମାନେ ଦେଖାଯାଆନ୍ତି ସେହି ସ୍ଥାନକୁ କୁହାଯାଏ ଅନ୍ତରୀକ୍ଷ। ଯକ୍ଷ, ରାକ୍ଷସ, ପିଶାଚମାନଙ୍କର ତାହା ହେଉଛି ବିହାରସ୍ଥଳ। ସେହି ଅନ୍ତରୀକ୍ଷର ଏକଶହ ଯୋଜନ ତଳେ ରହିଛି ପୃଥିବୀ। ହଂସ, ଶାଗୁଣା, ବାଜ ଓ ଗରୁଡ଼ ଆଦି ପକ୍ଷୀମାନେ ତାହା ମଧ୍ୟରେ ଉଡ଼ିପାରନ୍ତି। ସେହି ପୃଥିବୀର ତଳେ ରହିଛି ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ ନାମରେ ସାତୋଟି ଭୁବଳୟ। ଏହିସବୁ ତଳ ଗୋଟିଏ ପରେ ଗୋଟିଏ ରହିଥାନ୍ତି ଓ ପରସ୍ପରଠାରୁ ଦୂର ଦଶହଜାର ଯୋଜନ ଓ ସେମାନଙ୍କର ଦୈର୍ଘ୍ୟ ଓ ପ୍ରସ୍ଥ ମଧ୍ୟ ଦଶହଜାର ଯୋଜନ। ସ୍ୱର୍ଗ ଭଳି ସେଠାରେ ସମସ୍ତ ବିଷୟଭୋଗ ରହିଥିବାର ଦେଖାଯାଏ। ପୁଣି ସେଠାରେ ଅଛନ୍ତି ଦୈତ୍ୟ ଓ ନାଗମାନେ। ସେଠାର ପ୍ରତ୍ୟେକ ଗୃହସ୍ଥ ଧର୍ମ ପାଳନ କରିଥାନ୍ତି। ଇନ୍ଦ୍ର ଆଦି ଦେବତାମାନେ ମଧ୍ୟ ସେମାନଙ୍କର ଭୋଗରେ ବାଧା ଦିଅନ୍ତିନାହିଁ। ଏଠାର ପ୍ରତ୍ୟେକ ବଳୟରେ ମାୟାବୀ ମୟଦାନବ ବହୁ ସୌନ୍ଦର୍ଯ୍ୟମୟ ପ୍ରାସାଦମାନ ନିର୍ମାଣ କରିଥାନ୍ତି। ସେଠାର ଶୋଭାସମ୍ଭାର ଦେବଲୋକଠାରୁ ମଧ୍ୟ ବଳିଯାଇଥାଏ। ଭୂସ୍ୱର୍ଗରେ ଯେଉଁସବୁ ମନ ବିମୋହନକାରୀ ସୌନ୍ଦର୍ଯ୍ୟମାନ ରହିଛି ସେହିଭଳି ସେଠାର ସୌନ୍ଦର୍ଯ୍ୟ ମଧ୍ୟ କମ୍ ନୁହେଁ। ସେହିସବୁ ବଳୟରେ ସୂର୍ଯ୍ୟଙ୍କର କିରଣ ପଡ଼ିନଥାଏ। ତେଣୁ ଦିନ ଏବଂ ରାତି କେତେବେଳେ ଆରମ୍ଭ ହୁଏ ତାହା ମଧ୍ୟ ଜାଣିହୁଏ ନାହିଁ। ସେଠାର ମୃତ୍ୟୁ କେବଳ ସୁଦର୍ଶନଙ୍କ ତେଜଦ୍ୱାରା ହୋଇଥାଏ। ଅନ୍ୟ କୌଣସିର ପ୍ରଭାବ ସେଠାରେ ନଥାଏ। ଅତଳଲୋକରେ ମୟଦାନବର ପୁଅ ବଳ ନାମକ ଅସୁର ରହିଛନ୍ତି। ସମୁଦାୟ ୯୬ ପ୍ରକାରର ମାୟା ତାଙ୍କୁ ଜଣାଅଛି। ତାଙ୍କର ମାୟା ଏପରି ଯେ ଥରେ ହାଇ ମାରିଦେଲେ ତାଙ୍କ ନିଜ ଜାତିର ତିନିପ୍ରକାର ସ୍ତ୍ରୀ ଲୋକମାନଙ୍କର ଆବିର୍ଭାବ ସେଠାରେ ହୋଇଥାଏ। ସେହି ଅତଳଲୋକରେ ହାଟକ ନାମକ ରସ ପିଆଇ ସେମାନଙ୍କୁ ସମ୍ଭୋଗ କରିବାରେ ସମର୍ଥ ହୋଇଥାନ୍ତି। ଉକ୍ତ ହାଟକ ରସ ପିଇଲେ ମନୁଷ୍ୟ ମଦାନ୍ଧ ହେବାସହ ନିଜକୁ ଦଶହଜାର ହାତୀଙ୍କର ବଳ ଥିବାର ମନେକରି ବହୁ ହାସ୍ୟ କଥା କହିଥାନ୍ତି।

ତା ତଳେ ରହିଛି ବିତଳଲୋକ। ଭଗବାନ ଶିବ ନିଜର ଭୂତଗଣମାନଙ୍କ ସହିତ ସେଠାରେ ଅବସ୍ଥାନ କରିଥାନ୍ତି ଏବଂ ତାଙ୍କର ନାମ ରହିଛି ହାଟକେଶ୍ୱର। ମା' ଭବାନୀଙ୍କ ସହିତ ସେ ସେଠାରେ ବିହାର କରନ୍ତି। ସେହି ଭବ ଓ ଭବାନୀଙ୍କ ତେଜରୁ ସେଠାରେ ପ୍ରବାହିତ ହେଉଛି ହାଟକ ନାମରେ ନଦୀ। ବାୟୁଦ୍ୱାରା ପ୍ରଜ୍ୱଳିତ ହେଉଥିବା ଅଗ୍ନି ସେହି ନଦୀ ଉପରେ ପ୍ରବାହିତ ହୁଅନ୍ତି। ସେହି ଜଳ ପିଇବାରୁ ଯେଉଁ ଲାଳ ଓ ଫେଣ ଇତ୍ୟାଦି ବାହାରେ ତାହା ହାଟକ ନାମକ ସୁନାରେ ପରିଣତ ହୋଇଯାଏ। ସମସ୍ତ ଦୈତ୍ୟ ଏବଂ ତାଙ୍କର ରମଣୀମାନେ ସେହି ସୁନାର ଆଭୂଷଣମାନ ପିନ୍ଧିଥାନ୍ତି।

ବିତଳର ତଳେ ରହିଛି ସୁତଳଲୋକ। ସେଠାରେ ବିରୋଚନଙ୍କର ପୁତ୍ର ବଳି ରହିଥାନ୍ତି। ଭଗବାନ ବିଷ୍ଣୁ ଇନ୍ଦ୍ରଙ୍କୁ ଖୁସି କରିବା ନିମନ୍ତେ ଅଦିତିଙ୍କ ଗର୍ଭରୁ ବଟୁବାମନ ରୂପରେ ଜନ୍ମ ନେଇ ବଳିଙ୍କଠାରୁ ତିନିଲୋକର ଆଧିପତ୍ୟ ଛଡ଼ାଇ ନେଇଥିଲେ ଓ ତାଙ୍କ କୃପାରୁ ହିଁ ବଳି ସେହି ସୁତଳ ଲୋକରେ ପ୍ରବେଶ କରି ରାଜତ୍ୱ କରିପାରିଥିଲେ। ପ୍ରଭୁଙ୍କ ଦୟାରୁ ବଳି ଯେଉଁ ସମ୍ପତ୍ତି ଅଧିକାର କରିଛନ୍ତି ସେପରି ଦେବରାଜ ଇନ୍ଦ୍ରଙ୍କର ମଧ୍ୟ ନାହିଁ। ଭଗବାନ ବିଷ୍ଣୁଙ୍କର ନାମ ଜପ କରି ବଳି ସେହି ଲୋକରେ ନିର୍ଭୟରେ ରହିଥାନ୍ତି। ସମସ୍ତ କାରଣର କାରଣ ଆତ୍ମସ୍ୱରୂପ ପରମାତ୍ମା ଭଗବାନ ବାସୁଦେବଙ୍କୁ ବଳି ପରମ ଶ୍ରଦ୍ଧାର ସହିତ ଯେଉଁଭଳି ଦାନ ଦେଇଥିଲେ ତାହାର ଉଦାହରଣ କୌଣସିଠାରେ ଦେଖାଯାଇନାହିଁ। ଯିଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର କାରଣର କାରଣ ତାଙ୍କୁ ବଳି ଆଉ ବା ଅଧିକ କ'ଣ ଦେଇପାରିଥାନ୍ତେ ? ବଳିଙ୍କର ଐଶ୍ୱର୍ଯ୍ୟ ଥିଲା ଅନିତ୍ୟ। ଯେଉଁ ମହତ ଭାବନାରେ ସେପରି ଦାନ ଦିଆଯାଇଥିଲା ତାହା ହିଁ ତାଙ୍କ ମୋକ୍ଷର ଦ୍ୱାର ହୋଇଥିଲା। ଯେଉଁ କର୍ମ ବନ୍ଧନକୁ ମୁମୁକ୍ଷୁମାନେ ଯୋଗ ସାଧନାର ଆଶ୍ରୟ ନେଇ ହଟାଇ ଦେଇଥାନ୍ତି ଭକ୍ତଶ୍ରେଷ୍ଠ ବଳି ସେହି ପ୍ରଭୁଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଯାହାସବୁ କରିଗଲେ ତାହା ଅନ୍ୟ ଭକ୍ତମାନଙ୍କ ନିମନ୍ତେ ଥିଲା ଶିକ୍ଷାର ବିଷୟ। ଭଗବାନ ଯେତେବେଳେ ଅନ୍ୟ କୌଣସି ଉପାୟ ନପାଇ ବଳିଙ୍କଠାରୁ ତ୍ରିଲୋକ ଛଡ଼ାଇନେଲେ ତାହାପରେ ନିଜ ଶରୀର ବ୍ୟତୀତ ବଳିଙ୍କର ଆଉ କିଛି ନଥିଲା। ପୁଣି ସେହି ଭଗବାନ ବରୁଣ ଫାଶରେ ବଳିଙ୍କୁ ବାନ୍ଧିଦେଇ ପର୍ବତ ଗୁମ୍ଫାରେ ପକାଇ ଦେଇଥିଲାବେଳେ ବଳି ତାହାକୁ ଧୈର୍ଯ୍ୟର ସହିତ ସହିଯାଇ କହିଥିଲେ ଏହା ହିଁ ଦୁଃଖ। କିନ୍ତୁ ଐଶ୍ୱର୍ଯ୍ୟଶାଳୀ ଇନ୍ଦ୍ର ଥିଲେ ବହୁ ବିଦ୍ୱାନ। ମାତ୍ର ସ୍ୱାର୍ଥ ହାସଲ କରିବାରେ ସେ କୁଶଳୀ ନଥିଲେ। ନିଜର ପରାମର୍ଶଦାତା ଭାବରେ ବୃହସ୍ପତିଙ୍କୁ ପାଖରେ ରଖିଥିଲେ ମଧ୍ୟ ବାସୁଦେବଙ୍କର ଶ୍ରୀଚରଣରେ ଆଶ୍ରୟ ନେବା ନ ମାଗି ନଶ୍ୱର ଭୋଗ ଓ ତୁଚ୍ଛ ସମ୍ପତ୍ତି କଥା ମାଗିଥିଲେ। ଏହି ତ୍ରିଲୋକ ଗୋଟିଏ ମନ୍ୱନ୍ତର ପର୍ଯ୍ୟନ୍ତ ରହିପାରେ, ଯାହାକି ଅନନ୍ତ କାଳର ଗୋଟିଏ ଅଂଶ। ଏପରି ଭୋଗର ମୂଲ୍ୟ କ'ଣ ବା ଥାଇପାରେ ? ବଳିଙ୍କର ପିତା ପ୍ରହ୍ଲାଦଙ୍କର ମହାନତା ମଧ୍ୟ ଆଲୋଚନାକୁ ଆସିପାରେ। ତାଙ୍କର ପିତା ହିରଣ୍ୟକଶିପୁଙ୍କୁ ଭଗବାନ ନରସିଂହ ଅବତାର ଧାରଣ କରି ମାରିଦେବା ପରେ ସେ ତାଙ୍କର ସେବକ ହେବାପାଇଁ ବର ମାଗିଥିଲେ। ପ୍ରଭୁ ତାଙ୍କୁ ତାଙ୍କ ପିତାଙ୍କ ରାଜ୍ୟ ଫେରାଇ ଦେବାକୁ ଚାହୁଁଥିଲାବେଳେ ସେ ତାହା ଗ୍ରହଣ କରିବାକୁ ଚାହିଁ ନଥିଲେ। ସେ ଥିଲେ ବଡ଼ ମହାନୁଭବୀ। ତାଙ୍କ ଉପରେ ଥିଲା ଭଗବାନଙ୍କର ଅଶେଷ କୃପା। ସେ ଭାବୁଥିଲେ ଯେ ତାଙ୍କ ଭଳି ଜଣେ ବ୍ୟକ୍ତି ସେହି ମହାଶକ୍ତିଙ୍କ ପାଖରେ ପହଞ୍ଚିବା ସହଜ କଥା ନୁହେଁ। ସେପରି ସାହସ ମଧ୍ୟ ଅନ୍ୟ କାହାର ନାହିଁ। ଅଖିଳ ଜଗତର ପରମଗୁରୁ ଭଗବାନ ବାସୁଦେବ ଗଦା ଧରି ସୁତଳଲୋକରେ ସ୍ୱୟଂ ବିରାଜିତ ହୋଇଥାନ୍ତି। ଦିଗ୍‌ବିଜୟ ପାଇଁ ରାବଣ ଯେତେବେଳେ ସେଠାରେ ପହଞ୍ଚିଲେ ପ୍ରଭୁ ତାଙ୍କର ବୁଢ଼ା ଆଙ୍ଗୁଠିରେ ତାଙ୍କୁ ଏଭଳି ଆଘାତ ଦେଲେ ଯେ ସେ ଲକ୍ଷେ ଯୋଜନ ଦୂରରେ ପଡ଼ିଥିଲେ।

ସୁତଳଲୋକର ତଳେ ରହିଛି ତଳାତଳଲୋକ। ସେଠାରେ ରହିଛନ୍ତି ଦାନବରାଜା ମୟ। ତ୍ରିଲୋକକୁ ଶାନ୍ତି ଦେବା ନିମନ୍ତେ ଭଗବାନ ଶିବ ସେହି ପୁରକୁ ଧ୍ୱଂସ କରିଦେଇଥିଲେ। ପୁଣି ତାଙ୍କ କୃପାରୁ ହିଁ ଏହି ସ୍ଥାନ ସେ ପାଇପାରିଛନ୍ତି। ମାୟାବୀମାନଙ୍କର ପରମଗୁରୁ ହେଉଛନ୍ତି ମୟଦାନବ। ମହାଦେବଙ୍କଦ୍ୱାରା ସେ ସୁରକ୍ଷିତ। ପ୍ରଭୁ ବାସୁଦେବଙ୍କର ସୁଦର୍ଶନ ଚକ୍ରର ଭୟ ତାଙ୍କୁ ନଥାଏ। ମୟଦାନବଙ୍କ ନିବାସୀମାନେ ମଧ୍ୟ ତାଙ୍କୁ ବହୁ ସମ୍ମାନ ଦେଇଥାନ୍ତି।

ତଳାତଳ ପରେ ରହିଛି ମହାତଳ। କଦ୍ରୁଙ୍କଠାରୁ ଜନ୍ମ ନେଇଥିବା ବହୁ ଫଣା ଧାରି କ୍ରୋଧବଶ ନାମକ ସର୍ପ ସମ୍ପ୍ରଦାୟ ସେଠାରେ ରହିଥାନ୍ତି। ସେମାନଙ୍କ ଭିତରେ ରହିଛନ୍ତି କୁହକ, ତକ୍ଷକ, କାଳିୟ ଓ ସୁଷେଣ ଇତ୍ୟାଦି। ସେହିସବୁ ସର୍ପମାନଙ୍କର ବହୁ ବଡ଼ ଫଣାମାନ ରହିଛି। ସେମାନଙ୍କର ସଂସାରରେ କାହାରି ପ୍ରତି ଭୟ ନଥାଏ। ମାତ୍ର ଭଗବାନ ବାସୁଦେବଙ୍କ ବାହନ ଗରୁଡ଼ ପ୍ରତି ଥାଏ ସେମାନଙ୍କର ବହୁ ଭୟ। ଏହି ସର୍ପକୁଳ ସେହି ମହାତଳରେ ରହି ସର୍ବଦା ବିହାର କରିଥାନ୍ତି।

ମହାତଳ ତଳେ ରହିଛି ରସାତଳ। ସେଠାରେ ଅଛନ୍ତି ଫଣି ନାମକ ଦୈତ୍ୟ ଓ ଦାନବ। ସେମାନଙ୍କୁ ନିବାତକବଚ, କାଳେୟ ଓ ହିରଣ୍ୟପୁରବାସୀ ବୋଲି କୁହାଯାଏ। ସେମାନେ ଦେବତାମାନଙ୍କର ବିରୋଧୀ, ଜନ୍ମରୁ ସେମାନେ ବଳବାନ ଓ ସାହସୀ। ଭଗବାନ ବାସୁଦେବଙ୍କ ତେଜରେ ସେମାନଙ୍କର ବଳ ମଉଳି ଯାଏ। ଆଉ ଭୟରେ ସେମାନେ ଲୁଚିଛପି ରହିଥାନ୍ତି।

ରସାତଳ ତଳେ ରହିଛି ପାତାଳ। ସେଠାରେ ରହିଛନ୍ତି ଶଙ୍ଖ, କୁଳିକ, ମହାଶଙ୍ଖ, ଶ୍ୱେତ, ଧନଞ୍ଜୟ, ଧୃତରାଷ୍ଟ୍ର, ଶଙ୍ଖଚୂଡ଼, କମ୍ବଳ, ଅଶ୍ୱତର ଓ ଦେବଦତ୍ତ ଆଦି ଅତ୍ୟନ୍ତ କ୍ରୋଧୀ ଫଣାଧାରି ନାଗମାନେ। ସେହି ତଳର ମୁଖ୍ୟ ହେଉଛନ୍ତି ବାସୁକୀ। ସେମାନଙ୍କ ମଧ୍ୟରୁ ପାଞ୍ଚ, ସାତ, ଦଶ, ଏକଶତ ଓ ହଜାରେ ଫଣା ଥିବା ସାପମାନେ ରହିଥାନ୍ତି। ସେହିସବୁ ଫଣାରେ ଥିବା ମଣିଗୁଡ଼ିକର ତେଜରେ ପାତାଳଲୋକର ଅନ୍ଧକାର ଦୂର ହୋଇଥାଏ।

ଆଲୋଚନାଟି ଶ୍ରୀମଦ୍‌ଭାଗବତ ମହାପୁରାଣର ୨୪ ଅଧ୍ୟାୟ ଉପରେ ଆଧାରିତ। ପୁରାଣମାନଙ୍କରେ ଏପରି ଆଲୋଚନା ମନୋରଞ୍ଜକ ହୋଇପାରେ ମାତ୍ର ତଥ୍ୟଭିତ୍ତିକ ନୁହେଁ। ତେବେ ଆଧୁନିକ ଯୁଗ ସହିତ ତାଳ ମିଳାଇ ସେ ସବୁର ବିଜ୍ଞାନ ସମ୍ମତ ତଥ୍ୟ ବା ତତ୍ତ୍ୱ ଉପରେ ଆଲୋଚନା କରାଗଲେ ସମାଜକୁ ଦିଗ୍‌ଦର୍ଶନ ମିଳିପାରନ୍ତା।

# ସାହୁ କହିଛି



ଡ.ନିରଞ୍ଜନ ସାହୁ
ମୋ : ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ)

ଏମିତି ଗୋଟିଏ କଥା ବହୁ ଦିନରୁ ଆମ ଲୋକ କଥାରେ ଚାଲି ଆସିଛି, "ସାହୁ କହିଛି, ପାଚିଲା ଧାନରେ ମଇ ଦେଉଛି।" କଥାଟିର ପ୍ରାଗ୍‌ଭାଷ ହୁଏତ ଏଇଆ ହୋଇପାରେ : ଜଣେ ଶ୍ରମଜୀବୀ ବ୍ୟସ୍ତ ଥାଆନ୍ତି ଏପରି ଏକ କର୍ମରେ ଯାହା ଜଣେ ପଥଚାରୀକୁ ଲାଗେ ଅସ୍ୱାଭାବିକ। ପାଚିଯାଇଥିବା ଧାନ ଉପରେ ମଇ ଦେବାର ଅର୍ଥ ହେଲା ଏତେ ପରିଶ୍ରମ ଲବ୍ଧ ଫଳ ସବୁ ଅକାରଣରେ ନଷ୍ଟ ହେବା। ତେଣୁ ସ୍ୱାଭାବିକ ଭାବରେ ପ୍ରଶ୍ନଟିଏ ଉଙ୍କିମାରେ ପଥିକ ମନରେ। ଏପରି ଅଦ୍‌ଭୁତ କାମ କିଆଁ ? ତା'ର ଉତ୍ତରଟି ବୋଧହୁଏ ସେଇ ଲୋକକଥା। କୌଣସି ଅନୁଚିତ କର୍ମ ଉଚିତ କାରଣ ଦର୍ଶାଏ ନାହିଁ। ସେହିପରି ଏଇ ଘଟଣାର ମୁଲିଆଟି କହୁଛି, ସେ କେବଳ ତାର ମୁନୀବର କଥା ମାନୁଛି। ମୁନୀବମାନେ ସବୁବେଳେ ଆଶା କରନ୍ତି ସେମାନଙ୍କର ଆଦେଶ ତୁରନ୍ତ କାର୍ଯ୍ୟକାରୀ ହେବା ଦରକାର। ତାଛଡ଼ା ଯିଏ ବେତନଭୋଗୀ ସିଏ କେମିତି ପ୍ରଶ୍ନ କରିପାରିବ କୌଣସି ଆଦେଶର ଔଚିତ୍ୟ ସଂପର୍କରେ। ତାହା କେବଳ ଗଣାହେବ ଔଦ୍ଧତ୍ୟର ଏକ ସୀମା ବହିର୍ଭୁତ କାର୍ଯ୍ୟ ଭାବରେ। ସେନାବାହିନୀରେ ଉପରିସ୍ଥ ଅଧିକାରୀଙ୍କ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପଡ଼ିଥାଏ। ସେହି ପରିପ୍ରେକ୍ଷୀରେ କୁହାଯାଏ - ଅର୍ଥାତ୍ ଆପଣ ଯଦି ଅଧସ୍ତନ ତାହେଲେ ଆଦେଶ ବିଷୟରେ 'କାହିଁକି' ବୋଲି ପ୍ରଶ୍ନ ଆପଣ କରିପାରିବେ ନାହିଁ। ତାକୁ କାର୍ଯ୍ୟକାରୀ କରିବା ଆପଣଙ୍କର ଦାୟିତ୍ୱ ବା କର୍ତ୍ତବ୍ୟ। ତାହା ସଫଳତା ଆଣିବ କି ନାହିଁ, ସେଥିରେ ଆପଣ ବଂଚିବେ କି ନାହିଁ, ସେ ସବୁର ଆଲୋଚନା ଏକ କ୍ଷମତା ବହିର୍ଭୁତ ବ୍ୟାପାର ଭୃତ୍ୟଟିଏ ପାଇଁ। ମୁନୀବ ହେଉଛନ୍ତି ତାଙ୍କର ନିକଟରେ କାମ କରି ପେଟ ପୋଷୁଥିବା ବା ପରିବାର ସମ୍ଭାଳୁଥିବା ଲୋକଙ୍କର ଅନ୍ନଦାତା। ପ୍ରାଚୀନ କାଳରେ ପିତାଙ୍କର ପ୍ରଭୁତ୍ୱ ସ୍ୱୀକାର କରିବା ପାଇଁ ପଞ୍ଚପିତାଙ୍କ କଥା ଅବତାରଣା କରାଯାଉଥିଲା। ଶ୍ଲୋକଟି ଥିଲା ଏମିତି - 'ଜନୀତା ଚୋଂପନୀତାଚ ଯସ୍ତୁ ବିଦ୍ୟା ପ୍ରଦଚ୍ଛତି ଅନ୍ନଦାତା ଭୟତ୍ରାତା ପଞ୍ଚେତେ ପିତରସ୍ମୃତା'। ଅର୍ଥାତ୍ ପିତା କେବଳ ଜନ୍ମଦାତା ନୁହନ୍ତି, ଯିଏ ଉପନୟନ କରି ମତ ପ୍ରଦାନ କରନ୍ତି, ଯିଏ ବିଦ୍ୟା ପ୍ରଦାନ କରି ଜୀବନର ମାର୍ଗ ଦର୍ଶାନ୍ତି, ଯିଏ ଅନ୍ନଦାନ କରନ୍ତି ଏବଂ ଯିଏ ଭୟନାଶ କରନ୍ତି ଯେ ସମସ୍ତେ ପିତା ପଦବାଚ୍ୟ। ଅନ୍ନ କୋଷରେ ଶରୀର ଗଢ଼ା। ଯଦି ଶରୀରକୁ ଅନ୍ନ ନଯାଏ ତାହେଲେ ଶରୀର ତିଷ୍ଠି ପାରିବ ନାହିଁ। ସେଇ ଦୃଷ୍ଟିରୁ ଯିଏ ଅନ୍ନ ସଂସ୍ଥାନ କରାନ୍ତି ସେ ମଧ୍ୟ ପିତାଙ୍କ ପରି ଆମର ମୁରବୀ। ଅର୍ଥାତ୍ କର୍ମସଂସ୍ଥାନ କରି ଯେଉଁ ମାଲିକ ଅନ୍ନସଂସ୍ଥାନ କରନ୍ତି ପ୍ରକାରାନ୍ତେ, ସିଏ ପିତୃତୁଲ୍ୟ ଏବଂ ତାଙ୍କୁ ଅମାନ୍ୟ କରିବା ଅନୁଚିତ। ଏଇମିତି କିଛି ଯୁକ୍ତି ହୁଏତ ଥାଇପାରେ ମୁନିବଙ୍କୁ କିଛି ଜବାବ ଦେବା ପ୍ରେକ୍ଷାପଟରେ। କଥାରେ କହନ୍ତି - ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ଲୋକଙ୍କୁ ଉତ୍ତର ନାହିଁ। ଅର୍ଥାତ୍ ମୁନୀବଙ୍କ କଥାର ଉତ୍ତର ରଖିବା ଅର୍ଥ ଚାକିରୀରୁ ବହିଷ୍କୃତ ହେବା। ଏପରି ପରିପ୍ରେକ୍ଷୀରେ ଚାକିରିଆଟିଏ ମାଲିକ କଥା ଉପରେ ଭଲମନ୍ଦ ଟିପ୍‌ପଣୀ କରିପାରେ ନାହିଁ। ପ୍ରାଇଭେଟ୍ ବା କର୍ପୋରେଟ୍ ଜଗତ୍‌ରେ ମାଲିକ ମାନେ କର୍ମଚାରୀ ରଖିବା ବା କାଢ଼ିବାକୁ ଇଂରାଜୀରେ 'ହାୟାର ଏଣ୍ଡ ଫାୟାର' ବୋଲି କହନ୍ତି। ସେମାନେ ଅଗ୍ରୀମ କେତେ ମାସର ଦରମା ଦେଇ ଯେକୌଣସି କର୍ମଚାରୀଙ୍କୁ କାର୍ଯ୍ୟରୁ ତୁରନ୍ତ ଅପସାରଣ କରିପାରନ୍ତି। ଏପରିକି କୌଣସି ନିଯୁକ୍ତି ଦେଲାବେଳେ ଆନୁଗତ୍ୟକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବ ସମ୍ବଳ ବୋଲି ଧରିଥାନ୍ତି; ମାତ୍ର ସରକାରୀ ଚାକିରୀରେ ପ୍ରାଧିକୃତ ଅଧିକାରୀମାନେ ଅଧସ୍ତନମାନଙ୍କୁ ମନଇଚ୍ଛା ବାହାର କରିପାରନ୍ତି ନାହିଁ କିମ୍ବା ବାହାଲ କରିପାରନ୍ତି ନାହିଁ। କାରଣ ନ୍ୟାୟାଳୟମାନେ ସେଥିରେ ମୁଣ୍ଡ ପୂରେଇ ପାରନ୍ତି।

ପ୍ରାୟ ଦଶ-ବାର ବର୍ଷ ପୂର୍ବେ ଖଣି ଲାଇସେନ୍‌ସ ପ୍ରଦାନ କ୍ଷେତ୍ରରେ କିଛି ସୀମାତିରିକ୍ତ ଆଇନ ଉଲ୍ଲଙ୍ଘନ କେନ୍ଦ୍ର ସରକାରଙ୍କ ତରଫରୁ କରାଯାଇଥିଲା। ସେତେବେଳର ଖଣି ସଚିବ ଫାଷ୍ଟ କମ୍ ଫାଷ୍ଟ ସର୍ଭ ନୀତି ବା ବା ଯିଏ ପ୍ରଥମେ ଆବେଦନ କଲା ତାଙ୍କୁ ଅଗ୍ରାଧିକାର ଭିତ୍ତିରେ ଖଣି ଲାଇସେନ୍‌ସ ପ୍ରଦାନ କରିବା ପଦ୍ଧତିକୁ ବିରୋଧ କରିଥିଲେ; ମାତ୍ର ବିଭାଗୀୟ ମନ୍ତ୍ରୀ ମହୋଦୟ ସଚିବଙ୍କ ପ୍ରସ୍ତାବକୁ ଖାରିଜ କରିଥିଲେ। ସେଇ ଆଦେଶ ବେଆଇନ ଥିଲା; ମାତ୍ର ଆଦେଶ ଆସିବା ପରେ ସଚିବ ଆଉ ଥରେ ଫାଇଲ ନ ପଠେଇ ତାହାକୁ ଗ୍ରହଣ କରିଥିଲେ। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିକଟକୁ ଏଇ କେଶ୍‌ଟି ଯଥା ସମୟରେ ଯାଇଥିଲା ଏବଂ କୋର୍ଟଙ୍କ ଦ୍ୱାରା ମନ୍ତ୍ରୀଙ୍କ ସହିତ ସଚିବ ଉଭୟ ଦଣ୍ଡିତ ହୋଇଥିଲେ। ଏଥିରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ମତାମତ ହେଲା ଯେ ଆଦେଶ ଆସିବା ପରେ ସଚିବ ତାକୁ ନମାନି ପୁନର୍ବାର ଫାଇଲ ଦେଇ ପୁନର୍ବିଚାର ଆଦେଶ ଆଶା କରିବା ଉଚିତ ଥିଲା। ତାହା ସେ ନ କରିଥିବାରୁ ଦୋଷୀ ଭାବରେ ଗଣା ହେଲେ। ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ସଚ୍ଚୋଟ ଥିବା ଶ୍ରୀଯୁକ୍ତ ଗୁପ୍ତାଙ୍କ ଦଣ୍ଡାଦେଶ ସାରା ଦେଶକୁ ଦୋହଲାଇ ଦେଇଛି କହିଲେ କେବଳ ଠିକ୍ ହେବନାହିଁ, ଏହା ବରଂ ଏକ ଆହ୍ୱାନ ସବୁ ସରକାରୀ କର୍ମଚାରୀଙ୍କ ପାଇଁ, ଯେ ସେମାନେ ଅନ୍ୟାୟ ଆଦେଶର ପାଳନ କଲେ ଆଜି ନହେଲେ କାଲି ଦଣ୍ଡନୀୟ ହେବେ, ଏତେ ବଡ଼ ଦେଶରେ ଛୋଟ ବଡ଼ ଅନେକ ଘଟଣା ଘଟେ, ସେଥିରୁ ସବୁ କୋର୍ଟ ପରିସରକୁ ଆସିପାରେ ନାହିଁ; ମାତ୍ର ମଝିରେ ମଝିରେ ଏଇମିତି ଦଣ୍ଡାଦେଶ ଦେଇ ମାନ୍ୟବର ସୁପ୍ରିମକୋର୍ଟ ସାରା ଦେଶର ବିବେକକୁ ଜାଗ୍ରତ କରିବାକୁ ଚାହାନ୍ତି। କିନ୍ତୁ ସତକଥା ହେଲା ସରକାର ମାନେ ସବୁବେଳେ ଆଶା କରନ୍ତି, ସେମାନଙ୍କ ଆଦେଶ ହିଁ କର୍ମଚାରୀଙ୍କ ପାଇଁ ଏକମାତ୍ର କରଣୀୟ। ଯେହେତୁ ଗଣତାନ୍ତ୍ରିକ ପଦ୍ଧତିରେ ସେମାନେ ନିର୍ଦ୍ଦିଷ୍ଟ ସମୟ ପାଇଁ ରାଜ୍ୟର ଶାସନ ଭାର ନେଇଛନ୍ତି। ସେଇ ସମୟ ଭିତରେ ତାଙ୍କର ନିର୍ଦ୍ଦେଶ ଅଲଂଘ୍ୟ। ବେଳେବେଳେ ସରକାରୀ କର୍ମଚାରୀଟି ଏପଟେ ବ୍ରହ୍ମହତ୍ୟା ସେ ପଟେ ଗୋହତ୍ୟା ଏଇଭଳି ଜଞ୍ଜାଳରେ ପଡ଼େ। ସରକାରଙ୍କ ଆଦେଶ ଅନୁପାଳନ ନକଲେ ସରକାରମାନେ କୋପ କରନ୍ତି। ସେଇ କୋପ କୌଣସି ଗୁଣରେ ଅଦାଲତଙ୍କ କୋପଠାରୁ କମ୍ ନୁହେଁ। ଅଦାଲତ ଆଦେଶ ଦେଲାବେଳେ ଉଭୟ ପକ୍ଷକୁ ସାଧାରଣତଃ ଶୁଣିଥାନ୍ତି। ସରକାର ଚାହିଁଲେ କର୍ମଚାରୀଙ୍କୁ ହଠାତ୍ ବଦଳି କରି ଦେଇପାରିବେ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ ଆହୁରି କେତେ କ'ଣ ଦଣ୍ଡ ଦେଇପାରିବେ। ତେଣୁ ସରକାରୀ କର୍ମଚାରୀ ସାଧାରଣତଃ ସରକାରଙ୍କ କଥାକୁ ଅମାନ୍ୟ କରିବା କ୍ୱଚିତ ଘଟେ। ବିଶେଷତଃ ଦଣ୍ଡଭୟରେ ସେମାନେ ମାନିବାକୁ ବାଧ୍ୟ ହୁଅନ୍ତି। ପ୍ରଥମ ଦଣ୍ଡ ହେଉଛି ବଦଳି। ଯାହା କୁହାଯାଏ ଅମାନିଆଁ ଅଫିସରଙ୍କ ହାଣ୍ଡି କଳା ପଡ଼େନି। ସେମାନଙ୍କ ଛୁଆଙ୍କ ପାଠପଢ଼ାରେ ବ୍ୟାଘାତ। ରୋଗବାଗ ହୋଇଥିଲେ ନିୟମିତ ଡାକ୍ତରଙ୍କୁ ଦେଖା କରିବାରେ ସମସ୍ୟା। ଏମିତି କାହିଁ କେତେ ଅସୁବିଧାକୁ ସାମ୍ନା କରିବା ସହଜ ନୁହେଁ ଭାବି ଚାକିରୀଆମାନେ ସାଧାରଣତଃ ସରକାରଙ୍କୁ ମାନି ନିଅନ୍ତି। ସବୁଠୁ ବଡ଼କଥା ହେଲା ସରକାର ହେଉଛନ୍ତି ଅନ୍ନଦାତା। ତେଣୁ ତାଙ୍କୁ ଅମାନ୍ୟ କରିବା ସହଜ କଥା ନୁହେଁ କଦାପି। ଗୋଟିଏ ରାଜ୍ୟରେ ବାରମ୍ବାର ଚର୍ଚ୍ଚା ହୁଏ ଯେ ସହରାଞ୍ଚଳ କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇଯାଉଛି। ଯାହାଫଳରେ ମାଟି ଭେଦି ବର୍ଷାଜଳ ତଳକୁ ଯାଇପାରୁନାହିଁ। ତାହାହିଁ ହେଉଛି ଭୂତଳ ଜଳ ଅଭାବର ପ୍ରମୁଖ କାରଣ। ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ପାଇବା ଦିନକୁ ଦିନ ହୋଇ ଉଠୁଛି ଦୁଷ୍କର। ଗୋଟିଏ ପାର୍କ ନିକଟରେ ପିଚୁ ରାସ୍ତାଟିଏ ଯାଇଛି। ପିଚୁ ରାସ୍ତା ଛାଡ଼ି ହୁଏତ ଦୁଇଫୁଟ ଲେଖାଏଁ ଫାଙ୍କା ପଡ଼ିଛି। ଯାହା ହୁଏତ ଦିନେ ରଖା ହୋଇଥିଲା ବର୍ଷା ଜଳ ଭୂମିକୁ ପ୍ରବେଶ କରିବା ପାଇଁ। ଦିନେ ଦେଖାହେଲା ରାତିରେ କୌଣସି ଯବ ଆସି ଦେଇ ଦୁଇଫୁଟିଆ ଫାଙ୍କା ଜାଗାକୁ ଖୋଳି ପକେଇଛି। ତା ପରଦିନ ପେଭର ଟାଇଲ ସବୁ ପକା ହେବାକୁ ଆସିଲା। ପାର୍କକୁ ଯାଉଥିବା ଲୋକେ କଣ୍ଟ୍ରାକ୍ଟରଙ୍କୁ ପଚାରିଲେ ଏଇ କାମଟି କଣ ଦରକାର। କଣ୍ଟ୍ରାକ୍ଟର କହିଲା ଆଜ୍ଞା ଜେଇ ବାବୁ ଏଇ କାମ କରିବାକୁ କହିଛନ୍ତି। ଜେଇଙ୍କୁ ଖୋଜା ପଡ଼ିଲା - ସେ କହିଲେ ଏଇ କାମ ହେବ ବୋଲି ଆମର ଏସ୍.ଡ଼ି.ଓ କହିଛନ୍ତି। ଯେହେତୁ ଅଧିକାରୀ କହିଛନ୍ତି ସେ କାମ ହେବ। ଏଇଭଳି ଆମ ଦେଶରେ ଅନେକ କାମ ଚାଲିଛି। ବିଭିନ୍ନ ଜାଗାରେ ସେଗୁଡ଼ିକ ଚାଲିଛି ଏଇଥିପାଇଁ ଯେ ବାବୁ କହିଛନ୍ତି। ହେଲେ ସେଗୁଡ଼ିକର ଆବଶ୍ୟକତା ଅଛି କି ନାହିଁ ତାକୁ କିଏ ବା ନଜର କରୁଛି। ସବୁଠି ସେଇ କଥା - 'ସାହୁ କହିଛି'।

# ଗାଁରୁ ସହର ପର୍ଯ୍ୟନ୍ତ



ପ୍ରଣତି ଆର୍ଯ୍ୟ ମିଶ୍ର
ନୟାଗଡ଼
ମୋ-୯୪୩୭୬୪୨୯୪୭

ଆଜି ଗାଁରୁ ସ୍ଥାନାନ୍ତର ଭାରତ ସମେତ ପୃଥିବୀର ସମସ୍ତ ଦେଶରେ ସମସ୍ୟାର କାରଣ। ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଶହ ଶହ ପରିବାର ସେମାନଙ୍କ ପୈତୃକ ଘର ଛାଡ଼ି ପ୍ରତି ମାସରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ବାଙ୍ଗାଲୋର , କେରଳ ଭଳି ସହରକୁ ରୋଜଗାର ପାଇଁ ଆସନ୍ତି। ଚାରିରୁ ଚଉଦ ବର୍ଷ ବୟସର ଏହି ପରିବାରରେ ଅନେକ ପିଲା ଶାରୀରିକ ଏବଂ ମାନସିକ ସମସ୍ୟାରେ ଅଛନ୍ତି । ଅନେକ ଅଧ୍ୟୟନ ଓ ସର୍ଭେରୁ ଜଣାପଡିଛି ଯେ ସ୍ଥାନ ପରିବର୍ତ୍ତନ ପିଲାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ମାନସିକ ଓ ଶାରୀରିକ ବିକାଶ, ଶିକ୍ଷଣ ମନୋଭାବ ଏବଂ ଆତ୍ମବିଶ୍ୱାସ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଦେଶମାନଙ୍କର ବେରୋଜଗାରୀ, ଦାରିଦ୍ର୍ୟ, ଅନାହାର, ରାସ୍ତାଘାଟ, ବିଜୁଳି, ପାଣି, ନିରକ୍ଷରତା ଏବଂ ମୌଳିକ ସୁବିଧାର ଅଭାବ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରେ । ଏତଦ୍ ବ୍ୟତୀତ ଆର୍ଥିକ ଚାପ, ଚାଷରେ କ୍ଷତି, ମଜୁରି ନ ମିଳିବା ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ଗାଁରୁ ସହରକୁ ବାଟ ଫିଟେ। ସ୍ଥାନାନ୍ତରର ସବୁଠାରୁ ଅଧିକ ପ୍ରଭାବ ୪ରୁ ୧୨ ବର୍ଷ ବୟସର ପିଲାଙ୍କ ଉପରେ ପଡ଼ିଥାଏ, ଯେଉଁମାନେ ଶିକ୍ଷା ପ୍ରାପ୍ତ ବୟସରେ ଅଛନ୍ତି । ଏହା ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ସଫଳତା ମିଳୁନାହିଁ। ଆଜି ଅଧିକାଂଶ ଶିଶୁ ସନ୍ତୁଳିତ ଖାଦ୍ୟ, ବିଶୁଦ୍ଧ ପାଣି, ଫଳ, କ୍ଷୀରର ଅଭାବ, କୁପୋଷଣ ଭଳି ସମସ୍ୟା ଘେରରେ ଅଛନ୍ତି। ଏହି ସମସ୍ୟା କେବଳ ଭାରତର ନୁହେଁ, ବିଶ୍ୱର ସମସ୍ତ ଗରିବ ପରିବାରର , ଯେଉଁମାନଙ୍କ ପିତାମାତା ଦେଶାନ୍ତର କରିବାକୁ ବାଧ୍ୟ ହେଉଛନ୍ତି। ପ୍ରବାସୀ ପରିବାରଗୁଡ଼ିକର ଆର୍ଥିକ, ସାମାଜିକ ଓ ଶିକ୍ଷାଗତ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ପରିସଂଖ୍ୟାନ କହୁଛି ଯେ ଶତ ପ୍ରତିଶତ ପ୍ରବାସୀ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହି ପରିବାରଗୁଡ଼ିକର ଘର ଝାଟିମାଟି ଅଥବା କଞ୍ଚା ମାଟିରେ ତିଆରି। କେହି କେହି ପାଲ ଟାଣି ଆଶ୍ରୟ ନିଅନ୍ତି। ଏପରିକି ଭାଗଚାଷ ଜମି ଥିବା ପରିବାରକୁ ମାତ୍ର ୪-୬ ମାସର ରୋଜଗାର ମିଳୁଛି। ତେଣୁ ସେମାନଙ୍କୁ ଅଣକୃଷି କ୍ଷେତ୍ରରେ ରୋଜଗାର ଖୋଜିବାକୁ ପଡ଼େ। ଫଳରେ ପିଲାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟପେୟ ଓ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ସେମାନେ ମାନସିକ ସ୍ତରରେ ମଧ୍ୟ ଅସୁରକ୍ଷିତ । ଦାରିଦ୍ର୍ୟ ଓ ନିରକ୍ଷରତା କାରଣରୁ ଧୀରେ ଧୀରେ ନକାରାତ୍ମକତାର ପ୍ରବୃତ୍ତି ସେମାନଙ୍କ ଜୀବନର ଏକ ଅଂଶ ପାଲଟିଯାଏ। ସମାଜବିଜ୍ଞାନୀଙ୍କ କହିବା ଅନୁସାରେ ମାତ୍ର ୫୫ ପ୍ରତିଶତ ସ୍ଥାନାନ୍ତରିତ ଗରିବ ପରିବାର କୃଷି ଓ ଅଣକୃଷି ମଜୁରୀରୁ ରୋଜଗାର କରିଥାନ୍ତି। ଅବଶିଷ୍ଟ ୪୫ ପ୍ରତିଶତ ଅଭାବରେ ବଞ୍ଚିଥାନ୍ତି। ନିରକ୍ଷରତା କାରଣରୁ ଏଭଳି ପରିବାର ସରକାରୀ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ପରିବାରର ରୋଜଗାର ବଢ଼ାଇବା ପାଇଁ ପିଲାମାନେ ଚାଷ ଜମି, ଇଟାଭାଟି, ବଗିଚା, କାରଖାନା, ରାସ୍ତା ଓ କୋଠା ନିର୍ମାଣରେ ପିତାମାତାଙ୍କ ସହ ହାତ ମିଳାଇଥାନ୍ତି। ଏହି ପିଲାମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାର ଅଙ୍ଗନବାଡ଼ି ମାଧ୍ୟମରେ ଚେଷ୍ଟା କରୁଛନ୍ତି, କିନ୍ତୁ ଏଭଳି ପରିବାରର ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଖୁବ୍ କମ୍ ଯାଇପାରୁଛନ୍ତି। ସର୍ବେକ୍ଷଣରୁ ଜଣାପଡିଛି ଯେ ଭାରତର ହଜାର ହଜାର ଗ୍ରାମରେ ଗରିବ ପରିବାରର ପିଲାଙ୍କ ବିକାଶ ପାଇଁ ମୌଳିକ ସୁବିଧା ଏବଂ ଉନ୍ନତ ପରିବେଶର ଅଭାବ ରହିଛି । ରୋଜଗାର ପାଇଁ ଗାଁର ପରିବେଶ ଅନୁକୂଳ ନଥିବାରୁ ଶତାଧିକ ପରିବାର ଗାଁରୁ ସହରକୁ ଚାଲି ଆସନ୍ତି। କିନ୍ତୁ ସହରରେ ସେମାନଙ୍କ ପିଲାମାନେ ଶିକ୍ଷା ଲାଭରୁ ବଞ୍ଚିତ ହୁଅନ୍ତି। ପିତାମାତା କାମ କରିବାକୁ ଯାଉଥିଲେ ଏବଂ ପିଲାମାନେ ସାରା ଦିନ ଡିଆ କୁଦାରେ ଅତିବାହିତ କରନ୍ତି। ଅର୍ଥାତ୍ ପିଲାଙ୍କ ଉପରେ ପ୍ରବାସର ପ୍ରଭାବ ପ୍ରତିକୂଳ ରହିଛି। ବିଶେଷକରି ପିଲାଙ୍କ ଉନ୍ନତ ଶିକ୍ଷା, ସନ୍ତୁଳିତ ଆହାର ଓ ମୂଲ୍ୟବୋଧ ଶିକ୍ଷା କ୍ଷେତ୍ରରେ। ଆମର ଧାର୍ମିକ, ସାମାଜିକ ଓ ପାରିବାରିକ ବିଶ୍ୱାସ ଏପରି ଯେ ଦାରିଦ୍ର୍ୟ ଓ ଧନ ଭାଗ୍ୟର ଫଳ। ତେଣୁ ଗରିବ ଅଭିଭାବକମାନେ ପିଲାଙ୍କ ଉନ୍ନତି କଥା ଚିନ୍ତା କରନ୍ତି ନାହିଁ। ତେଣୁ ଭିକ୍ଷାବୃତ୍ତି, ଚୋରି କିମ୍ବା ଠକେଇ ଭଳି କାର୍ଯ୍ୟରୁ ଦୂରେଇ ରହିବାକୁ କଡ଼ା ନିର୍ଦ୍ଦେଶ ନଥାଏ। ଫଳରେ ଏଭଳି ପରିବାରର ପିଲାଙ୍କ ପିଲାଦିନ ନୁହେଁ, କିଶୋର, ଯୌବନ ଓ ବୃଦ୍ଧାବସ୍ଥା ମଧ୍ୟ ନିରାଶାର ଗର୍ଭକୁ ଚାଲିଯାଇଥାଏ। ପରିସଂଖ୍ୟାନ ଅନୁଯାୟୀ ପ୍ରବାସୀ ପରିବାରର ପିଲାମାନେ ପାଠପଢ଼ା ପ୍ରତି ଆଗ୍ରହୀ ନୁହନ୍ତି। ଏଭଳି ପରିବାରର ୫୨ ପ୍ରତିଶତ ପିଲା ପଞ୍ଚମ ଶ୍ରେଣୀ ପାସ୍ କରିପାରୁନାହାନ୍ତି। ୪୬ ପ୍ରତିଶତ ପିଲା ଅଷ୍ଟମ ଶ୍ରେଣୀ ପାସ୍ କରିପାରି ନାହାନ୍ତି। ଏହାର କାରଣ ହେଉଛି ଲଗାତର ଅର୍ଥର ଅଭାବ । ୪୭ ପ୍ରତିଶତ ପିଲା ସ୍ୱୀକାର କରିଛନ୍ତି ଯେ ପଢ଼ା ପାଇଁ ତାଙ୍କ ପାଖରେ କୌଣସି ସୁବିଧା ଓ ସମୟ ନଥିବାରୁ ସେମାନଙ୍କ ବାପା ସେମାନଙ୍କୁ ପାଠ ପଢ଼ାଇବାକୁ ଆଗ୍ରହ ଦେଖାଇ ନଥିଲେ। ୩୦ ପ୍ରତିଶତ ପିଲା ସ୍ୱୀକାର କରିଛନ୍ତି ଯେ ସେମାନେ ପଢିବାକୁ ଚାହାଁନ୍ତି ନାହିଁ । ସହରକୁ ଆସିବା ପରେ ୧୯ ପ୍ରତିଶତ ପରିବାର ନିଜ ପିଲାଙ୍କୁ ସ୍କୁଲକୁ ପଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢ଼ି ପାରିଥିଲେ । ମାତ୍ର ୪ ପ୍ରତିଶତ ପିଲା ଦ୍ୱାଦଶ କିମ୍ବା ବିଏ ପାସ୍ କରିପାରିଥିଲେ। ବାସ୍ତବରେ ଏପରି ପରିବାରର ପିଲାଙ୍କ ପାଠପଢ଼ାପ୍ରତି ଆଗ୍ରହ ରହୁନଥିବାରୁ ସେମାନଙ୍କ ଭିତରେ ପିଲାବେଳୁ ଆଗକୁ ବଢ଼ିବାର ପ୍ରବୃତ୍ତି ବିକଶିତ ହେଉନାହିଁ। ତେଣୁ କ୍ଷମତା, ଦକ୍ଷତା ଓ ପ୍ରତିଭାର ବିକାଶ ବହୁ ଦୂରରେ।ସର୍ଭେ କହେ, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଦ୍ୱାରା ପରିବେଶ ବଦଳେ,ଯାହା ପିଲାଙ୍କ ପ୍ରାକୃତିକ ବିକାଶରେ ବାଧା ସୃଷ୍ଟି କରେ ଓ କୁସଙ୍ଗରେ ସେମାନଙ୍କ ମଧ୍ୟରେ ଅନେକ ଖରାପ ଅଭ୍ୟାସ ବିକଶିତ ହୋଇଥାଏ, ଯାହା ଚରିତ୍ର ବିକାଶରେ ମଧ୍ୟ ବାଧା ସୃଷ୍ଟି କରେ । ସହରାଞ୍ଚଳର ଚମକର ପ୍ରଭାବ ତାଙ୍କ କୋମଳ ମନକୁ ଉତ୍ସୁକତାରେ ଭରି ଦେଇଥାଏ। ଗାଁର ଖୋଲାପଣ, ଭାଷା, ରୀତିନୀତିରୁ ସେ ଦୂରେଇ ଯାଆନ୍ତି। ସହରର ବନ୍ଦ ଗଳି, ସଂକୀର୍ଣ୍ଣ ରାସ୍ତା ଓ ଉପଭାଷାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି। ଏହା ସହିତ ଆରମ୍ଭ ହୁଏ ତାଙ୍କ ସହ ଶୋଷଣ, ହିଂସା ଓ ନିର୍ଯାତନାର ଅସୀମ ଚକ୍ର । ବିଭ୍ରାନ୍ତି ତାଙ୍କ ଜୀବନକୁ ଦୁର୍ବଳ କରିଦିଏ। ଗାଁ ପରିବେଶରୁ ବାହାରି ସହରରେ ପହଞ୍ଚୁଥିବା ପିଲାଦିନ ଅନ୍ଧାର ରାସ୍ତା ଓ ସହରର ବହୁମହଲା କୋଠାରେ କେଉଁଠି ହଜିଯାଏ। ସେ ବୁଝି ପାରୁନାହାନ୍ତି ଯେ ସେ ଗାଁ ଛାଡି ଦୂର ସହରକୁ ଆସିଛନ୍ତି ତାହା ତାଙ୍କ ଜୀବନରେ ସୁଖ ଆଣିବ ନା ଅଧିକ କଷ୍ଟ ଦେବ। ସୂଚନାଯୋଗ୍ୟ, ନୈତିକ ଶିକ୍ଷା ଅଭାବରୁ ବିଶ୍ୱର କୋଟି କୋଟି ପିଲାଙ୍କ ଭବିଷ୍ୟତ ଅନ୍ଧାରରେ ବୁଲୁଛି। ସେମାନେ ବିକାଶର ଧାରା ସହ ତାଳ ଦେଇ ପାରୁନାହାନ୍ତି କି ବିକାଶଶୀଳ ବା ବିକଶିତ ସମାଜର ଅଂଶ ହୋଇପାରୁନାହାନ୍ତି।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ସେପ୍ଟେମ୍ବର ୨୦୨୪ ବୁଧବାର



# ଦୂର ହେଲା ଭ୍ରାନ୍ତି, ଅଳ୍ପ ମଦ୍ୟପାନ ବି ହାନିକାରକ !

ଦଶନ୍ଧି ଦଶନ୍ଧି ଧରି ଏକ ଧାରଣା ରହି ଆସିଥିଲା ଯେ ମଧ୍ୟମ ଧରଣର ମଦ୍ୟପାନ ଲୋକଙ୍କୁ ସୁସ୍ଥ ତଥା ଦୀର୍ଘଜୀବୀ କରିଥାଏ। ଏପରିକି ଫ୍ରାନ୍ସରେ 'ଫ୍ରେଞ୍ଚ ପାରାଡକ୍ସ' ନାମକ ଏକ ଦୃଢ଼ ଧାରଣା ରହିଛି କି, ରେଡ୍ ବାଇନ୍ ସେବନ କରୁଥିବା ଲୋକଙ୍କର ହୃଦ୍‌ରୋଗ ହାର କମ୍ ରହିଥାଏ। ମାତ୍ର ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଯେକୌଣସି ପରିମାଣର ହେଉ ପଛେ, ମଦ୍ୟପାନ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ। ଏପରିକି ଅଳ୍ପରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ବହୁବିଧ କର୍କଟ ହେବାର ଆଶଙ୍କା ରହିଛି। ସେଥିପାଇଁ ମଦ୍ୟପାନ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କଦାପି ନିରାପଦ ନୁହେଁ ବୋଲି ଗତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବଲ୍ୟୁଏଚ୍‌ଓ) ପକ୍ଷରୁ ଘୋଷଣା କରାଯାଇଛି। ମଧ୍ୟମ ଧରଣର ମଦ୍ୟପାନ ସ୍ୱାସ୍ଥ୍ୟପ୍ରଦ ବୋଲି ରହିଥିବା ଭ୍ରାନ୍ତ ଧାରଣାର ଆଧାର ହେଉଛି ଅତୀତରେ ହୋଇଥିବା କେତେକ ବୈଜ୍ଞାନିକ ଅଧ୍ୟୟନ। କିନ୍ତୁ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ 'କାଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ସବ୍‌ଷ୍ଟାନ୍‌ସ ୟୁଜ୍ ରିସର୍ଚ୍ଚ'ର ଗବେଷକମାନେ ପୂର୍ବରୁ ପ୍ରକାଶିତ ୧୦୭ ପ୍ରକାର ତଥ୍ୟଭିତ୍ତିକ ଅନୁସନ୍ଧାନକୁ ତର୍ଜମା କରି ଉକ୍ତ ଗବେଷଣାଗୁଡ଼ିକ ତ୍ରୁଟିକୁ ଠାବ କରି ସେଗୁଡ଼ିକର ନିଷ୍କର୍ଷ ଭ୍ରମାତ୍ମକ ବୋଲି ପ୍ରମାଣିତ କରିଛନ୍ତି। ମଦ୍ୟପାନଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଲୋକଙ୍କ ତୁଳନାରେ ଦିନକୁ ଦୁଇଥର ଅଥବା ସପ୍ତାହକୁ ଥରେ ମଦ୍ୟପାନ କରୁଥିବା ଲୋକଙ୍କର ମୃତ୍ୟୁ ଆଶଙ୍କା ୧୪ ପ୍ରତିଶତ କମ୍ ବୋଲି ପୂର୍ବ ଗବେଷଣାରୁ ନିଷ୍କର୍ଷ ମିଳିଥିଲା। ମାତ୍ର ସେସବୁ ତଥ୍ୟଭିତ୍ତିକ ଅନୁଧ୍ୟାନ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ରହିଥିଲା। ସେଥିରେ ଜୀବନ ତମାମ ମଦ



ପିଉଥିବା ଲୋକଙ୍କୁ ସାମିଲ କରାଯାଇ ନଥିଲା। ଅର୍ଥାତ୍ ସେଥିରେ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କ ସହିତ ମଦଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଓ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପରେ ମଦ୍ୟପାନ କମାଇ ଦେଇଥିବା ଅଥବା ତ୍ୟାଗ କରିଥିବା ଲୋକଙ୍କ ସହ ତୁଳନା କରାଯାଇଥିଲା। ସୁତରାଂ ତୁଳନାତ୍ମକ ଭାବେ ମଦ୍ୟପାନ ଜାରି ରଖିଥିବା ଲୋକେ ଅଧିକ ସୁସ୍ଥ ବୋଲି ସେଥିରୁ ନିଷ୍କର୍ଷ ବାହାରିଥିଲା। ମାତ୍ର ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଏହି ଗବେଷକମାନଙ୍କ ସଦ୍ୟତମ ଅନୁଧ୍ୟାନରେ ୫୫ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥି ସହିତ ପୂର୍ବରୁ ମଦ ପିଇ ଏବେ ଛାଡ଼ିଦେଇଥିବା ଏବଂ ବେଳେ ବେଳେ ମଦ ପିଉଥିବା ଲୋକଙ୍କୁ ମଦ୍ୟନିବୃତ୍ତ ଶ୍ରେଣୀରେ ରଖାଯାଇନଥିଲା। ଏଥିରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ଜୀବନଧାରଣ କ୍ଷମତା ଉନ୍ନତ ଥିବା କଥା ଆଦୌ ନିରୂପିତ ହୋଇନଥିଲା। ସେହିପରି ରେଡ୍‌ବାଇନ୍‌ରେ 'ରେସଭେରାଟ୍ରଲ୍' ନାମକ ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ଓ ରକ୍ତଚାପ କମାଇବାରେ ସହାୟକ ହୋଇଥାଏ। ତେଣୁ ରେଡ୍‌ବାଇନ୍ ହୃଦ୍‌ରୋଗ କମାଇଥାଏ ବୋଲି ବିଶ୍ୱାସ ରହିଛି। ମାତ୍ର କେତେ ପରିମାଣର 'ରେସଭେରାଟ୍ରଲ୍' ଆମ ପାଇଁ ନିରାପଦ, ସେ ସମ୍ପର୍କରେ କିଛି ସୂଚନା ମିଳିପାରିନାହିଁ। ଅପରପକ୍ଷେ, ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗର ଆଶଙ୍କା ଅଧିକ ବୋଲି ଜଣାଯାଇଛି।

# ଦୀର୍ଘଜୀବୀ ହେବାକୁ ବଢ଼ାନ୍ତୁ ସାଙ୍ଗସାଥୀ



ସାଧାରଣତଃ ଦୀର୍ଘଜୀବୀ ହେବା ପଛରେ ସୁଷମ ଖାଦ୍ୟ, ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତଙ୍କର ଏକ ବଦ୍ଧମୂଳ ଧାରଣା ରହିଆସିଛି। ମାତ୍ର ଏକ ନୂତନ ଅନୁଧ୍ୟାନ ଅନୁଯାୟୀ, ଏଥିପାଇଁ ଜଣଙ୍କର ସାମାଜିକ ସମ୍ପର୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି। ନିୟମିତ ବ୍ୟାୟାମ ଜଣକୁ ଯେତିକି ସୁସ୍ଥ ରଖିପାରିବ, ସାଙ୍ଗସାଥୀ ବା ବନ୍ଧୁବାନ୍ଧବମାନଙ୍କ ଗହଣରେ ଅଧିକ ସମୟ ବିତାଉଥିବା ବ୍ୟକ୍ତି ମଧ୍ୟ ସେତିକି ସୁସ୍ଥ, ନିରାମୟ ଓ ଦୀର୍ଘଜୀବୀ ହୋଇପାରିବେ।
ଲେଖକ ତଥା ବିବିସି ସାମ୍ବାଦିକ ଡେଭିଡ୍ ରବ୍‌ସନ୍ ତାଙ୍କର ନୂତନ ପୁସ୍ତକ ''ଦି ଲ'ଜ୍ ଅଫ୍ କନେକ୍ସନ୍''ରେ ଏ ବାବଦରେ ପ୍ରମାଣ ସହ ଦର୍ଶାଇଛନ୍ତି ଯେ, ନିଜକୁ ନିଃସଙ୍ଗ ମନେ କରୁଥିବା ଲୋକଙ୍କ ତୁଳନାରେ ସାମାଜିକ ସମ୍ପର୍କରେ ରହୁଥିବା ବ୍ୟକ୍ତି ଅଧିକ ସୁସ୍ଥ ଓ ଦୀର୍ଘ ଜୀବନଯାପନ କରିଥା'ନ୍ତି। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏପରି ଜୈବ-ମନସ୍ତାତ୍ତ୍ୱିକ-ସାମାଜିକ ପ୍ରଭାବ ସଂପର୍କରେ ତର୍ଜମା କରି ରବ୍‌ସନ୍ ସ୍ପଷ୍ଟ କରିଛନ୍ତି ଯେ, ବନ୍ଧୁତା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାଠାରୁ ଆରମ୍ଭ କରି ହୃଦ୍‌ରୋଗରେ ମୃତ୍ୟୁ ହେବା ଆଶଙ୍କାକୁ ମଧ୍ୟ ଦୂର କରିଥାଏ। ତେଣୁ ଦୀର୍ଘଦିନ ବଞ୍ଚିବାର ଅଭିଳାଷ ଥିଲେ, ଲୋକଙ୍କ ସହ ସମ୍ପର୍କକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଦୀର୍ଘଜୀବୀ ହେବା ପଛର କାରଣ ଖୋଜିବାକୁ ଯାଇ ୧୯୬୦ ଦଶକରେ ଆମେରିକାର ପ୍ରସିଦ୍ଧ ଚିକିତ୍ସକ ଲେଷ୍ଟର ବ୍ରିସ୍ଲୋ 'ଆଲମେଡା ୭' ନାମରେ ଏକ ସୂତ୍ର ବାହାର କରିଥିଲେ। ସେହି ସାତଟି ଉପାଦାନ ହେଲା: ଧୂମପାନ ବର୍ଜନ, ମଦ୍ୟପାନ ତ୍ୟାଗ, ରାତିରେ ୭ରୁ ୮ ଘଣ୍ଟା ଶୟନ, ନିୟମିତ ବ୍ୟାୟାମ, କାମଚଳା ଆହାର ବାରଣ, ମଧ୍ୟମ ଧରଣର ଓଜନ ଓ ନିଶ୍ଚିତ ପ୍ରାତଃଭୋଜନ। ତେବେ ୧୯୭୯ ମସିହାରେ ଲେଷ୍ଟରଙ୍କ ସହଯୋଗୀମାନେ ଏଥିରେ ଅଷ୍ଟମ ଉପାଦାନଟି ଯୋଡ଼ିଥିଲେ, ତାହା ହେଲା ସାମାଜିକ ସଂଯୋଗ। ବିଭିନ୍ନ ଅଧ୍ୟୟନରୁ ଏକଥା ପ୍ରମାଣିତ ଯେ ଖୁବ୍ କମ୍ ସାମାଜିକ ସମ୍ପର୍କ ରଖୁଥିବା ଲୋକଙ୍କ ତୁଳନାରେ ଅଧିକ ଯୋଗାଯୋଗରେ ଥିବା ଲୋକଙ୍କର ମୃତ୍ୟୁ ହାର ପ୍ରାୟ ଅଧା। ସୁତରାଂ ଘନିଷ୍ଠ ବନ୍ଧୁତା ପରି ସାମାଜିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ଦୀର୍ଘଜୀବୀ ହେବାର ଏକ ସରଳ କିନ୍ତୁ ପ୍ରଭାବଶାଳୀ ଉପାୟ କହିବା ଭୁଲ୍ ହେବ ନାହିଁ।

## ବାରମ୍ବାର ୟୁଟିଆଇ ହୋଇପାରେ କର୍କଟ ରୋଗର ସଙ୍କେତ

୫ଜି ଇଣ୍ଟରନେଟ ଯୁଗରେ ରୋଗ ମଧ୍ୟ ଖୁବ୍ ଶୀଘ୍ର ବଢ଼ିବାରେ ଲାଗିଛି । ଏହାରି ଭିତରେ ୟୁଟିଆଇ ବା ୟୁରିନାରି ଟ୍ରାକ୍ ଇଂଫେକ୍ସନ ଏବେ ବହୁ ମାତ୍ରାରେ ବଢ଼ିବାରେ ଲାଗିଛି । ପ୍ରତ୍ୟେକ ମହିଳା ନିଜ ଜୀବନରେ ଥରେ ବା ତାଠାରୁ ଅଧିକ ଥର ଏହି ରୋଗର ଶିକାର ହୋଇଥାନ୍ତି । ୟୁଟିଆଇ ମହିଳାମାନଙ୍କଠାରେ ବାରମ୍ବାର ଦେଖାଯାଏ । ଏହା ଏକ ସାଧାରଣ ସଂକ୍ରମଣ ଯାହା ଖାଦ୍ୟ ଏବଂ ଔଷଧ ମାଧ୍ୟମରେ ଆରୋଗ୍ୟ ହୋଇପାରିବ । କିନ୍ତୁ ଏହା ମହିଳାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅତ୍ୟନ୍ତ ଦୁର୍ବଳ କରିଦେଇଥାଏ । ପରିଷ୍କାର ପରିଚ୍ଛନ୍ନତା ଅଭାବରେ ୟୁଟିଆଇ ହେବାର ସମ୍ଭାବନା ବଢ଼ିଥାଏ । ଏହି ରୋଗରେ ଏକାଧିକ ଥର ସଂକ୍ରମିତ ହେବା କୌଣସି ସାଧାରଣ କଥା ନୁହେଁ। ଏହା ଦ୍ୱାରା କର୍କଟ ଭଳି ଗମ୍ଭୀର ରୋଗ ହେବାର ଆଶଙ୍କା ରହିଥାଏ ।

## ଖାଦ୍ୟରେ ସାମିଲ କରନ୍ତୁ ୭ରୁ ୮ଟି ଭୃସଙ୍ଗ ପତ୍ର

ଖାଦ୍ୟରେ ଭୃସଙ୍ଗ ପତ୍ର ସ୍ୱାଦ ବଢ଼ାଇଥାଏ। ପୂର୍ବରୁ ଏହା ପ୍ରାୟତଃ ଦକ୍ଷିଣ ଭାରତରେ ବ୍ୟବହୃତ ହେଉଥିଲା, କିନ୍ତୁ ରୋଷେଇ ପାଇଁ ବର୍ତ୍ତମାନ ଏହା ଭାରତର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ବ୍ୟବହୃତ ହେଉଛି । ଏହା କେବଳ ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ୍ ଲାଭଦାୟକ । ଆୟୁର୍ବେଦ ବିଶେଷଜ୍ଞ କହିବାନୁସାରେ, ପ୍ରତିଦିନ ଅତି କମ୍‌ରେ ୭ରୁ ୮ ଟି ଭୃସଙ୍ଗ ପତ୍ରକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ୍ । ଯଦି ଆପଣ ଏହାକୁ ତରକାରୀରେ ଖାଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ ଏହାର ପତ୍ରକୁ ଚୋବାଇ ଖାଇପାରିବେ କିମ୍ବା ଆପଣ ଏହାକୁ ପାଣିରେ ଫୁଟାଇ ମଧ୍ୟ ଏହାର ପାଣିକୁ ପିଇପାରିବେ । ଆସନ୍ତୁ ଭୃସଙ୍ଗ ପତ୍ର ଖାଇବାର ଲାଭ କ'ଣ ? ବିଶେଷଜ୍ଞ ମତରେ, ଯେଉଁମାନଙ୍କର ହଜମ ପ୍ରକ୍ରିୟା ସହ ଜଡ଼ିତ କୌଣସି ପ୍ରକାରର ସମସ୍ୟା ଅଛି ସେମାନେ ନିଶ୍ଚିତ ଭାବରେ ଭୃସଙ୍ଗ ପତ୍ର ଖାଇବା ଉଚିତ୍ । ଏହା ଖାଇବା ଦ୍ୱାରା ଆମର ହଜମ ପ୍ରକ୍ରିୟା ଭଲ ଭାବରେ କାମ କରିଥାଏ । ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ଗ୍ୟାସ୍, ବଦହଜମି ଏବଂ ଏସିଡିଟି ମଧ୍ୟ କମିଯାଏ ।

# କରୋନା ପରେ ହିପ୍ ଜଏଣ୍ଟ୍ ବଢ଼ିଛି

ଚାଲିବା, ଦୌଡ଼ିବା, ନାଚିବା, ବ୍ୟାୟାମ କରିବା ଆଦି ଆମ ଦୈନନ୍ଦିନ କାର୍ଯ୍ୟକଳାପ। ଆପଣ ଜାଣିଛନ୍ତି କି ଏସବୁ କରିବାକୁ ଆମ ଶରୀରର 'ହିପ୍ ଜଏଣ୍ଟ୍' ହିଁ ଆମକୁ ସକ୍ଷମ କରିଥାଏ। ଥରେ ଭାବନ୍ତୁ, ଦୁର୍ଘଟଣା ହେଉ ଅବା କୌଣସି ରୋଗ କାରଣରୁ ହିପ୍ ଜଏଣ୍ଟ୍‌ରେ ଯଦି କିଛି ଆଘାତ ଲାଗେ ବା ଅସୁବିଧା ହୁଏ, ତେବେ କ'ଣ ହେବ ଚାଲିବା, ବସିବା, ଉଠିବାଠାରୁ ଅତି ସାଧାରଣ ଅଥଚ ଗୁରୁତ୍ୱପୂର୍ଣ୍ଣ କାମ ସବୁ ବନ୍ଦ ହୋଇଯିବ। ଗୋଟିଏ ମୁହୂର୍ତ୍ତରେ ଆମେ ଭିନ୍ନକ୍ଷମ ହୋଇ ଅନ୍ୟ ଉପରେ ନିର୍ଭରଶୀଳ ହୋଇଯିବା। ହେଲେ ଆଧୁନିକ ଚିକିତ୍ସା ବିଜ୍ଞାନ ଏ ସମସ୍ୟାର ସମାଧାନ ଖୋଜିସାରିଛି। 'ହିପ୍ ଜଏଣ୍ଟ୍'ର ଗୁରୁତ୍ୱ ଓ ହିପ୍ ପ୍ରତିରୋପଣ ସମ୍ପର୍କରେ ମଣିପାଲ ହସ୍‌ପିଟାଲ୍‌ର ହିପ୍ ସର୍ଜନ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ସହ ଏହି ସଂକ୍ଷିପ୍ତ ଆଲୋଚନା।

### ଶରୀରରେ ହିପ୍ ଜଏଣ୍ଟ୍‌ର କାମ କ'ଣ ?

ଅଣ୍ଟାର ତଳ ଭାଗକୁ ହିପ୍ ଜଏଣ୍ଟ୍ କୁହାଯାଇଥାଏ। ପେଲ୍‌ଭିକ୍ ହାଡ଼, ଜଂଘ ହାଡ଼ ଓ ମେରୁଦଣ୍ଡ 'ହିପ୍ ଜଏଣ୍ଟ୍'ରେ ମିଳିତ ହୋଇଥାନ୍ତି। ଏହି ଜଏଣ୍ଟ୍ ଯୋଗୁଁ ଆମ ଶରୀରର ଭାର ମେରୁଦଣ୍ଡକୁ ସ୍ଥାନାନ୍ତର ହୋଇଥାଏ ଓ ଆମେ ଚାଲିବାକୁ ସକ୍ଷମ ହୋଇଥାଉ। 'ହିପ୍ ଜଏଣ୍ଟ୍'ର ଦୁଇଟି ଭାଗ ଥାଏ। ଗୋଟିଏ ହେଉଛି ଏସେଟାବୁଲମ୍ (ସକେଟ୍) ଓ ଅନ୍ୟଟି ହେଉଛି ଫିମର ହେଡ୍ (ବଲ୍)।

### କେଉଁ ଅବସ୍ଥାରେ ହିପ୍ ପ୍ରତିରୋପଣ ହୁଏ ?

ସକେଟ୍‌ରେ ଆଘାତ ଲାଗିଲେ ବା ଭାଙ୍ଗିଗଲେ, ହିପ୍ ଜଏଣ୍ଟ୍ ବୁଲିବା ବା ସଂଚାଳନ



ବନ୍ଦ ହୋଇଗଲେ ସକେଟ୍‌କୁ ପୂର୍ବାବସ୍ଥାକୁ ଆଣିବାକୁ ଚେଷ୍ଟା କରାଯାଏ। ଏଥିପାଇଁ ହିପ୍ ସର୍ଜନମାନେ ପ୍ଲେଟିଂ କରି ବୋନ୍ ହିଲିଂ କରିଥା'ନ୍ତି। ବେଳେବେଳେ ସକେଟ୍ ସହ ହିପ୍ ହେଡ୍ ମଧ୍ୟ ଆଘାତ ପାଇ ଭାଙ୍ଗି ବା ଫାଟି ଯାଇଥାଏ। ଯଦି ଏହି ହାଡ଼ ପୁନଃନିର୍ମିତ ହୋଇପାରିବ ତେବେ ଏହାକୁ ପୁଣି ଥରେ ନିର୍ମାଣ କରାଯାଏ। ଯଦି ହିପ୍ ହେଡ୍ ଭାଙ୍ଗି ଗୁଣ୍ଡ ହୋଇଯାଇଥାଏ, ତେବେ ପ୍ରତିରୋପଣ କରିବାକୁ ପଡ଼େ।

### କରୋନା ଯୋଗୁଁ 'ହିପ୍ ଜଏଣ୍ଟ୍' ପ୍ରଭାବିତ ହୋଇଛି କି ?

ଆମେ ଏବେ କରୋନା ପରବର୍ତ୍ତୀ ଯୁଗରେ ଅଛୁ। କରୋନା ପରବର୍ତ୍ତୀ ସମୟରେ ହିପ୍ ଜଏଣ୍ଟ୍ ସମସ୍ୟାରେ ଭିନ୍ନତା ଦେଖାଦେଇଛି। କରୋନାରେ ଆକ୍ରାନ୍ତ ହୋଇଥିବା ଲୋକମାନଙ୍କର ଫିମର ହେଡ୍ ବା ବଲ୍‌କୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି। ଏହାକୁ ଆଭାସ୍କୁଲାର ନେକ୍ରୋସିସ୍ କୁହାଯାଏ। ଫଳରେ ହିପ୍‌ର ସେହି ସ୍ଥାନର ଛୋଟ ଛୋଟ ରକ୍ତ ଚ୍ୟାନେଲ୍ ସବୁ ଅବରୋଧ ହୋଇଯାଉଛି। ଯାହାଦ୍ୱାରା ଫିମରହେଡ୍‌ରେ ଥିବା କୋଷିକାଗୁଡ଼ିକର ମୃତ୍ୟୁ ଘଟୁଛି। ଫଳରେ ବଲ୍‌ଟିର ଆକାର ବଦଳି ଏହା ବାତ ରୋଗରେ ପରିଣତ ହୁଏ।

### ହିପ୍ ସର୍ଜରି ପରେ ପୂର୍ବଭଳି ଜୀବନ ବଞ୍ଚି ହୁଏ କି ?

ଯନ୍ତ୍ରଣାହୀନ ଜୀବନ ପାଇଁ ଏହି ସର୍ଜରି କରାଯାଏ। ସର୍ଜରି ପରେ ରୋଗୀ ଶଯ୍ୟାଶାୟୀ ନ ରହି ନିଜେ ଚାଲେ, ନିଜ କାମ ନିଜେ କରିପାରେ ଓ ସାମାଜିକ ଜୀବନ ବଞ୍ଚିପାରେ। ହିପ୍ ପ୍ରତିରୋପଣ କଲେ ଅତି କମ୍‌ରେ ୨୫ ବର୍ଷ ଯାଏ ପୁନଃ ସର୍ଜରି ଆବଶ୍ୟକ ପଡ଼େ ନାହିଁ।

### ହିପ୍ ପ୍ରତିରୋପଣ ଭାରତକୁ କେବେ ଆସିଲା ଓ ଏବେକା ସ୍ଥିତି କ'ଣ?

ଭୁବନେଶ୍ୱରରେ ପ୍ରତିଦିନ ଗୋଟିଏରୁ ଦୁଇଟି ହିପ୍ ପ୍ରତିରୋପଣ ହେଉଛି। ଏହି ସର୍ଜରି ଏବେ ଖୁବ୍ ସାଧାରଣ ହୋଇଗଲାଣି। ଭାରତକୁ ଏହି ସର୍ଜରି ୧୯୮୪ ମସିହାରୁ ଆସିଗଲାଣି। ୨୦୦୫ ମସିହାରୁ ଏହା ବହୁ ପ୍ରଚଳିତ ହେଲାଣି। ୫ ଲକ୍ଷ ଟଙ୍କା ଭିତରେ ଏହି ସର୍ଜରି ଏବେ ହୋଇପାରୁଛି।

# ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ମେଥି

ଆମ ରୋଷେଇ ଘରେ ଅନେକ ପ୍ରକାର ମସଲା ମିଳେ । ଯାହା କେବଳ ଖାଦ୍ୟର ସ୍ୱାଦ ବଢାଏନି, ବରଂ ଆମ ଶରୀରରୁ ଅନେକ ରୋଗ ବି ଦୂର କରେ । ସେଥିମଧ୍ୟରୁ ଅନ୍ୟତମ ମେଥି । ପାଟିକୁ ପିତା ଲାଗୁଥିଲେ ବି ଦେହ ପାଇଁ ହିତକର ହୋଇଥାଏ । ମେଥିରେ ମ୍ୟାଗ୍ନେସିୟମ, ଆଇରନ, ଫରଫରସ୍, ଫଲିକ ଏସିଡ, ଭିଟାମିନ ଏ ଓ ବି ପ୍ରଚୁର ପରିମାଣରେ ଥାଏ । ଏହା ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ପାଇଁ ରାମବାଣ ଭଳି କାମ କରେ । ପ୍ରତିଦିନ ମେଥି ସେବନ ଦ୍ୱାରା ବ୍ଲଡସୁଗାର ନିୟନ୍ତ୍ରଣ ରହିବା ସହ କେଶକୁ ମଜଭୁତ କରିବାରେ ବି ସାହାଯ୍ୟ କରେ । ସେହିପରି ମେଥି ପାଚନ କ୍ରିୟା ଠିକ୍ ରଖେ । ମେଥି ଦାନା ଶରୀରରେ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସହାୟକ ହୁଏ, ଯଦ୍ୱାରା କିଡନୀ ସୁସ୍ଥ ରହେ । ହାଇ ବ୍ଲଡପ୍ରେସର: ଯେଉଁ ଲୋକମାନେ ଉଚ୍ଚ ରକ୍ତଚାପ ବା ହାଇ ବ୍ଲଡପ୍ରେସର ପୀଡିତ, ସେମାନଙ୍କ ପାଇଁ ମେଥି ବେଶ୍ ଲାଭଦାୟକ । ରାତିରେ ଶୋଇବା ପୂର୍ବରୁ ମେଥିକୁ ପାଣିରେ ଭିଜାଇ ସକାଳେ ଏହି ପାଣି ପିଇଲେ ଶରୀରରେ ରକ୍ତ ସଞ୍ଚାଳନ ବଢେ ଏବଂ ରକ୍ତଚାପ ଠିକ୍ ରହେ । କୋଲେଷ୍ଟ୍ରୋଲ ନିୟନ୍ତ୍ରଣ:କୋଲେଷ୍ଟ୍ରୋଲ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ସବୁଦିନ ମେଥି ଦାନା ସେବନ କରିବା ଭଲ । ଏଥିରେ ନାରିଂଗିନ ନାମକ ଏକ ଫ୍ଲାଭୋନାଏଡ ରହିଛି ଯାହା ରକ୍ତରେ ଲିପିଡ ସ୍ତର କମ୍ କରେ । ଏହାବ୍ୟତୀତ ମେଥିରେ ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ ମିଳେ । ମଧୁମେହ ନିୟନ୍ତ୍ରଣ: ମଧୁମେହ ରୋଗୀଙ୍କୁ ସକାଳେ ସନ୍ଧ୍ୟାରେ ମେଥି ରସ ପିଇବାକୁ ପରାମର୍ଶ ଦିଆଯାଏ । ଏଥିରେ ଥିବା ଫାଇବର ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରିତ କରେ ଓ ଟାଇପ-୨ ମଧୁମେହ ରୋଗୀଙ୍କ ଇନସୁଲିନ ପ୍ରତିରୋଧ କମ୍ କରିବାରେ ସାହାଯ୍ୟ କରେ । ନ୍ୟାସନାଲ ଲାଇବ୍ରେରୀ ଅଫ କଂଗ୍ରେସ ଦ୍ୱାରା ପ୍ରକାଶିତ ଜର୍ନାଲ ଅଫ ଡାଇବେଟିସ ଆଣ୍ଡ ମେଟାବୋଲିକ ଡିସଅର୍ଡରର ଏକ ଅଧ୍ୟୟନରେ ପ୍ରମାଣିତ ହୋଇଛି ଯେ, ପ୍ରତିଦିନ ମେଥି ପାଣି ପିଇବା ଦ୍ୱାରା ମଧୁମେହ ନିୟନ୍ତ୍ରଣ ରହେ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି: ମେଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ । ଓଜନ ହ୍ରାସ:ପାଣିରେ ଭିଜା ହୋଇଥିବା ମେଥି ସେବନ କଲେ ଓଜନ ହ୍ରାସ ପାଏ । ରାତିରେ ମେଥି ପାଣିରେ ଭିଜାଇ ସକାଳେ ଏହି ପାଣି ପିଇଲେ ଓ ଦାନା ଚୋବାଇ ଖାଇଲେ ଓଜନ କମିବା ସହ ମୌସୁମୀ ଜନିତ ରୋଗ ଆଶଙ୍କା କମିଥାଏ । ହାଡ ପାଇଁ ଭଲ:ମେଥିରେ ଆଇରନ, କ୍ୟାଲେସିୟମ, ଫସଫରସ୍ ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ହାଡକୁ ପୋଷଣ ଯୋଗାଏ । ସେହିପରି ଅର୍ଥ୍ରାଇଟିସ ସମସ୍ୟା ପାଇଁ ଏହା ରାମବାଣ ଭଳି କାମ କରେ ।

## କ୍ରମାଗତ ଭାବରେ ଇନସୁଲିନ୍ ନେଉଥିଲେ ସାବଧାନ

ଇନସୁଲିନ୍ ହେଉଛି ଏକ ପ୍ରକାର ହରମୋନ୍ । ଏହାକୁ ଆମ ଶରୀର ପ୍ରାକୃତିକ ଭାବରେ ଉତ୍ପାଦନ କରିଥାଏ । ଇନସୁଲିନ୍ ରକ୍ତରେ ଗ୍ଲୁକୋଜର ସ୍ତରକୁ ନିୟନ୍ତ୍ରଣ କରିଥାଏ । ମଧୁମେହ ରୋଗୀଙ୍କଠାରେ ଇନସୁଲିନ୍ ସ୍ୱାଭାବିକ ଭାବରେ କମ୍ ରହିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଯେତେବେଳେ ଆପଣଙ୍କ ଶରୀରରେ ଇନସୁଲିନ୍ ସଠିକ୍ ଭାବରେ ଉତ୍ପନ୍ନ ହୁଏ ନାହିଁ, ସେତେବେଳେ ଆପଣ ମଧୁମେହ ରୋଗର ଶିକାର ହୋଇଥାନ୍ତି ।
ଇନସୁଲିନ୍ ହେଉଛି ଏକ ହରମୋନ୍ ଯାହା ରକ୍ତରେ ଶର୍କରାର ସ୍ତରକୁ ନିୟନ୍ତ୍ରଣ କରିଥାଏ । ମଧୁମେହ ରୋଗୀମାନେ ଏହା ଦ୍ୱାରା ଚିକିତ୍ସିତ ହୋଇଥାନ୍ତି । ଅଗ୍ନାଶୟ ଦ୍ୱାରା ଇନସୁଲିନ୍ ଉତ୍ପନ୍ନ ହୁଏ ଏବଂ ରକ୍ତରୁ ଗ୍ଲୁକୋଜକୁ କୋଷକୁ ଯିବାରେ ସାହାଯ୍ୟ କରେ, ଯେଉଁଠାରେ ଏହା ଶକ୍ତି ପାଇଁ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ଇନସୁଲିନ୍ ଶରୀରର ପ୍ରତ୍ୟେକ ରକ୍ତ କଣିକାକୁ ରକ୍ତ ପହଞ୍ଚାଇବା ପାଇଁ ମଧ୍ୟ ସହାୟକ ହୋଇଥାଏ । ଯଦି ଏହି ପ୍ରକ୍ରିୟାରେ କୌଣସି ଅସୁବିଧା ଥାଏ ତେବେ ଆପଣ କ୍ଲାନ୍ତ ଅନୁଭବ କରିବା ଆରମ୍ଭ କରନ୍ତି ।
ଟାଇପ୍ ୧ ଏବଂ ବେଳେବେଳେ ଟାଇପ୍ ୨ ଡାଇବେଟିସ୍ ଚିକିତ୍ସା ପାଇଁ ଇନସୁଲିନ୍ ବ୍ୟବହୃତ ହୁଏ । ଟାଇପ୍ -୧ ଡାଇବେଟିସ୍ ଥିବା ବ୍ୟକ୍ତିମାନେ ବଞ୍ଚିବା ପାଇଁ ଇନସୁଲିନ୍ ଇଞ୍ଜେକ୍ସନର ଆବଶ୍ୟକ କରନ୍ତି । ବାରମ୍ବାର ସମାନ ସ୍ଥାନରେ ଇନସୁଲିନ୍ ଇଞ୍ଜେକ୍ସନ ନେବା ଦ୍ୱାରା ଚର୍ମର ଘନତା ପରିବର୍ତ୍ତନ ହୋଇପାରେ ।

## ଅଧିକାଂଶ ୨୪ରୁ ୨୬ ବର୍ଷ ବୟସର ୟୁପିଏସସି ପରୀକ୍ଷା ପାସ୍ କରୁଛନ୍ତି

ଆଇଏଏସ , ଆଇପିଏସ୍ ବା ଅନ୍ୟ ଉଚ୍ଚ ପଦର ସରକାରୀ ଚାକିରି ପାଇବାକୁ ସବୁ ପ୍ରାର୍ଥୀଙ୍କର ସ୍ୱପ୍ନ ରହିଥାଏ। କିଛି ଲୋକ ଏଥିପାଇଁ ଦ୍ୱାଦଶ ଶ୍ରେଣୀ ପରେ ପ୍ରସ୍ତୁତି ଆରମ୍ଭ କରୁଥିବା ବେଳେ ଆଉ କିଛି ଲୋକ ନିଜେ କରୁଥିବା ଚାକିରି ଛାଡ଼ି ଆଇଏଏସ୍ ହେବାକୁ ସ୍ୱପ୍ନ ଦେଖିଥାନ୍ତି। ଆଉ ଏଥିରେ ପ୍ରସ୍ତୁତି ଆରମ୍ଭ କରନ୍ତି। ଲକ୍ଷ ଲକ୍ଷ ପ୍ରାର୍ଥୀଙ୍କୁ ମଧ୍ୟରୁ କେବଳ କିଛି ହିଁ ପ୍ରାର୍ଥୀ ଏହି କଠିନ ପରୀକ୍ଷାର ୩ଟି ପର୍ଯ୍ୟାୟକୁ ଅତିକ୍ରମ କରି ପାରନ୍ତି। ୟୁପିଏସସିର ବାର୍ଷିକ ରିପୋର୍ଟ ୨୦୨୨-୨୩ ମୁତାବିକ, କେନ୍ଦ୍ର ଲୋକ ସେବା ଆୟୋଗର ସିଭିଲ ସେବା ପରୀକ୍ଷାର ପ୍ରଥମ ପ୍ରୟାସରେ କେବଳ ୮ ପ୍ରତିଶତ ପ୍ରାର୍ଥୀ ହିଁ ପାସ୍ ହୋଇଥାନ୍ତି। ଅନ୍ୟ ପ୍ରାର୍ଥୀ ପରୀକ୍ଷା ପରେ ଆଗାମୀ ପ୍ରୟାସର ପ୍ରସ୍ତୁତିରେ ଲାଗି ପଡ଼ନ୍ତି, ନୁହେଁତ ପରୀକ୍ଷା ଛାଡ଼ି ଦିଅନ୍ତି। ଏହା ବ୍ୟତୀତ ଏହି ୟୁପିଏସସି ପରୀକ୍ଷା ପାସ୍ କରୁଥିବା ଅଧିକାଂଶ ପ୍ରାର୍ଥୀଙ୍କର ବୟସ ୨୪ରୁ ୨୬ ବର୍ଷ ମଧ୍ୟରେ ହୋଇଥାଏ। ଏହି ବୟସର ପ୍ରାର୍ଥୀଙ୍କ ମଧ୍ୟରେ ପୁରୁଷଙ୍କର ସଫଳତା ହାର ୨୯.୪ ପ୍ରତିଶତ ଓ ମହିଳାଙ୍କ ହାର ୩୩.୩ ପ୍ରତିଶତ ରହିଛି। ୨୦୨୧ ମସିହାରେ ସାଧାରଣ ଶ୍ରେଣୀରୁ ଆସିଥିବା ୬୬୮ ପ୍ରାର୍ଥୀ ସିଭିଲ ସେବା ମୁଖ୍ୟ ପରୀକ୍ଷା ଦେଇଥିଲେ, ଏଥିରେ ୨୯୦ଜଣ ପ୍ରାର୍ଥୀ ପାସ୍ ହୋଇଥିଲେ। ସାଧାରଣ ବର୍ଗରେ ପରୀକ୍ଷା ଦେଇଥିବା ମୋଟ୍ ପ୍ରାର୍ଥୀଙ୍କ ମଧ୍ୟରେ ପୁରୁଷ ୪୦.୨୯ପ୍ରତିଶତ ଓ ମହିଳା ପ୍ରାର୍ଥୀ ୫୩.୪୩ ପ୍ରତିଶତ ସଫଳ ହୋଇଛନ୍ତି। ଅନ୍ୟପଟେ, ୩୦ବର୍ଷ ବା ଏହା ଠାରୁ ଅଧିକ ବୟସର ପ୍ରାର୍ଥୀ ୧୪.୬ ପ୍ରତିଶତ ପୁରୁଷ ହିଁ ପରୀକ୍ଷାରେ ପାସ୍ କରି ପାରନ୍ତି ଏବଂ ୧୨.୪ ପ୍ରତିଶତ ମହିଳା ୟୁପିଏସସି କ୍ଲିୟର କରି ପାରନ୍ତି। ଏହାସହ ୟୁପିଏସସିର ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ପ୍ରାର୍ଥୀ ୩ୟ ଥର ଉକ୍ତ ପରୀକ୍ଷାରେ ସାମିଲ ହୋଇଥାନ୍ତି, ସେହି ପ୍ରାର୍ଥୀଙ୍କର ସଫଳତା ହାର ସବୁଠୁ ଅଧିକ ହୋଇଥାଏ। ଏହି ପ୍ରାର୍ଥୀ ସିଭିଲ ସେବାର ଉଭୟ ପର୍ଯ୍ୟାୟର ପରୀକ୍ଷାରେ ସବୁଠୁ ଭଲ ପ୍ରଦର୍ଶନ କରିଥାନ୍ତି।

## କ୍ୟାଲସିୟମ୍ ସପ୍ଲିମେଣ୍ଟ ଗ୍ରହଣ ଦ୍ୱାରା ହୃଦଘାତ ହେବାର ଆଶଙ୍କା

ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଆମେ ସମସ୍ତେ ନିଜ ଶରୀରକୁ ଅବେହେଳା କରୁଛେ । ସଠିକ ଭାବରେ ଶରୀରର ଯତ୍ନ ମଧ୍ୟ ନେଉନେ । ଫଳରେ ଶରୀରରେ କ୍ୟାଲସିୟମର ଅଭାବ ଦେଖା ଦେଉଛି । ଏଭଳି ସ୍ଥିତିରେ ହାଡ଼ ଟାଣ ହେବା ପରିବର୍ତ୍ତେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଏକ ଗ୍ଲାସ୍ କ୍ଷୀର ଠାରୁ ମୁଠାଏ ମଖାନା ପର୍ଯ୍ୟନ୍ତ, ଆମ ଶରୀରକୁ କ୍ୟାଲସିୟମ୍ ଯୋଗାଇବାର ଅନେକ ଉପାୟ ଅଛି । ଏହା ଆମ ହାଡକୁ ସୁସ୍ଥ ରଖିବା ପାଇଁ ଏକ ଜରୁରୀ ଖଣିଜ । ହାଡର ସ୍ୱାସ୍ଥ୍ୟ,ମାଂସପେଶୀ ଏବଂ ସ୍ନାୟୁ ପାଇଁ ତଥା ବିଭିନ୍ନ ଶାରୀରିକ କାର୍ଯ୍ୟ ପାଇଁ କ୍ୟାଲସିୟମ ବେଶ୍ ଜରୁରୀ ଅଟେ । ଅଷ୍ଟିଓପୋରୋସିସକୁ ରୋକିବା ଏବଂ ଶକ୍ତିଶାଳୀ ହାଡକୁ ବଜାୟ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭାବରେ କାମ କରିଥାଏ । କିନ୍ତୁ ଏହାର ବିକଳ୍ପରେ ଅନେକ ଲୋକ କ୍ୟାଲସିୟମ ସପ୍ଲିମେଣ୍ଟ ଆକାରରେ ଟାବଲେଟ ଗ୍ରହଣ କରୁଛନ୍ତି । ଏକ ଅନୁସନ୍ଧାନରେ କ୍ୟାଲସିୟମ ସପ୍ଲିମେଣ୍ଟଗୁଡିକର ନିରାପତ୍ତାକୁ ନେଇ ବିଶେଷ ବିତର୍କ ସୃଷ୍ଟି ହୋଇଛି । ବିଶେଷକରି ହୃଦଘାତର ବିପଦ ସହିତ ରହିଥିବା କନେକ୍ସନ ବିଷୟରେ ଆଲୋଚନା ହୋଇଛି । ମାନବ ଶରୀରରେ କ୍ୟାଲସିୟମ ହେଉଛି ପ୍ରଚୁର ପରିମାଣର ଖଣିଜ ପଦାର୍ଥ ପ୍ରାୟ ୯୯% ହାଡ ଏବଂ ଦାନ୍ତରେ ଗଚ୍ଛିତ ହୋଇ ରହିଥାଏ । ଏହା ଅସ୍ଥି ଗଠନ ଏବଂ ରକ୍ଷଣାବେକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଅଷ୍ଟିଓପୋରୋସିସ୍ ପରି ଅବସ୍ଥାକୁ ରୋକିବାରେ ସାହାଯ୍ୟ କରିଥାଏ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ହେତୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ପରିମାଣର କ୍ୟାଲସିୟମ ସ୍ତର ବଜାୟ ରଖିବା ଜରୁରୀ । ଏକ ରିସର୍ଚ୍ଚରୁ ଜଣାପଡିଛି ଯେ ଅଧିକ ମାତ୍ରାରେ କ୍ୟାଲସିୟମ୍ ସପ୍ଲିମେଣ୍ଟ ଗ୍ରହଣ କଲେ ହୃଦଘାତ ହେବାର ଆଶଙ୍କା ବଢ଼ିପାରେ। କ୍ୟାଲସିୟମ ସପ୍ଲିମେଣ୍ଟ ଗ୍ରହଣ କରୁଥିବା ବ୍ୟକ୍ତିଙ୍କର ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ହୃଦ୍‌ଘାତ ଆଶଙ୍କା ଅଧିକ ଥାଏ ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶାରୀରିକ ପରିଶ୍ରମ, ବ୍ୟାୟାମ, ଯୋଗ କରିବା ଆବଶ୍ୟକ

ଆଜିକାଲି ମୋଟାପଣ ମୁଖ୍ୟ ସମସ୍ୟା ପାଲଟିଛି । ସୁସ୍ଥ ଶରୀର ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ପୋଷଣ ଯୁକ୍ତ ଖାଦ୍ୟ ଖାଇବା ସହ ଶାରିରୀକ ପରିଶ୍ରମ, ବ୍ୟାୟାମ, ଯୋଗ କରିବା ଆବଶ୍ୟକ । ମାତ୍ର ସମୟ ଅଭାବରୁ ଲୋକମାନେ ଯଥେଷ୍ଟ ଶାରିରୀକ ପରିଶ୍ରମ କରୁନଥିବା ବେଳେ ଜଙ୍କଫୁଡ୍ ଭଳି ଅସନ୍ତୁଳିତ ଖାଦ୍ୟ ଗ୍ରହଣ କରୁଛନ୍ତି । ଯେଉଁଥିପାଇଁ ପିଲାଠୁ ବୁଢା ସମସ୍ତେ ମୋଟାପଣର ଶିକାର ହୁଅନ୍ତି । ଯଦି ଆପଣ ସୁସ୍ଥ ଶରୀର ଚାହୁଁଛନ୍ତି, ତାହେଲେ କିଛି ଟିପ୍ସ ଆପଣାଇ ସହଜରେ ଏହା କରିପାରିବେ । ପୋଷଣ ଯୁକ୍ତ ଖାଦ୍ୟ ଖାଆନ୍ତୁ: ଫିଟ୍ ରହିବା ପାଇଁ ଶରୀରକୁ ଉପଯୁକ୍ତ ପୋଷଣ ମିଳିବା ଆବଶ୍ୟକ । ତେଣୁ ନିଜର ଖାଦ୍ୟ ଥାଳିରେ ପାଳଙ୍ଗ, ଟମାଟୋ, କନ୍ଦମୂଳ, ଲିଫ୍ କ୍ୟାବେଜ ଭଳି ବିଭିନ୍ନ ରଙ୍ଗୀନ ପରିବା ସହ ଅଣ୍ଡା, ମାଛ ଓ ଶସ୍ୟ ଜାତୀୟ ଖାଦ୍ୟ ସାମିଲ କରନ୍ତୁ । ଅଧା ପେଟ ଖାଆନ୍ତୁ: ଯଦି ବାହାର ଭୋଜନ କରୁଛନ୍ତି, ତାହେଲେ ପେଟ ଫୁଲ୍ ହେବା ଯାଏ ଖାଆନ୍ତୁ ନାହିଁ । ସବୁବେଳେ ଅଧା ପେଟ ଭୋଜନ କରନ୍ତୁ । ସେହିପରି ଯଥେଷ୍ଟ ନିଦ ଶୋଇବାକୁ ଚେଷ୍ଟା କରନ୍ତୁ । ଶାରିରୀକ ପରିଶ୍ରମ କରନ୍ତୁ: ସପ୍ତାହରେ ଅତି କମରେ ୧୫୦ ମିନିଟ୍ ବିଭିନ୍ନ ଶାରିରୀକ ଗତିବିଧି ଯେମିତିକ, ସାଇକେଲ ଚଳାଇବା, ଦୌଡିବା ପାଇଁ ଚେଷ୍ଟା କରନ୍ତୁ । ବାହାରେ ବୁଲାବୁଲି କରନ୍ତୁ: ସବୁବେଳେ ନିଜ ଶରୀରକୁ ସକ୍ରିୟ ରଖିବା ଉଚିତ୍ । ଏଥିପାଇଁ ଆପଣ ପ୍ରତିଦିନ ପାର୍କରେ ଚଲାବୁଲା କରିପାରିବେ । ଅଥବା ନିଜ ପରିବାର, ପଡୋଶୀ ଓ ସାଙ୍ଗମାନଙ୍କ ବାହାରେ ବୁଲାବୁଲି କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ କମ୍ ଥାଏ, ତାହେଲେ ଦିନକୁ ଦୁଇ ଥର ଅଳ୍ପ ସମୟ ବାହାର କରି ବ୍ୟାୟାମ କରନ୍ତୁ ।ଏହିସବୁ ଅଭ୍ୟାସକୁ ଆପଣାଇ ଆପଣ ନିଜର ଓଜନ ନିୟନ୍ତ୍ରଣ କରିପାରିବେ ଓ ଫିଟ୍ ରହିପାରିବେ ।

# ଭାରତରେ ୪.୯% ଶିଶୁ-କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ

ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୪.୯% ଶିଶୁ ଓ କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ- ଭଟିଣ୍ଡା ଓ ବିଜୟପୁର ଏବଂ ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ ଇଣ୍ଡିଆର ଗବେଷକଙ୍କ ଦ୍ୱାରା ୨୦୧୬ରୁ ୨୦୧୮ ମଧ୍ୟରେ ୫ରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଓ କିଶୋରଙ୍କୁ ନେଇ ଏହି ନୂତନ ଅଧ୍ୟୟନ କରାଯାଇଥିଲା, ଯାହା ବ୍ୟାପକ ଜାତୀୟ ପୋଷଣ ସର୍ବେକ୍ଷଣ (ସିଏନ୍‌ଏନ୍‌ଏସ୍) ଉପରେ ଆଧାରିତ ଥିଲା। ଫଳାଫଳରୁ ଜଣାପଡିଛି ଯେ ୪.୯% (ପ୍ରତି ୧୦୦ରେ ପ୍ରାୟ ୫ ଜଣ ବା ପ୍ରତି ହଜାରରେ ୪୯ ଜଣ) ଶିଶୁ ଓ କିଶୋର ଦୁରାରୋଗ୍ୟ କିଡ୍‌ନି ସମସ୍ୟାରେ ପୀଡ଼ିତ। ବୟସ, ଗ୍ରାମୀଣ ବାସସ୍ଥାନ, ମାତାଙ୍କ ଶିକ୍ଷାର ଅଭାବ ଓ ପୁଷ୍ଟିହୀନତା ଏହାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ। ଶିଶୁ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଏସବୁ ବିଷୟର ସମାଧାନ କରିବା ଜରୁରୀ ବୋଲି ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍



ଗ୍ଲୋବାଲ ହେଲ୍ଥ, ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ବିବେକାନନ୍ଦ ଝା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି।
ଏହି କିଡ୍‌ନି ସମସ୍ୟା ବିଶେଷ କରି ପୁଅପିଲାଙ୍କଠାରେ ଓ ଗ୍ରାମାଞ୍ଚଳରେ ଅଧିକ ଦେଖିବାକୁ ମିଳିଥିଲା। ସେହିପରି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ତାମିଲନାଡୁ, ଛତିଶଗଡ଼, ରାଜସ୍ଥାନ ଓ କେରଳରେ ଏହା ସର୍ବନିମ୍ନ ରହିଛି। ବିବେକାନନ୍ଦ ଝା ଉଲ୍ଲେଖ କରିଛନ୍ତି ଯେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ନୀତି ଆବଶ୍ୟକ। ଜାତୀୟ ସ୍ୱାସ୍ଥ୍ୟରେ ଶିଶୁ କିଡ୍‌ନି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି ବୋଲି ଝା କହିଛନ୍ତି।

# ପାରା ଅଲିମ୍ପିକ୍ସ : ପଦକ ବିଜେତାଙ୍କ ପାଇଁ ଘୋଷଣା ହେଲା ଆର୍ଥିକ ପୁରସ୍କାର

**ନୂଆଦିଲ୍ଲୀ**

ନିକଟରେ ଶେଷ ହୋଇଥିବା ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତୀୟ ଆଥ୍‌ଲେଟ୍‌ମାନେ ରେକର୍ଡ ସଂଖ୍ୟକ ପଦକ ଜିତିଛନ୍ତି। ଭାରତ ପାରା ଅଲିମ୍ପିକ୍ସରେ ୭ ସ୍ୱର୍ଣ୍ଣ ସହ ମୋଟ୍ ୨୯ଟି ପଦକ କବ୍‌ଜା କରିଛି। ପୂର୍ବରୁ କୌଣସି ପାରା ଅଲିମ୍ପିକ୍ସରେ ଭାରତ ଏତେ ସଂଖ୍ୟକ ପଦକ ଜିତି ନଥିଲା। ଏହି ଐତିହାସିକ ସଫଳତା ପାଇଁ ଭାରତ ସରକାର ପଦକ ବିଜେତାଙ୍କ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି।

ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କୁ କେନ୍ଦ୍ର ସରକାର ୭୫ ଲକ୍ଷ ଟଙ୍କା ଲେଖାଏଁ ଦେବେ। ସେହିପରି ରୌପ୍ୟ ପଦକ ବିଜେତା ୫୦ ଲକ୍ଷ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଖେଳାଳି ୩୦ ଲକ୍ଷ ଟଙ୍କା ପାଇବେ। ସେହିପରି ମିକ୍ସଡ ଟିମ୍ ଇଭେଣ୍ଟରେ ଦକ୍ଷତା ଦେଖାଇଥିବା ତୀରନ୍ଦାଜ ଶୀତଲ ଦେବୀଙ୍କ ଭଳି ଖେଳାଳିଙ୍କୁ ୨୨.୫ ଲକ୍ଷ ଟଙ୍କା ଲେଖାଏଁ ମିଳିବ। ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଏପରି ଘୋଷଣା କରିଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପାରା ଆଥ୍‌ଲେଟ୍‌ମାନେ କେମିତି ଅଧିକ ପଦକ ଜିତିପାରିବେ, ସେସବୁ ସୁବିଧା ଭାରତ ସରକାର ଯୋଗାଇ ଦେବେ ବୋଲି ମଧ୍ୟ ମାଣ୍ଡଭୀୟ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, "ପାରା ଅଲିମ୍ପିକ୍ସ ଓ ପାରା କ୍ରୀଡ଼ାରେ ଭାରତ ଉପରକୁ ଉଠିବାରେ ଲାଗିଛି। ୨୦୧୬ରେ ୪ ପଦକ ଥିବା ବେଳେ ଟୋକିଓରେ ଆମେ ୧୯ ଓ ପ୍ୟାରିସରେ ୨୯ ପଦକ ଜିତି ୧୮ତମ ସ୍ଥାନରେ ପହଞ୍ଚିଛୁ। ଆମେ ପାରା ଆଥ୍‌ଲେଟ୍‌ମାନଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇ ଦେବୁ। ଏହଦ୍ୱାରା ୨୦୨୮ ଏଲଏ ପାରା ଅଲିମ୍ପିକ୍ସ ଆମେ ଅଧିକ ପଦକ ଜିତି ପାରିବା।"

# ୧୦ ବର୍ଷ ପରେ ଇଂଲଣ୍ଡରେ ଜିତିଲା ଶ୍ରୀଲଙ୍କା : ଇଂଲଣ୍ଡ ୮ ୱିକେଟ୍‌ରେ ପରାସ୍ତ

**ଲଣ୍ଡନ**



ଇଂଲଣ୍ଡ ଗସ୍ତରେ ଶ୍ରୀଲଙ୍କା ପ୍ରଥମ ବିଜୟ ହାସଲ କରିଛି। ତୃତୀୟ ତଥା ଶେଷ ଟେଷ୍ଟ୍‌କୁ ୮ ୱିକେଟ୍‌ରେ ଜିତି ତିନି ଟିକିଆ ଶୃଙ୍ଖଳାରେ ପରାଜୟ ବ୍ୟବଧାନକୁ ୨-୧କୁ କମାଇବା ସହ ମୂଳପୋଛ ପରାଜୟ ଲଜ୍ଜାରୁ ବର୍ତ୍ତିଯାଇଛି। ଓପନର ପଥୁମ ନିଶଙ୍କ ଇଂଲଣ୍ଡକୁ ନିଜ ଔଷଧର ମଜା ଚଖାଇଛନ୍ତି। ସେ ୧୨୪ ବଲ୍‌ରୁ ୧୩ ଚୌକା ଓ ୨ ଛକା ବଳରେ ୧୨୭ ରନ୍‌ର ଶତକୀୟ ପାଳି ଖେଳି ଶ୍ରୀଲଙ୍କାକୁ ଏହି ସାନ୍ତ୍ୱନାମୂଳକ ବିଜୟ ଉପହାର ଦେଇଛନ୍ତି। ନିଶଙ୍କ ଓ ପୁରୁଖା ବ୍ୟାଟର୍ ଆଞ୍ଜେଲୋ ମାଥ୍ୟୁସ ଅବିଭାଜିତ ତୃତୀୟ ୱିକେଟ୍‌ରେ ୧୧୧ ରନ୍ ଯୋଡ଼ିବା ପରେ ଶ୍ରୀଲଙ୍କା ସୋମବାର ଚତୁର୍ଥ ଦିବସ ମଧ୍ୟାହ୍ନ ଭୋଜନ ପୂର୍ବରୁ ବିଜୟର ମିଠାମିଠା ସ୍ୱାଦ ଚାଖିଥିଲା। ଗତ ଦଶ ବର୍ଷ ମଧ୍ୟରେ ଇଂଲଣ୍ଡ ମାଟିରେ ଶ୍ରୀଲଙ୍କାର ଏହା ପ୍ରଥମ ଏବଂ ମୋଟ୍ ଉପରେ ଚତୁର୍ଥ ଟେଷ୍ଟ୍ ବିଜୟ। ଅନ୍ୟପକ୍ଷରେ ଅଚାନକ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇ ଇଂଲଣ୍ଡ ଘରୋଇ ମାଟିରେ ଲଗାତାର ମୂଳପୋଛ ଶୃଙ୍ଖଳା ବିଜୟ ହାସଲ କରିବାରୁ ବଞ୍ଚିତ ହୋଇଥିଲା। ଏହା ପୂର୍ବରୁ ଗତ ଜୁଲାଇ ମାସରେ ଇଂଲଣ୍ଡ ତା' ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ୩-୦ରେ ମୂଳପୋଛ କରିଥିଲା। ପ୍ରଥମ ପାଳିରେ ୬୪ ଏବଂ ଦ୍ୱିତୀୟରେ ୧୨୭ ରନ୍ କରିଥିବା ନିଶଙ୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ (୩୭୫ ରନ୍, ୧ ୱିକେଟ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପ୍ରଥମ ପାଳିରେ ୬୨ ରନ୍‌ରେ ପଛୁଆ ରହିବା ପରେ ଦ୍ୱିତୀୟରେ ଶକ୍ତିଶାଳୀ ଇଂଲଣ୍ଡକୁ ମାତ୍ର ୧୫୬ ରନ୍‌ରେ ଅଲଆଉଟ୍ କରି ଶ୍ରୀଲଙ୍କା ୨୦୧୪ ପରେ ଇଂଲଣ୍ଡ ମାଟିରେ ପ୍ରଥମ ବିଜୟ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲା। ରବିବାର ତୃତୀୟ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ୱିକେଟ୍ ବିନିମୟରେ ୯୪ ରନ୍ କରି ଏହି ସମ୍ଭାବନାକୁ ବାସ୍ତବରେ ରୂପାନ୍ତର କରିବାର ନିକଟତର ହୋଇଥିଲା। ହାତରେ ୯ ୱିକେଟ୍ ଏବଂ ଐତିହାସିକ ବିଜୟ ପାଇଁ ୧୨୫ ରନ୍‌ର ଦରକାର ଥାଇ ଏହି ଖେଳ ଆରମ୍ଭ କରିଥିଲା ସିଂହଳୀ ଦଳ। ଏହାକୁ ମାତ୍ର ଦୁଇ ଘଣ୍ଟା ଭିତରେ କେବଳ କୁଶଲ ମେଣ୍ଡିସଙ୍କ ୱିକେଟ୍ ହରାଇ ବିଜୟର ଔପଚାରିକତା ପୂରଣ କରିଥିଲା। ନିଶଙ୍କଙ୍କ ବିସ୍ଫୋରକ ବ୍ୟାଟିଂ ଇଂଲଣ୍ଡ ବୋଲରଙ୍କୁ ବିସ୍ମିତ କରିବା ସହ ଶ୍ରୀଲଙ୍କା ପ୍ରଶଂସକଙ୍କୁ ଉଲ୍ଲସିତ କରିଥିଲା।

ସଂକ୍ଷିପ୍ତ ସ୍କୋର : ଇଂଲଣ୍ଡ ପ୍ରଥମ ପାଳି: ୩୨୫। ଶ୍ରୀଲଙ୍କା ପ୍ରଥମ ପାଳି: ୨୬୨। ଇଂଲଣ୍ଡ ଦ୍ୱିତୀୟ ପାଳି: ୧୫୬। ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୪୦.୩ ଓଭରରେ ୨୧୯/୨ (ପଥୁମ ନିଶଙ୍କ-୧୨୭, କୁଶଲ ମେଣ୍ଡିସ୍ ୩୯, ଆଞ୍ଜେଲୋ ମାଥ୍ୟୁସ-୩୨)

# କ୍ରିକେଟ ସହ ଟଙ୍କା ରୋଜଗାରରେ ବି ରେକର୍ଡ ଭାଙ୍ଗୁଛନ୍ତି ବିରାଟ

**ହାଇଦ୍ରାବାଦ**



ସାଧାରଣତଃ ଦେଶରେ କ୍ରୀଡ଼ାର ଲୋକପ୍ରିୟତା ବୃଦ୍ଧି ହେତୁ କ୍ରିକେଟରମାନେ ବହୁ ଅର୍ଥ ଉପାର୍ଜନ କରନ୍ତି। ତେବେ ଭାରତୀୟ ଷ୍ଟାର କ୍ରିକେଟର ବିରାଟ କୋହଲି ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା ଖେଳାଳିଙ୍କ ମଧ୍ୟରୁ ଜଣେ ହୋଇଛନ୍ତି। କ୍ରିକେଟରେ ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗିବାରେ ପରିଚିତ କୋହଲି ଗତ ୧୨ ମାସ ମଧ୍ୟରେ ସର୍ବାଧିକ ରୋଜଗାର କରିବାରେ ମଧ୍ୟ ରେକର୍ଡ କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ପୂର୍ବତନ ଭାରତୀୟ ଅଧିନାୟକ ତଥା ଷ୍ଟାର କ୍ରିକେଟର କୋହଲି ଗତ ୧୨ ମାସରେ ୮୪୭ କୋଟି ଟଙ୍କା ରୋଜଗାର କରିଛନ୍ତି। ସାମଗ୍ରିକ ତାଲିକାରେ ଏହି ଭାରତୀୟ କ୍ରିକେଟର ନବମ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଫୁଟବଲର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ଶୀର୍ଷରେ ଅଛନ୍ତି, ଯାହାଙ୍କ ରୋଜଗାର ପ୍ରାୟ ୨୦୮୧ କୋଟି ଟଙ୍କା ରହିଛି । ଗତ ୧୨ ମାସ ମଧ୍ୟରେ ସର୍ବାଧିକ ରୋଜଗାର କରୁଥିବା ଆଥଲେଟ୍ ତାଲିକାରେ କୋହଲି ଏକମାତ୍ର କ୍ରିକେଟର। ଏହି ତାଲିକାରେ ଫୁଟବଲ ଖେଳାଳି ଏବଂ ବାସ୍କେଟବଲ ଖେଳାଳି ମଧ୍ୟ ରହିଛନ୍ତି। ଜନ୍ ରହମ୍ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆର୍ଜେଣ୍ଟିନାର ଷ୍ଟାର ଫୁଟବଲର୍ ଲିଓନେଲ୍ ମେସି ତୃତୀୟ ସ୍ଥାନରେ ଅଛନ୍ତି। ଲେବ୍ରୋନ୍ ଜେମ୍ସ ଏବଂ ଜିଆନିସ୍ ଆଣ୍ଟେଟୋକାଉନମ୍ପୋ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଅଛନ୍ତି। ଏହାପରେ ଯଥାକ୍ରମେ କାଇଲିଆନ୍ ଏମବାପ୍ପେ, ନେମାର, କରିମ୍ ବେଞ୍ଜେମା, ବିରାଟ କୋହଲି ଏବଂ ଷ୍ଟିଫେନ୍ କ୍ୟୁରୀ ଅଛନ୍ତି। କୋହଲିଙ୍କୁ ବିସିସିଆଇ ଦ୍ୱାରା ଗ୍ରେଡ୍ ଏ+ କେନ୍ଦ୍ରୀୟ ଚୁକ୍ତି ମିଳିଛି। ଏଥିରୁ କୋହଲି ପ୍ରତିବର୍ଷ ବିସିସିଆଇରୁ ୭ କୋଟି ଟଙ୍କା ପାଇଥାନ୍ତି। ଆଇପିଏଲରେ ବିରାଟ କୋହଲିଙ୍କ ଦରମା ବିସିସିଆଇ ଚୁକ୍ତିଠାରୁ ମଧ୍ୟ ଅଧିକ। କୋହଲି ଗୋଟିଏ ସିଜିନରେ ଆରସିବି ଫ୍ରାଞ୍ଚାଇଜରୁ ୧୫ କୋଟି ଟଙ୍କା ଦରମା କରନ୍ତି। ଏହା ବ୍ୟତୀତ ସେ ବିଭିନ୍ନ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ମଧ୍ୟ ରୋଜଗାର କରନ୍ତି। ଏହା ବ୍ୟତୀତ କୋହଲି ଅନେକ କମ୍ପାନୀରେ ଅଂଶୀଦାର ମଧ୍ୟ ଅଛନ୍ତି।

# ଦିନିକିଆ କ୍ରିକେଟରେ ବିନା ଶତକରେ ସନ୍ନ୍ୟାସ ନେଇଛନ୍ତି ୫ ଷ୍ଟାର ବ୍ୟାଟର

**ହାଇଦ୍ରାବାଦ**

ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ ଶତକ ଲଗାଇ ମହାନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର 'ଗଡ ଅଫ୍ କ୍ରିକେଟ' ଭାବରେ ପରିଚିତ ହୋଇଛନ୍ତି । ହେଲେ କ୍ରିକେଟ୍‌ର ଏକଦିବସୀୟ ୫୦ ଓଭର ଫର୍ମାଟରେ ସଚିନଙ୍କୁ ମଧ୍ୟ ଟପି ଯାଇଛନ୍ତି ଭାରତୀୟ ଭେଟେରାନ ବ୍ୟାଟର ବିରାଟ କୋହଲି। ସଚିନ ଏହି ଫର୍ମାଟରେ ୪୯ ଶତକ ହାସଲ କରିଥିବାବେଳେ କୋହଲି ନିଜ ହିରୋଙ୍କୁ ପଛରେ ପକାଇ ୫୦ ଏକଦିବସୀୟ ଶତକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଯେତେବେଳେ ଗୋଟିଏ ଶତକ ଅର୍ଜନ କରିବା କୌଣସି ଖେଳାଳିଙ୍କ ପାଇଁ ବଡ଼ ସ୍ୱପ୍ନ ହୋଇଥାଏ, ସେତେବେଳେ ଦିନିକିଆରେ ବର୍ତ୍ତମାନ ସର୍ବାଧିକ (୫୦) ଶତକ ଅର୍ଜନ କରିଥିବା ବ୍ୟାଟର ହୋଇଛନ୍ତି କୋହଲି। ତେବେ ଏମିତି ବହୁ ଦୁର୍ଦ୍ଦଶା ବ୍ୟାଟର ରହିଛନ୍ତି, ଯେଉଁମାନେ ନିଜ କ୍ୟାରିୟରରେ ଗୋଟିଏ ମଧ୍ୟ ଶତକ ଅର୍ଜନ କରିବାରେ ସଫଳ ହୋଇନାହାନ୍ତି ଏବଂ ଶେଷରେ ଅବସର ଘୋଷଣା କରିଦେଇଛନ୍ତି।

ଏଠାରେ ଆମେ ଏମିତି ୫ ଜଣ ବେଶ୍ ପରିଚିତ ଷ୍ଟାର ବ୍ୟାଟରଙ୍କ ବିଷୟରେ କହିବାକୁ ଯାଉଛୁ, ଯେଉଁମାନେ ନିଜ କ୍ୟାରିୟରରେ ନିଜ ନିଜ ଦଳକୁ ବହୁ ଅବଦାନ ଦେଇଛନ୍ତି ସତ, ହେଲେ ଗୋଟିଏ ହେଲେ ଶତକ ଅର୍ଜନ କରିନପାରି ଅବସର ନେଇଛନ୍ତି।

ଦୀନେଶ କାର୍ତ୍ତିକ : ଏହି ତାଲିକାରେ ଅଛନ୍ତି ଭାରତୀୟ ଦଳର ପୂର୍ବତନ ବ୍ୟାଟର ତଥା ୱିକେଟ କିପର ଦୀନେଶ କାର୍ତ୍ତିକ। ସେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିସାରିଛନ୍ତି। କାର୍ତ୍ତିକ ୨୦୦୪ରେ ଭାରତ ପାଇଁ ଦିନିକିଆ କ୍ରିକେଟରେ ଡେବ୍ୟୁ କରିଥିଲେ। ଶେଷଥର ପାଇଁ ସେ ୨୦୧୯ରେ ଖେଳିଥିଲେ ତାଙ୍କର ଶେଷ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ । ସେ ୧୫ ବର୍ଷରେ ଦେଶ ପାଇଁ ୯୪ ଏକଦିବସୀୟ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇଥିଲେ ମଧ୍ୟ ଗୋଟିଏ ଶତକ ଲଗାଇବାରେ ବିଫଳ ରହିଥିଲେ। ତେବେ ଏକଦିବସୀୟ କ୍ୟାରିୟରରେ ତାଙ୍କର ୯ଟି ଅର୍ଦ୍ଧଶତକ ରହିଛି। ନିଜ କ୍ୟାରିୟରରେ ୧୭୫୨ ଦିନିକିଆ ରନ ସଂଗ୍ରହ କରିଥିବା କାର୍ତ୍ତିକଙ୍କର ଗୋଟିଏ ଇନିଂସରେ ସର୍ବାଧିକ ସ୍କୋର ରହିଛି ୭୯।

ମିସ୍‌ବା-ଉଲ-ହକ୍ : ପାକିସ୍ତାନ କ୍ରିକେଟର ଜଣେ ଦମଦାର ବ୍ୟାଟର ଥିଲେ ମିସବା ଉଲ୍ ହକ୍। ହେଲେ ସେ ତାଙ୍କ କ୍ୟାରିୟରରେ ଗୋଟିଏ ହେଲେ ଶତକ ହାସଲ କରିପାରିନଥିଲେ। ବିନା ଶତକରେ ସର୍ବାଧିକ ରନ ହାସଲ କରିଥିବା ପାକିସ୍ତାନୀ ବ୍ୟାଟର ହେଉଛନ୍ତି ମିସବା-ଉଲ୍-ହକ୍। ପାକିସ୍ତାନ ପାଇଁ ୧୬୨ ଏକଦିବସୀୟ ମ୍ୟାଚ୍ ଖେଳିଥିବା ମିସବା ଏହି ଫର୍ମାଟରେ ୫,୧୨୨ ରନ ସଂଗ୍ରହ କରିଛନ୍ତି। ଓଡିଆଇରେ ତାଙ୍କର କୌଣସି ଇନିଂସ୍‌ରେ ସର୍ବାଧିକ ସ୍କୋର ଥିଲା ୯୬। ଦିନିକିଆରେ ମୋଟ ୪୨ ଅର୍ଦ୍ଧଶତକ ହାସଲ କରିଥିବା ମିସବା-ଉଲ-ହକ୍‌ଙ୍କ ନାଁରେ ଟେଷ୍ଟରେ ୧୦ ଶତକ ସାମିଲ ରହିଛି ।

ମାଇକେଲ ଭନ : ଇଂଲଣ୍ଡ କ୍ରିକେଟ ଦଳର ପୂର୍ବତନ ବ୍ୟାଟର ମାଇକେଲ ଭନ । ସେ ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ। ବିଭିନ୍ନ ସମୟରେ ବିଭିନ୍ନ କ୍ରିକେଟରଙ୍କୁ ସମାଲୋଚନା କରିବାରେ ସେ ପାରଙ୍ଗମ। ନିକଟରେ ବିରାଟ କୋହଲି ଓ ଜୋ ରୁଟଙ୍କୁ ତୁଳନା କରି ଟ୍ରୋଲ ହୋଇଥିଲେ ମାଇକେଲ ଭନ। ହେଲେ ସେ ନିଜ ଦିନିକିଆ କ୍ୟାରିୟରରେ ଗୋଟିଏ ହେଲେ ଅନ୍ତର୍ଜାତୀୟ ଶତକ ହାସଲ କରିନାହାନ୍ତି। ଇଂଲଣ୍ଡ ପାଇଁ ୮୬ ଏକଦିବସୀୟ ମ୍ୟାଚ୍ ଖେଳିଥିବା ଭନଙ୍କର କୌଣସି ଇନିଂସ୍‌ରେ ସର୍ବାଧିକ ସ୍କୋର ରହିଥିଲା ୯୦। ସେ ଏହି ଫର୍ମାଟରେ ୧୬ ଅର୍ଦ୍ଧଶତକ ସହ ମୋଟ ୧୯୮୨ ରନ ସଂଗ୍ରହ କରିଛନ୍ତି।

ଗ୍ରାହମ ଥୋର୍ପେ : ଇଂଲଣ୍ଡର ପୂର୍ବତନ କିମ୍ବଦନ୍ତୀ କ୍ରିକେଟର ଗ୍ରାହମ ଥୋର୍ପେଙ୍କର ନିକଟରେ ଦେହାନ୍ତ ହୋଇଛି। ସେ ଇଂଲଣ୍ଡ ପାଇଁ ୮୨ ଟେଷ୍ଟ ମ୍ୟାଚ୍ ଖେଳିଥିବାବେଳେ ମୋଟ ୨୩୮୦ ରନ ସଂଗ୍ରହ କରିଥିଲେ। ୧୦୦ ଟେଷ୍ଟ ମ୍ୟାଚ୍ ଖେଳିଥିବା ଏହି ଦିବଂଗତ ବ୍ୟାଟରଙ୍କ ନାଁରେ ୧୬ ଟେଷ୍ଟ ଶତକ ଓ ଗୋଟିଏ ଟେଷ୍ଟ ଦ୍ୱିଶତକ ମଧ୍ୟ ରହିଛି। ୨୧ ଏକଦିବସୀୟ ଅର୍ଦ୍ଧଶତକ ହାସଲ କରିଥିବା ଏହି ବ୍ୟାଟର କୌଣସି ଇନିଂସରେ ସର୍ବାଧିକ ୮୯ ରନ ହିଁ କରିଥିଲେ।

ଆଣ୍ଡ୍ରିୟୁ ଜୋନ୍ସ : ନ୍ୟୁଜିଲାଣ୍ଡ କ୍ରିକେଟ ଇତିହାସର ଜଣେ ସର୍ବୋତ୍ତମ ବ୍ୟାଟର ଭାବେ ପରିଗଣିତ ହୁଅନ୍ତି ଆଣ୍ଡ୍ରିୟୁ ଜୋନ୍ସ। ସେ ନିଜ ଦେଶ ପାଇଁ ୮୭ ଏକଦିବସୀୟ ମ୍ୟାଚ୍ ଖେଳି ୨୭୮୪ ରନ ସଂଗ୍ରହ କରିଛନ୍ତି । ତାଙ୍କ ନାଁରେ ଗୋଟିଏ ପାଳିରେ ସର୍ବାଧିକ ସ୍କୋର ରହିଛି ୯୩। ୨୫ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ସେ ଗୋଟିଏ ହେଲେ ଶତକୀୟ ପାଳି ଖେଳିପାରିନଥିଲେ।

ତେବେ କେବଳ ଏହି ୫ ଜଣ ନୁହନ୍ତି, ଏପରି ଅନେକ କ୍ରିକେଟର ରହିଛନ୍ତି, ଯେଉଁମାନେ ବିଶ୍ୱ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ସୁଦ୍ଧା ଦିନିକିଆ କ୍ରିକେଟରେ ଗୋଟିଏ ଶତକ ହାସଲ କରିବାରେ ବିଫଳ ରହିଛନ୍ତି। ବାଂଲାଦେଶର ପୂର୍ବତନ ଅଧିନାୟକ ହବିବୁଲ ବଶର, ୱେଷ୍ଟଇଣ୍ଡିଜର ଷ୍ଟାର ପ୍ଲେୟର ଡ୍ୱେନ ସ୍ମିଥ, ଇଂଲଣ୍ଡର କିମ୍ବଦନ୍ତୀ ଇଆନ ବୋଥମଙ୍କ ଭଳି କ୍ରିକେଟରଙ୍କ ନାଁରେ ଏଭଳି ଅନାବଶ୍ୟକ ରେକର୍ଡ ରହିଛି।

# ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିବାକୁ ଓଡ଼ିଶା ସରକାର ଗାଇଡ୍ ଲାଇନ୍ ଜାରି କରିଛନ୍ତି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶନିବାର ଦିନ ପୂର୍ବାହ୍ନ ୧୧ଘ. ସମୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥର ଆୟୋଜନ କରାଯାଇଛି। ଓଡ଼ିଶାର ମାନ୍ୟବର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସୁଭଦ୍ରା ରଥ ଛତ୍ରପୁର ବ୍ଲକ୍‌ରେ ପରିଭ୍ରମଣ କରି ଜନ ସାଧାରଣଙ୍କୁ ସଚେତନ କରାଇବ। ସୁଭଦ୍ରା ଯୋଜନା ଆବେଦନ ପାଇଁ ୱେବ୍‌ସାଇଟ୍ ପୋର୍ଟାଲର ସୁଧାର ଆଣିବା ପାଇଁ ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଅଙ୍ଗନୱାଡି ସହାୟିକାମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଆରକ୍ଷୀ ଅଧ୍ୟକ୍ଷ ଜଗ ମୋହନ ମୀନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଡ, ସିଡିପିଓ ପ୍ରଣମିତା ପଣ୍ଡା, ଓଡ଼ିଶା ଜୀବିକା ମିଶନ ଶକ୍ତିର ବ୍ଲକ ସଂଯୋଜିକା ମାନିନୀ ଜେନା, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଅଙ୍ଗନୱାଡି ସହାୟିକା, ବିଏଲଏଫ କର୍ମୀ, ଓଏଲଏମ, ଜିପିଏଲଏଫ କର୍ମୀ, ମିଶନ ଶକ୍ତି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

# ଏମ୍ସ ଭୁବନେଶ୍ୱର ଚିକିତ୍ସକଙ୍କ ସଫଳତା : ଏକ୍‌ମୋ ସହାୟତାରେ ଜୀବନ ବଞ୍ଚାଇଲେ ଡାକ୍ତର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅତ୍ୟାଧୁନିକ ଏକ୍‌ମୋ ଥେରାପି ପ୍ରୟୋଗ କରି ଗୁରୁତର ହୋଇପଡ଼ିଥିବା ଜଣେ ମହିଳାଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି ଏମ୍ସ ଭୁବନେଶ୍ୱରର ଡାକ୍ତରୀ ଦଳ। ୫୩ ବର୍ଷ ବୟସ୍କା ଜଣେ ମହିଳାଙ୍କୁ ନିମୋନିଆ ଏବଂ ନିଶ୍ୱାସ ପ୍ରଶ୍ୱାସରେ ଅସୁବିଧା ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଏମ୍ସରେ ଭର୍ତ୍ତି କରାଯାଇଥିଲା। ମହିଳାଙ୍କ ଶ୍ୱାସକ୍ରିୟାରେ ଜଟିଳତା ସହିତ ଅମ୍ଳଜାନ ସ୍ତର ମାତ୍ରାଧିକ ହ୍ରାସ ଘଟିଥିଲା। ତାଙ୍କ ଜୀବନ ବଞ୍ଚାଇବା ପାଇଁ ଏକମୋ ହିଁ ଏକମାତ୍ର ବିକଳ୍ପ ଭାବରେ ଉଭା ହୋଇଥିଲା। ଜଣେ ଗୁରୁତର



ମହିଳାଙ୍କ କ୍ଷେତ୍ରରେ ଏକମୋ ପ୍ରୟୋଗ କରି ଜୀବନ ବଞ୍ଚାଇଥିବାରୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡାକ୍ତରୀ ଦଳର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ଜୀବନ ରକ୍ଷାକାରୀ ପ୍ରକ୍ରିୟାର ନେତୃତ୍ୱ ନେଇଥିବା ଆଇସିୟୁ କନ୍‌ସଲଟାଣ୍ଟ ତଥା ଏକମୋ ବିଶେଷଜ୍ଞ ଡ. ଶ୍ରୀକାନ୍ତ ବେହେରାଙ୍କ ଅନୁଯାୟୀ ଶରୀରରେ ଅମ୍ଳଜାନର ଘୋର ଅଭାବ ଏବଂ ଫୁସ୍‌ଫୁସ୍ ଭଳି ଅଙ୍ଗର ବିଫଳତା କାରଣରୁ ରୋଗୀଙ୍କ ଜୀବନ ସଙ୍କଟାପନ୍ନ ଅବସ୍ଥାରେ ଥିଲା। ସେ ସମୟରେ ଏକ୍‌ମୋ ତାଙ୍କ ବଞ୍ଚିବା ପାଇଁ ଏକମାତ୍ର ବିକଳ୍ପ ସାଜିଥିଲା। ଏହି ଉନ୍ନତ ଯନ୍ତ୍ରଟି ଉକ୍ତ ମହିଳାଙ୍କର କୃତ୍ରିମ ଫୁସ୍‌ଫୁସ୍ ଏବଂ ହୃଦୟ ଭାବରେ କାର୍ଯ୍ୟ କଲା, ଅମ୍ଳଜାନ ସ୍ତର ବଜାୟ ରଖିଲା ଏବଂ ଫୁସ୍‌ଫୁସ୍‌କୁ ସୁସ୍ଥ ହେବାକୁ ଆବଶ୍ୟକ ସମୟ ପ୍ରଦାନ କରିଥିଲା। ଏକମୋ ଥେରାପିରେ ଆଠ ଦିନ ପରେ ରୋଗୀଙ୍କ ଅବସ୍ଥା ଯଥେଷ୍ଟ ଉନ୍ନତ ହେବାକୁ ଲାଗିଲା। ତାଙ୍କର ଫୁସ୍‌ଫୁସ୍ ପୁନର୍ବାର କାର୍ଯ୍ୟକ୍ଷମ ହେବାକୁ ଲାଗିଲା। ସଂକ୍ରମଣର ମୁକାବିଲା ପାଇଁ ଚାଲୁଥିବା ସହାୟକ ଚିକିତ୍ସା ଏବଂ ଆଣ୍ଟିବାୟୋଟିକ ଜାରି ରହିବା ପରେ ମହିଳା ଜଣଙ୍କ ସୁସ୍ଥ ହେବା ସହିତ ଡିସ୍‌ଚାର୍ଜ ହୋଇଥିବା ଡ. ବେହେରା ସୂଚନା ଦେଇଛନ୍ତି। ଶିଶୁ ଏକ୍‌ମୋ ବିଶେଷଜ୍ଞ ଡ. କୃଷ୍ଣ ମୋହନ ଗୁଲା ଏବଂ ସିଟିଭିଏସ ବିଭାଗୀୟ ମୁଖ୍ୟ ଡ. ସତ୍ୟପ୍ରିୟ ମହାନ୍ତି ଏହି ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିକିରଣମୁକ୍ତ ପ୍ରଯୁକ୍ତି ମାଧ୍ୟମରେ ଭାରତର ଖାଦ୍ୟ ନିରାପତ୍ତାରେ ପରିବର୍ତ୍ତନ



**ଚିରାଗ ପାସ୍ୱାନ**
କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ

ଖାଦ୍ୟର ଗୁରୁତ୍ୱ କେବଳ ମୌଳିକ ଆହାର ଠାରୁ ଢେର୍ ବେଶୀ। ଏହା ଆମର ଉତ୍ସବାନୁଷ୍ଠାନ, ସାମାଜିକ ମେଳନ ଏବଂ ରୀତିନୀତି ଆଦିରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଯାହା ଆମର ସାଂସ୍କୃତିକ ପରିଚୟ ଏବଂ ସାମାଜିକ ଢାଞ୍ଚାକୁ ପ୍ରତିଫଳିତ କରିଥାଏ। ଆର୍ଥିକ ଦୃଷ୍ଟିକୋଣରୁ ଖାଦ୍ୟ ଶିଳ୍ପ ବିକାଶର ବାହକ ଏବଂ ତାହା କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିଥାଏ ଏବଂ ଗ୍ରାମୀଣ ଏବଂ କୃଷି ବିକାଶ ଧାରାକୁ ମଧ୍ୟ ପ୍ରତିପାଦିତ କରିଥାଏ। ଏହା ଉଭୟ ଘରୋଇ ଉପଭୁକ୍ତି ଏବଂ ରପ୍ତାନୀ ଜରିଆରେ ଜାତୀୟ ଅର୍ଥନୀତିକୁ ମହତ୍ତ୍ୱପୂର୍ଣ୍ଣ ଅବଦାନ ଯୋଗାଇ ଥାଏ ବୋଲି ସଭିଏଁ ବିଶ୍ୱାସ କରନ୍ତି। ଭାରତ ଯେତେବେଳେ ନିଜର ସ୍ୱାଧୀନତା ପ୍ରାପ୍ତିର ୭୮ତମ ବର୍ଷରେ ପ୍ରବେଶ କରିଛି ଏବଂ 'ବିକଶିତ ଭାରତ' ପରିକଳ୍ପନାର ସହିତ ଆଗକୁ ଅଗ୍ରସର ହେଉଛି, ଦେଶର ନାଗରିକମାନଙ୍କ ନିମନ୍ତେ ଉନ୍ନତ ଖାଦ୍ୟ ସୁରକ୍ଷା ଏବଂ ନିରାପତ୍ତା ଏକାନ୍ତ ଜରୁରି ମନେହୁଏ। ଏହା ସୁନିଶ୍ଚିତ କରୁଛି ଯେ ସକଳ ପ୍ରକାର ଦୂଷିତ ପଦାର୍ଥଠାରୁ ଉପଭୋକ୍ତାମାନଙ୍କ ନିକଟରେ ପହଞ୍ଚିବା ବେଳକୁ ଏହାର ନିରାପତ୍ତା ସୁନିଶ୍ଚିତ ହୋଇଛି ଏବଂ ଖାଦ୍ୟଶସ୍ୟ ହାନି ଓ ନଷ୍ଟର ମାତ୍ରା ମଧ୍ୟ ସର୍ବନିମ୍ନ ହୋଇଛି। ଏହା ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଏବଂ ପୌଷ୍ଟିକ ଖାଦ୍ୟ ଉପଲବ୍ଧ କରାଇବାରେ ସହାୟକ ହେବ।

ଖାଦ୍ୟ ହାନି ଏବଂ ନଷ୍ଟ କରିବା ଭଳି ସମସ୍ୟାର ସମାଧାନ, ବିଶେଷ କରି ପଚନଶୀଳ ସାମଗ୍ରୀ ଯଥା ଫଳ ଓ ପନିପରିବା, ଖାଦ୍ୟ ନିରାପତ୍ତା ଏବଂ ପୋଷଣୀୟତା ବୃଦ୍ଧି କରିବା ନିମନ୍ତେ ବେଶ୍ ଗୁରୁତ୍ୱ ବହନ କରେ। ଏହା ଆମର କୃଷକମାନଙ୍କୁ ପାରିଶ୍ରମିକ ଅନୁସାରେ ଉପଯୁକ୍ତ ମୂଲ୍ୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ମଧ୍ୟ ସହାୟକ ହୋଇଥାଏ।

ଏହାତିରିକ୍ତ, ଦେଶରେ ଯେତେବେଳେ କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦର କାରବାର ବୃଦ୍ଧି ପାଇବାରେ ଲାଗିଛି, ସକ୍ରିୟ ଖାଦ୍ୟ ନିରାପତ୍ତା ପରିଚାଳନା ଦିନକୁ ଦିନ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବା ପରି ପ୍ରତୀୟମାନ ହୁଏ। ବିଶ୍ୱର ଅନେକ ବିକଶିତ ରାଷ୍ଟ୍ରରେ ଖାଦ୍ୟ ନିରାପତ୍ତା ନିମନ୍ତେ କଠୋର ନିୟମାବଳୀ ଏବଂ କାର୍ଯ୍ୟକ୍ରମମାନ ରହିଛି ଯାହା ରପ୍ତାନୀ କରାଯାଉଥିବା ଖାଦ୍ୟସାମଗ୍ରୀର ନିରାପତ୍ତାକୁ ମଧ୍ୟ ସୁନିଶ୍ଚିତ କରୁଛି। କାରଣ ଖାଦ୍ୟ ନିରାପତ୍ତା ସମ୍ବନ୍ଧୀୟ ଘଟଣାର ଜଟିଳ ଆର୍ଥିକ ପ୍ରଭାବ ରହିଛି। ସେଥିମଧ୍ୟରେ ଜନସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଥିବା ବିପଦ ଠାରୁ ନେଇ ଉପଭୋକ୍ତାମାନଙ୍କ ଆସ୍ଥା ଓ ବିଶ୍ୱାସ ହାନି ଏବଂ ସର୍ବୋପରି ଖାଦ୍ୟ ଯୋଗାଣ ଏବଂ ମୂଲ୍ୟ ସ୍ଥିରତା ବ୍ୟାହତ ହେବାଭଳି ଆଶଙ୍କା ରହିଛି। ତେଣୁ ଖାଦ୍ୟ ନିରାପତ୍ତାକୁ ସୁରକ୍ଷିତ ରଖିବା କେବଳ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ନୁହେଁ, ଅପର ପକ୍ଷେ, ଏହା ଆର୍ଥିକ ବିକାଶକୁ ସମର୍ଥନ ଜଣାଇବା, ଆନ୍ତର୍ଜାତିକ ବାଣିଜ୍ୟ କାରବାରକୁ ପ୍ରୋତ୍ସାହନ ଯୋଗାଣ ଏବଂ ବଜାର ଉପଲବ୍ଧତା କାଏମ ରଖିବା ପାଇଁ ମଧ୍ୟ ଜରୁରୀ।

ଖାଦ୍ୟ ସୁରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗକୁ ମୁକାବିଲା କରିବା ଏବଂ ଭାରତର ପୋଷଣୀୟ ବିକାଶ ଲକ୍ଷ୍ୟ ପ୍ରତିବଦ୍ଧତାକୁ ପୂରଣ କରିବା ନିମନ୍ତେ ୨୦୨୪-୨୫ର କେନ୍ଦ୍ର ବଜେଟରେ ୫୦ଗୋଟି ବିବିଧ-ଉତ୍ପାଦ ବିକିରଣମୁକ୍ତ ଖାଦ୍ୟ ୟୁନିଟ ସ୍ଥାପନ ନିମନ୍ତେ ବ୍ୟୟ ବରାଦ କରାଯାଇଛି। ଏହିସବୁ ୟୁନିଟ୍‌ଗୁଡ଼ିକ ଏମଏସଏମଇ କ୍ଷେତ୍ରରେ ହିଁ ସ୍ଥାପନ କରାଯିବ। ଏହା ଆମର ଖାଦ୍ୟ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରେ ଏବଂ ଖାଦ୍ୟକୁ ବିକୀରଣମୁକ୍ତ ପ୍ରଯୁକ୍ତି ମାଧ୍ୟମରେ କୃଷିଖାଦ୍ୟ ଉତ୍ପାଦର ଜୀବନୀ ଏବଂ ନିରାପତ୍ତାକୁ ମଧ୍ୟ ସମ୍ବର୍ଦ୍ଧନ କରେ ଯାହା ଫଳରେ ସେସବୁ ଖାଦ୍ୟ ଏହାର ସର୍ବାଧିକ ଗୁଣବତ୍ତା ସହିତ ଉପଭୋକ୍ତା ମାନଙ୍କ ନିକଟରେ ପହଞ୍ଚିଥାଏ। ଏହା ଦ୍ୱାରା ଖାଦ୍ୟସାମଗ୍ରୀ ହାନି ମାତ୍ରା ହ୍ରାସ ପାଇଥାଏ ଏବଂ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳ ମଧ୍ୟ ସ୍ୱାଭାବିକ ରହିଥାଏ।

ଖାଦ୍ୟଶସ୍ୟକୁ ବିକୀରଣହୀନ କରିବା ପ୍ରକ୍ରିୟାରେ ଖାଦ୍ୟକୁ ରାସାୟନିକ ପ୍ରକ୍ରିୟା ସଂସ୍ପର୍ଶରେ ଆଣିବାକୁ ପଡ଼ିଥାଏ। ତାହା ପ୍ୟାକେଟ୍‌ଯୁକ୍ତ ଖାଦ୍ୟ ହୋଇଥାଉ କିମ୍ବା ବିପୁଳ ପରିମାଣର ଖାଦ୍ୟ, ଏହାକୁ ଏକ ଆୟୋନାଇଜଡ୍ ବିକୀରଣ ପଦ୍ଧତି ମାଧ୍ୟମରେ ଅତି ସତର୍କତାର ସହିତ ପରିବେଶରେ ରଖିବାକୁ ପଡ଼ିଥାଏ। ଏହି ପଦ୍ଧତି ସଫଳତାର ସହିତ ଖାଦ୍ୟଶସ୍ୟରେ ଥିବା ରୋଗଣା ମାତ୍ରାର ବିପଦକୁ ହ୍ରାସ କରିଥାଏ, କାରଣ ସେଥିରୁ ହାନିକାରକ ଅଣୁଜୀବଗୁଡ଼ିକୁ ନିଃଶେଷ କରାଯାଇଥାଏ। ଏହି ପ୍ରକ୍ରିୟା ଖାଦ୍ୟଶସ୍ୟ ହାନିକୁ କମାଇବାରେ ସହାୟକ ହୋଇଥାଏ, କାରଣ ଖାଦ୍ୟ ନଷ୍ଟ ପ୍ରକ୍ରିୟାକୁ ଏହା କମାଇ ଦେଇଥାଏ ଏବଂ ଯେଉଁସବୁ ଅଣୁଜୀବମାନେ ଖାଦ୍ୟସାମଗ୍ରୀକୁ ଶୀଘ୍ର ନଷ୍ଟ କରିଦେଇ ଥାଆନ୍ତି, ସେମାନଙ୍କୁ ଏଭଳି ପ୍ରକ୍ରିୟା ମାଧ୍ୟମରେ ବିନାଶ କରାଯାଇଥାଏ। ସେହିସବୁ ନଷ୍ଟ ପ୍ରକ୍ରିୟା ମାଧ୍ୟମରେ ନିର୍ଦ୍ଧାରିତ ଅବଧି ପୂର୍ବରୁ ପାକଳ ହେବା, ଅଙ୍କୁରଣ କିମ୍ବା ଗଜା ହେବା ପ୍ରକ୍ରିୟାକୁ ବିଳମ୍ବିତ କରିଦିଆଯାଇଥାଏ। ଏହା ଫଳରେ ସେହିସବୁ ଖାଦ୍ୟଶସ୍ୟକୁ ରସାୟନିକ ସଂରକ୍ଷକ ସାହାଯ୍ୟରେ ସଂରକ୍ଷିତ ରଖିବା ପାଇଁ ଯେତିକି ମାତ୍ରାରେ ସଂରକ୍ଷକ ଆବଶ୍ୟକ ପଡ଼ିବା କଥା ତାହା ହ୍ରାସ କରିଥାଏ। କାରଣ ଖାଦ୍ୟଶସ୍ୟର ଆମ୍ ଜୀବନ ମାତ୍ରା ବୃଦ୍ଧି ପାଇଥାଏ ଯଦ୍ୱାରା ଅଧିକ ପୋଷଣୀୟ ଭାବରେ ଖାଦ୍ୟ ଯୋଗାଣ ଚେନ୍ ପ୍ରଲମ୍ବିତ ହେବା ପାଇଁ ଏହା ସହାୟକ ହୋଇଥାଏ।

ଖାଦ୍ୟଶସ୍ୟକୁ ରାସାୟନିକ ପ୍ରକ୍ରିୟାମୁକ୍ତ କରିବା ନିମନ୍ତେ କେବଳ ଥରେ ମାତ୍ର ତାହାକୁ ରାସାୟନିକ ସଂରକ୍ଷକ ଦ୍ୱାରା ପ୍ରକ୍ରିୟାକରଣ କରିବାକୁ ପଡ଼ିଥାଏ ଯେଉଁଥିରୁ ଇପ୍ସିତ ଲକ୍ଷ୍ୟ ହାସଲ କରାଯାଇ ପାରିଥାଏ। ଏଭଳି ପ୍ରକ୍ରିୟାକରଣ ସମଗ୍ର ପ୍ରକ୍ରିୟାକୁ ସନ୍ତୁଳିତ କରିଥାଏ ଏବଂ ଖାଦ୍ୟ ନିରାପତ୍ତା କାର୍ଯ୍ୟ ପଦ୍ଧତିକୁ ସରଳୀକୃତ କରିଥାଏ ଏବଂ ଖାଦ୍ୟ ଯୋଗାଣ ଶିକୁଳିରେ ଅର୍ଥ ସଞ୍ଚୟ ମଧ୍ୟ କରିପାରିଥାଏ।

ଖାଦ୍ୟଶସ୍ୟକୁ ରାସାୟନିକ ବିକୀରଣ ପଦ୍ଧତି ବ୍ୟବହାର କରି ସୁରକ୍ଷିତ ରଖିବା ପଦ୍ଧତି କିଛି ନୂଆ ନୁହେଁ – ପାରମ୍ପରିକ ପଦ୍ଧତି ଯଥା ଫଳକୁ, ପନିପରିବାକୁ, ଗୁଳ୍ମକୁ, ମାଂସ ଅବା ମାଛକୁ ଉତ୍ତମ ରୂପେ ଶୁଖାଇ ସଂରକ୍ଷିତ ରଖିବା ଏକ ସାଧାରଣ ପ୍ରକ୍ରିୟା। ସୂର୍ଯ୍ୟକିରଣକୁ ଏଥିପାଇଁ ସଂରକ୍ଷଣର ସାଧନ ଭାବରେ ଶହ ଶହ ବର୍ଷ ଧରି ବ୍ୟବହାର କରାଯାଇ ଆସୁଛି। ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ କାର୍ଯ୍ୟକ୍ରମ ସମ୍ପର୍କୀତ ଯୁଗ୍ମ ଖାଦ୍ୟ ମାନକ କାର୍ଯ୍ୟକ୍ରମ ଯେତେବେଳେ ପ୍ରଥମ କରି ମୁଣ୍ଡ ଟେକିଲା ସେତେବେଳେ କୋଡେକ୍ସ ଆଲିମେଣ୍ଟାରିଅସ୍ କମିଶନ ବସିଥିଲା ଏବଂ ସେମାନେ ଖାଦ୍ୟ ସଂରକ୍ଷଣ ନିମନ୍ତେ ଏକ ବୈଶ୍ୱିକ ମାନକ ନିର୍ଦ୍ଧାରଣ କରିଥିଲେ। ଏହାପରେ ଆଧୁନିକ କାଳରେ ଏଥି ପ୍ରତି ସଭିଏଁ ଆଗ୍ରହ ପ୍ରକଟ କରିବା ଆରମ୍ଭ କଲେ।

ଖାଦ୍ୟକୁ ବିକୀରଣମୁକ୍ତ କରିବା ହେଉଛି ଏକପ୍ରକାର ରନ୍ଧନ ପ୍ରକ୍ରିୟା ଯାହା ନିରାପଦ ଏବଂ ସମସ୍ତ ଦୃଷ୍ଟିରୁ ଖାଦ୍ୟର ମାନ ସଂରକ୍ଷଣ ଏବଂ ନିରାପତ୍ତାକୁ ସୁନିଶ୍ଚିତ ରଖିବା ଦିଗରେ ଏହା ସହାୟକ ହୋଇଥାଏ। ତେଣୁ ଏହି ପଦ୍ଧତିକୁ ଏବେ ସର୍ବତ୍ର ବ୍ୟାପକ ମାତ୍ରାରେ ଗ୍ରହଣ କରାଯାଉଛି, ବିଶେଷ କରି ସେହିସବୁ ରାଷ୍ଟ୍ରମାନଙ୍କରେ ଯେଉଁଠାରେ ଖାଦ୍ୟର ନିରାପତ୍ତା ମାନକୁ ଅତି ମାତ୍ରା ପ୍ରତି ଅତି ମାତ୍ରାରେ ସରକାର ଓ ଉପଭୋକ୍ତା ସଚେତନ। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ସଂଘ, ଜାପାନ, ଅଷ୍ଟ୍ରେଲିଆ ଓ କାନାଡା ଭଳି ରାଷ୍ଟ୍ର ସେହି ବର୍ଗରେ ଅନ୍ତର୍ଭୁକ୍ତ। ସେହିସବୁ ରାଷ୍ଟ୍ରମାନଙ୍କରେ ଏଭଳି ପଦ୍ଧତିକୁ ଘରୋଇ ବଜାର ପାଇଁ ଏବଂ ରପ୍ତାନୀ ନିମନ୍ତେ ମଧ୍ୟ ବ୍ୟବହାର କରାଯାଇଥାଏ। ଏହାର ଏକ ଉଲ୍ଲେଖନୀୟ ପ୍ରଭାବ ହେଉଛି ୨୦୧୨ ମସିହାରେ ସ୍ୱାକ୍ଷରିତ ହୋଇଥିବା ରାଜିନାମା ଯାହା ଫଳରେ ଭାରତୀୟ ଆମ୍ବକୁ ଦୀର୍ଘ ୨୦ ବର୍ଷ ଧରି ନିଷେଧ କରାଯିବା ପରେ ପୁଣି ଥରେ ସେ ଦେଶକୁ ରପ୍ତାନୀ କରାଯାଇଥିଲା। ଏଭଳି ସଫଳତା ଭାରତ ଦ୍ୱାରା ହାସଲ କରାଯାଇଥିଲା କାରଣ ଭାରତ ନିଜ ଦେଶରେ ଉତ୍ପାଦିତ ଆମ୍ବକୁ ରାସାୟନିକ ପଦ୍ଧତିରେ ଜୀବାଣୁମୁକ୍ତ କରିବା ପାଇଁ ରାଜି ହୋଇଥିଲା। ପରିଣାମ ସ୍ୱରୂପ, ରପ୍ତାନୀ କରାଯିବା ପୂର୍ବରୁ ଏହି ପଦ୍ଧତି ଅବଲମ୍ବନ କରାଯାଇଥିଲା ଯାହା ଫଳରେ ଆମ୍ବ ଉପରେ କୀଟମାନଙ୍କ ଦ୍ୱାରା ସମ୍ଭାବିତ ପ୍ରଦୂଷଣକୁ ହ୍ରାସ କରାଯାଇଥିଲା। ଏହା ଆମେରିକାର ଘରୋଇ କୃଷିକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥିଲା।

ଭାରତ ଅଧୁନା ସାରା ଦେଶରେ ୩୪ଗୋଟି ବିକୀରଣମୁକ୍ତ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରି ଏହି ଦିଗରେ ଯଥେଷ୍ଟ ପ୍ରଗତି ହାସଲ କରିଛି। କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ (ଏମଓଏଫପିଆଇ) ଏହି ସଂସାଧନର ବିକାଶ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଆର୍ଥିକ ସହଯୋଗରେ ଏହିଭଳି ୧୬ଗୋଟି କେନ୍ଦ୍ର ସ୍ଥାପନ କରାଯାଇଛି। ଏଭଳି ପ୍ରଗତିକୁ ପ୍ରଶଂସନୀୟ ବୋଲି ଯଦିଚ କୁହାଯିବ, ତଥାପି ସଂଖ୍ୟା ଏବଂ ଏସବୁର ଅବସ୍ଥିତି ଦୃଷ୍ଟିରୁ ଏହାର ଅଧିକ ସମ୍ପ୍ରସାରଣ ଜରୁରି ଯଦ୍ୱାରା ଆମର ସାମର୍ଥ୍ୟ ଓ ଆବଶ୍ୟକତାକୁ ତାହା ପୂରଣ କରିପାରିବ ଏବଂ ଏକ ସ୍ପନ୍ଦିତ କୃଷିଖାଦ୍ୟ ବଜାର ବୃଦ୍ଧିରେ ସହାୟକ ହୋଇପାରିବ।

ତେବେ ବ୍ୟାପକ ଖାଦ୍ୟଶସ୍ୟ କୀଟନାଶକମୁକ୍ତ କାରଖାନା ସ୍ଥାପନ କାର୍ଯ୍ୟକାରୀ କରିବା ଏକ ବ୍ୟୟସାପେକ୍ଷ ପ୍ରକ୍ରିୟା। ୧ ଏମସିଆଇ କୋବାଲ୍ଟ ୬୦ କୀଟନାଶକମୁକ୍ତ କାରଖାନା ସ୍ଥାପନ ନିମନ୍ତେ ପ୍ରାୟ ୨୫ରୁ ୩୦ କୋଟି ଟଙ୍କାର ଆନୁମାନିକ ପୁଞ୍ଜି ନିବେଶ କରିବାର ଆବଶ୍ୟକ ପଡ଼ିଥାଏ। ଏହା ବ୍ୟତୀତ କାରଖାନା ସ୍ଥାପନ ପାଇଁ ଆବଶ୍ୟକ ଜମି ଏବଂ ଅତିରିକ୍ତ ଭିତ୍ତିଭୂମି ମୂଲ୍ୟ ମଧ୍ୟ ବହନ କରିବାକୁ ପଡ଼ିଥାଏ। ପୁନଶ୍ଚ ଏଭଳି ଏକ କାରଖାନା କାର୍ଯ୍ୟକାରୀ କରିବା ସହିତ ଅନେକ ଜଟିଳ ପର୍ଯ୍ୟାୟ ଓ ପ୍ରକ୍ରିୟା ମଧ୍ୟ ରହିଛି ଯେଉଁଥିରେ ନିରାପତ୍ତା, ମଞ୍ଜୁରୀ, ସାଇଟ୍ ପାଇଁ ଅନୁମତି ପ୍ରଦାନ, କାରଖାନା ନିର୍ମାଣ, ଉତ୍ସ ସ୍ଥାପନ, ନିରାପତ୍ତା ଆକଳନ ଏବଂ ମାର୍ଗଦର୍ଶନ, ପରିଚାଳନା, କମିଶନିଂ ଏବଂ ନିୟମିତ ରକ୍ଷଣାବେକ୍ଷଣ ଓ ମରାମତି ବ୍ୟତୀତ ସାମୟିକ ବିକୀରଣ ଉତ୍ସର ପରିବର୍ତ୍ତନର ମଧ୍ୟ ଆବଶ୍ୟକତା ରହିଛି। ଭାବା ଆଣବିକ ଗବେଷଣା କେନ୍ଦ୍ର ଏବଂ ଆଣବିକ ଶକ୍ତି ନିୟାମକ ବୋର୍ଡ ଭଳି ସଂସ୍ଥା ଏଭଳି କାରଖାନା ଓ ସଂସ୍ଥାଗୁଡ଼ିକୁ ତଦାରଖ କରିଥାନ୍ତି।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଭଳି ଅଧିକ ପୁଞ୍ଜି ଖଟାଇବାକୁ ପଡ଼ିବା ସତ୍ତ୍ୱେ ନିବେଶକଙ୍କ ପାଇଁ ଏଥିରୁ ପର୍ଯ୍ୟାପ୍ତ ପରିମାଣର ସୁଫଳ ଓ ଲାଭ ମଧ୍ୟ ମିଳିବାର ସୁଯୋଗ ରହିଛି। କାରଣ ଦିନକୁ ଦିନ ନିରାପଦ, ଦୀର୍ଘଦିନ ଧରି ଖାଦ୍ୟ ଉତ୍ପାଦକୁ ଉଭୟ ଘରୋଇ ଏବଂ ଆନ୍ତର୍ଜାତିକ ବଜାର ନିମନ୍ତେ ଚାହିଦା ମୁତାବକ ଆକର୍ଷଣୀୟ ମୂଲ୍ୟରେ ପହଞ୍ଚାଇବା ଲାଗି ଆଗ୍ରହ ବଢ଼ି ବଢ଼ି ଚାଲିଛି। ତେଣୁ ଏହାକୁ ଏକ ଆକର୍ଷଣୀୟ ସୁଯୋଗ ଭାବରେ ଗ୍ରହଣ କରାଯାଇପାରେ। ଖାଦ୍ୟ ସୁରକ୍ଷାର ପରିସରକୁ ବ୍ୟାପକ କରିବା ଏବଂ ବିକୀରଣ ସୁବିଧା ଜରିଆରେ ଖାଦ୍ୟଦ୍ରବ୍ୟର ନିଜସ୍ୱ ଜୀବନ ଅବଧିକୁ ବୃଦ୍ଧି କରିବା ତଥା ଖାଦ୍ୟ ନଷ୍ଟକୁ କମାଇବା ଏବଂ ସର୍ବୋପରି କଠୋର ରପ୍ତାନୀ ମାନକୁ ଅନୁପାଳନ କରିବା ନିମନ୍ତେ ଏହି ଉପାୟ ଏକାନ୍ତ ଜରୁରୀ। ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ୨୦୨୫-୨୬ ମସିହା ସୁଦ୍ଧା ୫୩୫ ବିଲିୟନ ଆମେରିକୀୟ ଡଲାର ଛୁଇଁବ ବୋଲି ଆକଳନ କରାଯାଉଛି ଏବଂ ପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟର ରପ୍ତାନୀ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେପରି ସ୍ଥଳେ ବିକୀରଣମୁକ୍ତ ସୁବିଧା ପୁଞ୍ଜି ନିବେଶର ଏକ ଉତ୍ସାହଜନକ ଭବିଷ୍ୟତର ସୁଯୋଗ ପ୍ରଦାନ କରେ।

ଖାଦ୍ୟ ନଷ୍ଟକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଭିତ୍ତିଭୂମି ବିକାଶକୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ (ଏମଓଏଫପିଆଇ) ମଧ୍ୟ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାର ପ୍ରାବଧାନ କରିଛି। ପ୍ରତି ବିକୀରଣମୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ସ୍ଥାପନ ନିମନ୍ତେ ଏଭଳି ଅର୍ଥ ଯୋଗାଇ ଦିଆଯାଉଛି। ଏହି ସହାୟତା ଗ୍ରାଣ୍ଟ ଅଥବା ସବ୍‌ସିଡି ଆକାରରେ ପ୍ରଦାନ କରାଯାଉଛି, ଯାହାକି ପଚନଶୀଳ ଖାଦ୍ୟଦ୍ରବ୍ୟକୁ ପ୍ରକ୍ରିୟାକରଣ କରିବ ଏବଂ ସେଥିରେ ଫଳ ଓ ପନିପରିବା ସାମିଲ। ଏହା ଫଳରେ ତାହା ଯେତିକି ସ୍ୱାସ୍ଥ୍ୟକର ହେବ ସେସବୁର ଆମ୍-ଜୀବନ ସେତିକି ବୃଦ୍ଧି ପାଇବ। ୨୦୨୪-୨୫ ମସିହାରେ କେନ୍ଦ୍ର ବଜେଟରେ ଏଭଳି ଘୋଷଣା ପରେ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଉଦ୍ୟୋଗୀମାନଙ୍କ ଠାରୁ ଆଗ୍ରହ ପତ୍ର ଆହ୍ୱାନ କରିଛନ୍ତି। ଯେଉଁମାନେ ବିବିଧ-ଉତ୍ପାଦ ଖାଦ୍ୟ ବିକୀରଣମୁକ୍ତ ୟୁନିଟ୍ ସ୍ଥାପନ ନିମନ୍ତେ ଆଗ୍ରହୀ ସେମାନେ ସମନ୍ୱିତ କୋଲ୍ଡ ଚେନ୍ ଏବଂ ମୂଲ୍ୟ ସଂଯୋଗୀ ସଂସାଧନ (କୋଲ୍ଡ ଚେନ୍ ଯୋଜନା) ପାଇଁ ସରକାରଙ୍କୁ ଆବେଦନ କରିପାରିବେ ଏବଂ ଏହି ଯୋଜନାରୁ ଫାଇଦା ହାସଲ କରିପାରିବେ। ଖାଦ୍ୟ ରସାୟନ ଶୋଧନ ପଦ୍ଧତି ଖାଦ୍ୟ ନିରାପତ୍ତା ଏବଂ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ଏହା ପଚନଶୀଳ ଖାଦ୍ୟ ଓ ଖାଦ୍ୟ ଉତ୍ପାଦର ନିଜସ୍ୱ ଜୀବନ ଅବଧି ବୃଦ୍ଧି କରିଥାଏ। ତେଣୁ ଆମର ଏଭଳି ସଂସାଧନର ସମ୍ପ୍ରସାରଣର ଜରୁରୀ ଆବଶ୍ୟକତା ରହିଛି ଯାହାକି ଭାରତୀୟ ଖାଦ୍ୟ ଯୋଗାଣ ଶୃଙ୍ଖଳ ଏବଂ କୃଷିଖାଦ୍ୟ ରପ୍ତାନୀ କ୍ଷେତ୍ରକୁ ଅଧିକ ମାନଯୁକ୍ତ ଓ ନିର୍ଭରଶୀଳ କରିବ। ତେଣୁ ଆମେ ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଏହି ସୁଯୋଗର ଫାଇଦା ହାସଲ କରି ଅତିରିକ୍ତ ବିକୀରଣ ଶୋଧନଯୁକ୍ତ କାରଖାନା ସ୍ଥାପନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଜଣାଉଛୁ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ତରଫରୁ ଯୋଗାଇ ଦିଆଯାଉଥିବା ଆର୍ଥିକ ସହଯୋଗର ମଧ୍ୟ ସେମାନେ ସୁଯୋଗ ଉଠାନ୍ତୁ। ଖାଦ୍ୟ ଶୋଧନ ୟୁନିଟ୍ ସ୍ଥାପନରେ ପୁଞ୍ଜି ନିବେଶ ଦ୍ୱାରା ଦେଶରେ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସମ୍ପ୍ରସାରିତ ହେବ ଏବଂ ଏହା ଖାଦ୍ୟଶସ୍ୟ ଓ ଦ୍ରବ୍ୟ ନଷ୍ଟର ମାତ୍ରାକୁ ହ୍ରାସ କରିବ ଏବଂ ଏଥି ସହିତ ଏହା ସାରା ଦେଶରେ ଖାଦ୍ୟ ନିରାପତ୍ତାକୁ ଉନ୍ନତ କରିବ। ଏହା ଆମ ଦେଶର କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ନିମନ୍ତେ ଉତ୍ତମ ମୂଲ୍ୟ ପ୍ରଦାନ କରିବାରେ ସହାୟକ ହେବ। ତେଣୁ ଆସନ୍ତୁ, ଭାରତର ଖାଦ୍ୟ ଶିଳ୍ପକୁ ରୂପାନ୍ତରଣ କରିବାରେ – ଆପଣଙ୍କର ନିବେଶ ଭବିଷ୍ୟତର ପୋଷଣୀୟ କୃଷିକୁ ଆଗକୁ ଆଗେଇନେବ ଏବଂ ଏକ ଚଳଚଞ୍ଚଳ ଅର୍ଥନୀତିକୁ ସହାୟକ ହେବ।





# ଶଶି ଥରୁରଙ୍କୁ ଆଶ୍ୱସ୍ତି: ମାନହାନୀ ମାମଲାରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୦/୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିବାଦୀୟ ବୟାନକୁ ନେଇ କଂଗ୍ରେସ ନେତା ଶଶି ଥରୁରଙ୍କ ବିରୋଧରେ ହୋଇଥିବା ଅପରାଧିକ ମାନହାନୀ ମାମଲା ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ। ଏନେଇ କୋର୍ଟ ଏକ ପିଟିସନ ଜାରି କରିବା ସହିତ ୪ ସପ୍ତାହ ଭିତରେ ଏହାର ଜବାବ ମାଗିଛନ୍ତି। ସେତେବେଳ ପର୍ଯ୍ୟନ୍ତ ମାନହାନୀ ମାମଲା ଉପରେ ରୋକ ଲଗାଇଯାଇଛି।

୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବାଦୀୟ ବୟାନ ଦେଇଥିଲେ ଶଶି ଥରୁର। ମୋଦିଙ୍କୁ ଟାର୍ଗେଟ୍ କରି ଶିବଲିଙ୍ଗ ଉପରେ କଙ୍କଡ଼ା ବିଛା ବସିଛି ବୋଲି କହିଥିଲେ ଥରୁର। ପିଟିଆଇରେ ପ୍ରକାଶିତ ସୂଚନା ଅନୁସାରେ, ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ହୃଷିକେଶ ରୟ ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ।

ଏହା ପୂର୍ବରୁ ମାମଲା ରଦ୍ଦ କରିବାକୁ ଶ୍ରୀ ଥରୁର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ୨୦୨୪ ଅଗଷ୍ଟ ୨୯ ତାରିଖରେ ମାମଲାର ଶୁଣାଣି କରି ଶ୍ରୀ ଥରୁରଙ୍କ ଆବେଦନକୁ ଖାରଜ କରିଦେଇଥିଲେ ଦିଲ୍ଲୀ ହାଇକୋର୍ଟ। ଶ୍ରୀ ଥରୁରଙ୍କ ଏଭଳି ମନ୍ତବ୍ୟ ପ୍ରଧାନମନ୍ତ୍ରୀଙ୍କ ସମେତ ବିଜେପିର ଅନ୍ୟ ସାଂସଦଙ୍କ ପାଇଁ ଏହା ଅପମାନଜନକ ବୋଲି ହାଇକୋର୍ଟ କହିଥିଲେ। ଏହାପରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀ ଥରୁର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନା ଅନୁସାରେ, ରାଜୀବ ବବ୍ବର ନାମକ ଜଣେ ବ୍ୟକ୍ତି ଶ୍ରୀ ଥରୁରଙ୍କ ବିରୋଧରେ ୨୦୧୮ ନଭେମ୍ବର ୨ ତାରିଖରେ ମାନହାନୀ ମାମଲା କରିଥିଲେ। କଂଗ୍ରେସ ସାଂସଦଙ୍କ ବୟାନ ଧାର୍ମିକ ଭାବନାକୁ ଆଘାତ ଦେଇଛି। ଏଭଳି ମନ୍ତବ୍ୟ ଏକ ଅସହ୍ୟ ଗାଳି ବୋଲି ଦାବି କରିଥିଲେ। ଅକ୍ଟୋବର ୨୦୧୮ରେ ବେଙ୍ଗାଲୋରରେ ଆୟୋଜିତ ଏକ ସାହିତ୍ୟ ସମାରୋହରେ ଶଶି ଥରୁର ଯୋଗ ଦେଇ ଏଭଳି ବୟାନ ଦେଇଥିଲେ। ଜଣେ ଅଜ୍ଞାତ ରାଷ୍ଟ୍ରୀୟ ସ୍ୱୟମ ସେବକ ସଂଘର କର୍ମୀ ମୋଦିଙ୍କୁ ଶିବ ଲିଙ୍ଗ ଉପରେ କଙ୍କଡ଼ା ବିଛା ବସିଛି ବୋଲି କହିଥିବା ଶ୍ରୀ ଥରୁର କହିଥିଲେ। ଶ୍ରୀ ଥରୁରଙ୍କ ପକ୍ଷରୁ କେସ୍ ଲଢୁଥିବା ଆଡଭୋକେଟ ମହମ୍ମଦ ଅଲି ଖାନ୍ କୋର୍ଟରେ ତର୍କ ରଖିଥିଲେ ଯେ ତାଙ୍କ ମହକିଲ ୨୦୧୨ରେ କାରବାନ ମ୍ୟାଗେଜିନର ପ୍ରକାଶିତ ଏକ ରିପୋର୍ଟକୁ ଉଲ୍ଲେଖ କରିଥିଲେ। ସେଥିରେ ଯାହା ଲେଖାଥିଲା ତାହା କହିଥିଲେ। ଯଦି ୨୦୧୨ରେ ଏହା ମାନହାନୀ ହେଲାନି ତେବେ ୨୦୧୮ରେ ଏହା କିଭଳି ମାନହାନୀ ହେଲା ବୋଲି ଅଲି ଖାନ ତର୍କ ରଖିଥିଲେ। ଖାନଙ୍କ ତର୍କ ଶୁଣିବା ପରେ ଜଷ୍ଟିସ ରୟ କହିଥିଲେ " ସ୍କର୍ପିଅନ (କଙ୍କଡ଼ା ବିଛା) ବ୍ୟକ୍ତି ଅଜୟ ପରାକ୍ରମକୁ ବି ଦର୍ଶାଇଥାଏ। ଏକ ତୁଳନାକୁ ବିଭିନ୍ନ ଦିଗରେ ବ୍ୟାଖ୍ୟା କରାଯାଇପାରେ। ମୁଁ ବୁଝିପାରୁନି ଏଥିରେ ଲୋକଙ୍କର ଆପତ୍ତି କାହିଁକି ଥାଏ ?"

# ସମ୍ବଲପୁର ରେଳ ଷ୍ଟେସନରେ ୟାର୍ଡ଼ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ, ଅସ୍ଥାୟୀ ଭାବେ ଟ୍ରେନ ମାର୍ଗ ପରିବର୍ତ୍ତନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶର ପ୍ରମୁଖ ଷ୍ଟେସନଗୁଡିକର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ଭାରତୀୟ ରେଳବାଇର ବୃହତ ଯୋଜନାର ଏକ ଅଂଶ ଭାବରେ ସମ୍ବଲପୁର ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ୟାର୍ଡ଼ ପୁନଃନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲୁରହିଛି। ପୂର୍ବତଟ ରେଳପଥ ରେଳ ନେଟୱର୍କର ଏକ ପ୍ରମୁଖ ହବ୍ ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାରେ ଉନ୍ନତି ଆଣିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି। ପୂର୍ବତଟ ରେଳପଥର ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମଧ୍ୟରୁ ଆଞ୍ଚଳିକ ଲଜିଷ୍ଟିକ୍ ଏବଂ ଯାତ୍ରୀ ପରିବହନରେ ସମ୍ବଲପୁର ରେଳ ଷ୍ଟେସନ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆଧୁନିକୀକରଣ ପ୍ରକଳ୍ପ କେବଳ ଷ୍ଟେସନର ପରିଚାଳନା କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଯାତ୍ରୀ ଏବଂ ପଣ୍ୟ ଯାତାୟାତ ପାଇଁ ଅଧିକ ଶୃଙ୍ଖଳିତ, ଦକ୍ଷ ରେଳ ସେବା ଯୋଗାଇବ। ଏହି ବିସ୍ତୃତ ୟାର୍ଡ ରିମଡେଲିଙ୍ଗ କାର୍ଯ୍ୟରେ ବେ-ଲାଇନ୍, ଲୋକୋ ରିଭର୍ସାଲ ଲାଇନ୍ ଏବଂ ଇନ୍ସପେକ୍ସନ କ୍ୟାରେଜ ସାଇଡିଂ ସ୍ଥାନାନ୍ତରିତ ହେବ। ଏହି ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ଭାବରେ ବେ-ଲାଇନ୍ସ ଏକ ପୂର୍ଣ୍ଣ ଦୈର୍ଘ୍ୟ ବିଶିଷ୍ଟ ପ୍ଲାଟଫର୍ମ ଭାବରେ ସମ୍ପ୍ରସାରଣ କରାଯିବ। ଏହି ପ୍ରକଳ୍ପକୁ ୪.୫ ମାସ (୧୩୯ ଦିନ) ଲାଗିବ ବୋଲି ଆଶା କରାଯାଉଛି। ଯାତ୍ରୀଙ୍କ ଚାହିଦା, ଆଞ୍ଚଳିକ ବିକାଶ ଏବଂ ଜାତୀୟ ଲଜିଷ୍ଟିକ୍ ଆବଶ୍ୟକତା ଅନୁଯାୟୀ ଭିତ୍ତିଭୂମି ନବୀକରଣ ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ରହିଛି। ୟାର୍ଡ଼ର ପୁନଃନିର୍ମାଣ କାର୍ଯ୍ୟ ପାଇଁ କିଛି ଟ୍ରେନ୍ ସେବା ସାମୟିକ ଭାବରେ ପ୍ରଭାବିତ ହେବ। ସମ୍ବଲପୁର ଷ୍ଟେସନକୁ ନଆସି ପାଞ୍ଚ ଯୋଡା ଟ୍ରେନ୍ ସମ୍ବଲପୁର ସିଟି ଷ୍ଟେସନ-ସରଲା ଷ୍ଟେସନ ମାର୍ଗ ଦେଇ ମାର୍ଗ ପରିବର୍ତ୍ତନ କରି ସାମୟିକ ଭାବେ ଚଳାଚଳ କରିବ। ନିର୍ମାଣ ଅବଧି ମଧ୍ୟରେ ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ଏହି ମାର୍ଗ ପରିବର୍ତ୍ତନ କାର୍ଯ୍ୟ ଅତ୍ୟନ୍ତ ଜରୁରୀ ଅଟେ। ପ୍ରଭାବିତ ଟ୍ରେନ୍ ଗୁଡିକ ହେଲା :-

୧. ୧୮୧୨୬/୧୮୧୨୫ ପୁରୀ-ରାଉରକେଲା-ପୁରୀ ଏକ୍ସପ୍ରେସ: ଉଭୟ ପାର୍ଶ୍ୱରୁ ସେପ୍ଟେମ୍ବର ୨୦ ରୁ ୨୦୨୫ ଫେବୃଆରୀ ୫ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ୨. ୧୨୮୭୯/୧୨୮୮୦ ଏଲଟିଟି-ଭୁବନେଶ୍ୱର-ଏଲଟିଟି ଏକ୍ସପ୍ରେସ: ଏଲଟିଟି ରୁ ୨୦୨୪ ସେପ୍ଟେମ୍ବର ୨୧ ରୁ ୨୦୨୫ ଫେବୃଆରୀ ୧ ଏବଂ ଭୁବନେଶ୍ୱରରୁ ୨୦୨୪ ସେପ୍ଟେମ୍ବର ୨୩ ରୁ ୨୦୨୫ ଫେବୃଆରୀ ୩ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ୩. ୨୨୮୬୫/୨୨୮୬୬ ଏଲଟିଟି-ପୁରୀ-ଏଲଟିଟି ଏକ୍ସପ୍ରେସ : ଏଲଟିଟି ରୁ ୨୦୨୪ ସେପ୍ଟେମ୍ବର ୧୯ ରୁ ୨୦୨୫ ଜାନୁଆରୀ ୩୦ ମଧ୍ୟରେ ଏବଂ ପୁରୀରୁ ୨୦୨୪ ସେପ୍ଟେମ୍ବର ୨୪ ରୁ ୨୦୨୫ ଫେବୃଆରୀ ୫ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ୪. ୨୦୪୭୧/୨୦୪୭୨ ଲାଲଗଡ-ପୁରୀ-ଲାଲଗଡ ଏକ୍ସପ୍ରେସ: ଲାଲଗଡରୁ ୨୦୨୪ ସେପ୍ଟେମ୍ବର ୨୨ ରୁ ୨୦୨୫ ଫେବୃଆରୀ ୨ ମଧ୍ୟରେ ଏବଂ ପୁରୀରୁ ୨୦୨୪ ସେପ୍ଟେମ୍ବର ୨୫ ରୁ ୨୦୨୫ ଫେବୃଆରୀ୫ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ୫. ୨୦୮୧୩/୨୦୮୧୪ ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ: ପୁରୀରୁ ୨୦୨୪ ସେପ୍ଟେମ୍ବର ୨୫ ରୁ ୨୦୨୫ ଫେବୃଆରୀ ୫ ମଧ୍ୟରେ ଏବଂ ଯୋଧପୁରରୁ ୨୦୨୪ ସେପ୍ଟେମ୍ବର ୨୧ ରୁ ୨୦୨୫ ଫେବୃଆରୀ ୧ ମଧ୍ୟରେ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ଯାତ୍ରୀଙ୍କ ସୁବିଧା ପାଇଁ ଏହି ମାର୍ଗ ପରିବର୍ତ୍ତିତ ଟ୍ରେନ୍ ଗୁଡିକ ସମ୍ବଲପୁର ସିଟି ଷ୍ଟେସନରେ ପ୍ରତ୍ୟେକ ୫ ମିନିଟର ରହଣି ସମୟ ପ୍ରଦାନ କରିବ। ଗୋଟିଏ ମେମୁ ଟ୍ରେନ୍ ସେବା ବାତିଲ୍ : ପୁନଃନିର୍ମାଣ କାର୍ଯ୍ୟର ସମ୍ପାଦନ ପାଇଁ ୦୮୧୬୯/୦୮୧୭୦ ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ମେମୁ ଟ୍ରେନ୍ ୨୦୨୪ ସେପ୍ଟେମ୍ବର ୨୦ରୁ ୨୦୨୫ ଫେବୃଆରୀ ୫ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ।

# ସାଉଦି ଆରବରେ ଫସିଛନ୍ତି ୬ ଓଡ଼ିଆଙ୍କ ସମେତ ୮ ଜଣ ଉଦ୍ଧାର ପାଇଁ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ସାଉଦି ଆରବରେ ଫସିଥିବା ୬ ଜଣ ଓଡିଆଙ୍କ ସମେତ ୮ ଜଣ ଯୁବକଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ନିବେଦନ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ଭୁଇଁପୁରର ବଳରାମ ସାହୁ, ରାଜନଗରର କ୍ଷୀରୋଦ ନାରାୟଣ ପାତ୍ର, ଖୋର୍ଦ୍ଧା ଜିଲ୍ଲା ଦାମୋଦରପୁର ଗ୍ରାମର ବନମାଳୀ ଖୁଂଟିଆ, ଫଂଚୁଗାଁର ରଞ୍ଜିତ ବାରିକ, ଅସୁରିପାଟଣା ଗ୍ରାମର ନବଘନ ମହାରଣା, ଗଞ୍ଜାମ ଜିଲ୍ଲା ମୋହନପୁର ଗ୍ରାମର ମନୋଜ କୁମାର ପଲେଇ, ବିହାରରୁ ମହମ୍ମଦ ନୱାବ ଓ ଉତ୍ତର ପ୍ରଦେଶରୁ ମହମ୍ମଦ ଇରଫାନ ଚଳିତ ବର୍ଷ ଏପ୍ରିଲ- ମଇ ମାସରେ ସାଉଦି ଆରବରେ ପାଇପମିସ୍ତ୍ରୀ, ରାଜମିସ୍ତ୍ରୀ ଭାବେ କାମ କରିବାକୁ ଏକ ଏଜେଂଟଙ୍କ ଜରିଆରେ ଯାଇଥିଲେ କିନ୍ତୁ ସେଠାରେ ପହଂଚିବା ପରେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଅନ୍ୟ କାମରେ ନିୟୋଜିତ କରିଥିଲେ। ୪ ମାସ କାମ କରିଥିଲେ ମଧ୍ୟ ୧ ମାସର ଦରମା ଦେଇ ସହର ଠାରୁ ୭୦ କିଲୋମିଟର ଦୂରରେ ଏକ ପରିତ୍ୟକ୍ତ ଘରେ ରହିବାକୁ ବାଧ୍ୟ କରୁଛନ୍ତି। ବର୍ତ୍ତମାନ ସେମାନେ ବହୁ ଦୁଃଖ କଷ୍ଟରେ ଚଳୁଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଉପାୟଶୂନ୍ୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଏହି ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି।

## ଗଜପତି ମହାରାଜାଙ୍କୁ ଭେଟିଲେ ଉପ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଧନ ସିଂହଦେଓ ମଙ୍ଗଳବାର ଦିନ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କୁ ଭେଟିଛନ୍ତି।

ଶ୍ରୀ ସିଂହଦେଓ, ସୋସିଆଲ ମିଡିଆ ଏକ୍ସରେ ଏ ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି ଯେ, ଆଜି ପୁରୀ ରାଜା ଶ୍ରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ଙ୍କ ସହ ତାଙ୍କ ସହିଦ ନଗର ବାସଭବନ ଠାରେ ଓଡିଶାର ସାଂସ୍କୃତିକ ଉଜ୍ଜ୍ୱଳତା ଏବଂ ଆଗକୁ ବଢିବା ବିଷୟରେ ଆଲୋଚନା କରିଥିଲି।

# ଓଡ଼ିଶାରେ ଗତ ୨୩ ବର୍ଷରେ ବିକାଶ ପାଇଁ କଟାଯାଇଛି ୨୬.୭୫ ଲକ୍ଷରୁ ଅଧିକ ବୃକ୍ଷ- ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ବିକାଶମୂଳକ ପ୍ରକଳ୍ପ ପାଇଁ ଗତ ୨୩ ବର୍ଷରେ ରାଜ୍ୟରେ ୨୬.୭୫ଲକ୍ଷରୁ ଅଧିକ ବୃକ୍ଷ କଟାଯାଇଛି। ଓଡ଼ିଶାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ମଙ୍ଗଳବାର ରାଜ୍ୟ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ନବୀନ ପଟ୍ଟନାୟକ ସରକାରଙ୍କ ଶାସନକାଳ ସମୟରେ ୪୨୮ଟି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଗତ ଦୁଇ ଦଶନ୍ଧିରେ ଓଡ଼ିଶାରେ ପ୍ରାୟ ୨୬,୭୫,୦୨୮ ବୃକ୍ଷ କଟାଯାଇଛି। ଖୁଂଟିଆ କହିଛନ୍ତି ଯେ, ଓଡ଼ିଶାରେ ଅଧିକାଂଶ ଅଂଚଳରେ ବିଜୁଳି ସେବା ଓ ଖଣି ଖନନ ପାଇଁ ବୃକ୍ଷ କଟାଯାଇଥିଲା। ୧୩,୦୯୪୩୯ ବୃକ୍ଷ ବିଜୁଳି ଭିତ୍ତିଭୂମି ପାଇଁ ଓ ୯,୬୪,୦୬୩ ବୃକ୍ଷ ଖଣି ଖନନ ପାଇଁ କଟାଯାଇଛି। ଏହା ବ୍ୟତୀତ ରାସ୍ତା ସଂପ୍ରସାରଣ (ପ୍ରାୟ ୬ଲକ୍ଷ), ଜଳସେଚନ ପ୍ରକଳ୍ପ (୬,୮୯,୦୦) ଓ ଶିଳ୍ପ ସ୍ଥାନା (୩ଲକ୍ଷରୁ ଅଧିକ) ପାଇଁ ବହୁ ସଂଖ୍ୟାରେ ବୃକ୍ଷ କଟାଯାଇଛି। ଖୁଂଟିଆ କହିଛନ୍ତି ଯେ, ପଛ ସରକାରର କାର୍ଯ୍ୟକାଳ ସମୟରେ ଅନେକ ବିକାଶ ପ୍ରକଳ୍ପ ପାଇଁ ଅନେକ ପୁରୁଣା ଓ ବଡ ବଡ ବୃକ୍ଷ କଟାଯାଇଛି।

# ମନିଷା ରୋପେଟା : ପାକିସ୍ତାନର ପ୍ରଥମ ହିନ୍ଦୁ ମହିଳା ହେଲେ ଡିଏସପି

**ନୂଆଦିଲ୍ଲୀ,**

ସମାଜରେ ପୁଅ ଝିଅ ଭିତରେ ଆଉ କୌଣସି ଫରକ୍ ନାହିଁ। ଏଥିରେ ଆଉ ପ୍ରମାଣ ଦରକାର ନାହିଁ। କାହିଁକି ନା ପାଠରୁ ନେଇ ଖାଠ ସବୁ କ୍ଷେତ୍ରରେ ନାରୀ ନିଜର ପାରଦର୍ଶିତା ଦେଖାଇଛନ୍ତି। ଏହାରି ଭିତରେ ଆଉ ଜଣେ ନାରୀଙ୍କ କାହାଣୀ ଯାହା ପୁଣି ମନରେ ଭରିଦେବ ଜୋଶ। ପ୍ରଥମ ହିନ୍ଦୁ ମହିଳା ଭାବେ ପାକିସ୍ତାନର ଡିଏସପି ହେଲେ ୨୮ ବର୍ଷୀୟ ମନିଷା ରୋପେଟା। ପାକିସ୍ତାନରେ ଜଣେ ସଂଖ୍ୟା ଲଘୁ ମହିଳା ପୁଲିସ୍ ବିଭାଗର ଉଚ୍ଚ ପଦରେ ଆସୀନ୍ ହେବା ଅତ୍ୟନ୍ତ ବିରଳ ହୋଇଥିବାରୁ ମନିଷା ଏବେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ଡିଏସପି ନିଯୁକ୍ତ ହେବା ପରେ ମନିଷାଙ୍କ ଖୁସି କହିଲେ ନସରେ। ସେ ୨୦୨୧ ରେ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୋଲିସରେ ଯୋଗ ଦେବା ପରେ ଅନେକ ହାଇ ପ୍ରୋଫାଇଲ୍ ମାମଲରେ ଉତ୍ତମ ପରିଚାଳନା କରି ମଧ୍ୟ ବେଶ ଖ୍ୟାତି ଅର୍ଜନ କରିଛନ୍ତି। ଏହି ପଦବୀ ପାଇବା ପରେ ମନିଷା ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ପୁରୁଷ ପ୍ରଧାନ ମାନସିକତା ଥିବା ପାକିସ୍ତାନରେ ସେ ପିଲାଟି ବେଳୁ ପିତୃସତ୍ତା ଦେଖିଆସିଥିଲେ। ପାକିସ୍ତାନରେ ଝିଅମାନେପାଠ ପଢି ବଡ ହେଲେ ସେମାନଙ୍କୁ ପ୍ରାୟତଃ ଶିକ୍ଷୟିତ୍ରୀ କିମ୍ବା ଡାକ୍ତର ହେବାକୁ ପରାମର୍ଶ ଦିଆଯାଇଥାଏ।

## ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏନେଇ ସେ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, କଟକ ତ୍ରିଶୂଳିଆ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ସହିତ ଆୟୁର୍ବେଦ ଚିକିତ୍ସା



ଉପରେ ଅଧିକ ଆଲୋଚନା କରିଥିଲି। ଆଗାମୀ ଦିନରେ ଓଡ଼ିଶାରେ ଆୟୁର୍ବେଦ ଚିକିତ୍ସାର ବିକାଶ ଏବଂ ଉନ୍ନତି ହେବା ସହ ଜନସାଧାରଣ କିଭଳି ଆୟୁର୍ବେଦ ଚିକିତ୍ସାର ଲାଭ ପାଇ ପାରିବେ ସେ ବିଷୟରେ ପରାମର୍ଶ ଦେଲି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାରେ ଚଳିବ ...

ବନ୍ଦେ ଭାରତ ଟ୍ରେନ ଚଳାଚଳର ଶୁଭାରମ୍ଭ ହେଉଛି। ତନ୍ମଧ୍ୟରୁ ଓଡିଶା ମଧ୍ୟରେ ୩ଟି ଟ୍ରେନ ଚଳାଚଳ କରିବ। ଏହି ଟ୍ରେନ ଗୁଡିକ ହେଲା ଟାଟା-ବ୍ରହ୍ମପୁର ବନ୍ଦେ ଭାରତ, ରାଉରକେଲା-ହାଓ୍ୱଡା ବନ୍ଦେ ଭାରତ ଏବଂ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ। କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁର ଷ୍ଟେସନଠାରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ଓଡିଶା ମଧ୍ୟରେ ୩ଟି ବନ୍ଦେ ଭାରତ ଟ୍ରେନ ଚଳାଚଳ କରୁଛି। ନୂତନ ୩ଟି ଟ୍ରେନ ମିଶିଲେ ସମୁଦାୟ ୬ଟି ବନ୍ଦେ ଭାରତ ଟ୍ରେନ ଓଡିଶାବାସୀଙ୍କୁ ସେବା ଯୋଗାଇବ। ଚଳିତ ବର୍ଷ ବଜେଟରେ ଓଡିଶା ରେଳ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରେକର୍ଡ ୧୦,୫୮୬ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗେଇ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୫୪,୪୩୪ କୋଟି ଟଙ୍କାର ରେଳ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରିରହିଛି। ଏଥିରୁ ଓଡିଶାର ରେଳ ଭିତ୍ତିଭୂମି ଓ ଗମନାଗମନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକ ସମର୍ଥନ ସ୍ପଷ୍ଟ ଅନୁମେୟ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଏହି ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ବର୍ଷାଜନିତ କ୍ଷୟକ୍ଷତି...

କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରିଲିଫ ସାମଗ୍ରୀ ବ୍ୟାପକ ମାତ୍ରାରେ ମହଜୁଦ ରଖି ପ୍ରଭାବିତ ଲୋକଙ୍କୁ ଯୋଗାଇବାପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

## ସମୁଦ୍ରର ଲୁଣି...

ଛୋଟବଡ଼ ଡିସାଲାଇନେସନ ପ୍ଲାଣ୍ଟ କାର୍ଯ୍ୟ କରୁଛି। ୧୯୯୭ରୁ ୨୦୦୯ ମସିହା ମଧ୍ୟରେ ଉତ୍କଟ ଜଳାଭାବ ସମୟରେ ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ସମୁଦ୍ର ଜଳରୁ ବ୍ୟବହାର ଯୋଗ୍ୟ ପାଣି ଉତ୍ପାଦନ କରୁଥିଲା। ପରେ ପରେ ସାଉଦି ଆରବ, ୟୁଏଇ, କୁଏତ, କାତାର ଆଦି ମରୁ ଦେଶ ଜନତାଙ୍କ ଶୋଷ ମେଣ୍ଟାଇବାକୁ ଆପଣାଇଛନ୍ତି ଏହି ପଦ୍ଧତି। ଭାରତର ତାମିଲନାଡୁରେ ମଧ୍ୟ ଏଭଳି ୨ଟି ପ୍ଲାଣ୍ଟ କାର୍ଯ୍ୟ କରୁଛି।

## ରାଜଧାନୀ...

ହେଲେ ମଞ୍ଚେଶ୍ୱର ହାଇଟେକ୍ ଛକ ନିକଟସ୍ଥ ପୋଲରେ ଉପରୁ ଲୋକେ ନିୟମିତ ଅଳିଆ ଫୋପାଡୁଛନ୍ତି। ଏଠାରୁ ମାତ୍ର ଶହେ ମିଟର ଦୂରରେ ମୂର୍ତ୍ତି ବିସର୍ଜନ କରାଯାଉଛି। ୨ଦିନ ମଧ୍ୟରେ ହଜାର ହଜାର ମୂର୍ତ୍ତି ଏଠାରେ ବିସର୍ଜନ କରାଯାଇଛି। ଆଗକୁ ମଧ୍ୟ ଏଠାରେ ମୂର୍ତ୍ତି ବିସର୍ଜନ କରାଯିବ। ରାଜଧାନୀବାସୀ ଯେଉଁ ପାଣି ପିଉଛନ୍ତି, ମୂର୍ତ୍ତିଗୁଡ଼ିକରୁ ବାହାରୁ ଥିବା କେମିକାଲ, ରଙ୍ଗ ଏବଂ କୁଢ କୁଢ ଆବର୍ଜନା ଏହି ପାଣିରେ ମିଶୁଛି। ଏହାକୁ ନେଇ ୱାଟକୋର କିଛି ଅଧିକାରୀ ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି।

ଏହାକୁ ଦୃଷ୍ଟିରେ ର ବିଏମ୍‌ସି କୁଆଖାଇ ନଦୀ ପଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ କରିଥିଲା। ଏହି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାକୁ ରାଜଧାନୀବାସୀଙ୍କୁ ନିବେଦନ କରାଗଲା। ଫଳରେ ମୂର୍ତ୍ତିଗୁଡ଼ିକରୁ ବାହାରୁଥିବା ବିଷାକ୍ତ କେମିକାଲ, ରଙ୍ଗ ଏବଂ ଆବର୍ଜନା ନଦୀ ଜଳରେ ମିଶିବ ନାହିଁ, ହେଲେ ବିଏମ୍‌ସିର ଖାମଖିଆଲି ନୀତି ଯୋଗୁଁ ଅସ୍ଥାୟୀ ପୋଖରୀର ସଠିକ ଭାବେ ପ୍ରଚାରପ୍ରସାର ହୋଇପାରିଲା ନାହିଁ କିମ୍ବା ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ପାରିଲା ନାହିଁ। ଏଣୁ ରାଜଧାନୀରେ ବିଏମ୍‌ସିର ଅସ୍ଥାୟୀ କୁଣ୍ଡ ବ୍ୟବସ୍ଥା ଫେଲ୍ ମାରିଲା। କେବଳ ପୂଜା ଅନୁମତି ନେଇଥିବା ପ୍ରାୟ ୩୫୦ ଅନୁଷ୍ଠାନକୁ ଛାଡିଦେଲେ ହଜାର ହଜାର ମୂର୍ତ୍ତିକୁ ରାଜଧାନୀବାସୀଙ୍କ ପାଇଁ ଜଳ ସଂଗ୍ରହ ହେଉଥିବା ସ୍ଥାନ ନିକଟରେ ବିସର୍ଜନ କରାଗଲା।

କେବଳ ମୂର୍ତ୍ତି ବିସର୍ଜନ ନୁହେଁ; ଅନେକ ସମୟରେ ଏଠାରେ ଲୋକେ ଧାର୍ମିକ ବର୍ଜ୍ୟ ଏବଂ ଅନ୍ୟାନ୍ୟ ବର୍ଜ୍ୟ ସିଧାସଳଖ ଫୋପାଡୁଛନ୍ତି। ଏହାକୁ ରୋକିବା ପାଇଁ କିଛି ଦିନ ତଳେ ଆସ୍ଥା ଫାଉଣ୍ଡେସନ ଏବଂ ସମ୍ପର୍କ ଚାରିଟେବୁଲ ଟ୍ରଷ୍ଟ ସମେତ ଅନ୍ୟ କିଛି ସ୍ୱେଚ୍ଛାସେବୀ ସଂଗଠନ ଏଠାରେ ଏକତ୍ର ହୋଇ ଆବର୍ଜନା ସଫା କରିଥିଲେ। ଏପରିକି ସଂଗଠନର କର୍ମକର୍ତ୍ତାମାନେ ଏଠାରେ ଆବର୍ଜନ ନ ଫୋପାଡିବାକୁ ବହୁ ଲୋକଙ୍କୁ ସଚେତନ କରାଇଥିଲେ। ହେଲେ ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶାସନିକ ସହଯୋଗ ମିଳି ନ ଥିବା ନେଇ ସମ୍ପର୍କ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱରୂପ ଦାସ କହିଛନ୍ତି। ସଚେତନତା ସମେତ ପ୍ରଶାସନିକ ତତ୍ପରତା ଲୋକଙ୍କୁ ଏଠାରେ ଅଳିଆ ପକାଇବାକୁ ରୋକି ପାରିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଖୁବ୍‌ଶୀଘ୍ର ୨୦...

ପଦବୀ ମଧ୍ୟରୁ ଚଳିତ ବର୍ଷ ସୁଦ୍ଧା ୨୦ ହଜାର ପଦବୀ ପୂରଣ କରାଯିବ। ସେହିପରି ଖୁବ୍‌ଶୀଘ୍ର ୩ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ତେବେ ବିଗତ ସରକାର ୨୪ବର୍ଷ ମଧ୍ୟରେ ଏହି କ୍ଷେତ୍ର ପ୍ରତି ଅବହେଳା ପ୍ରଦର୍ଶନ କରିଛନ୍ତି। ସେହିପରି ବିଗତ ୩ବର୍ଷରେ ୫ଟି ନାମରେ ସ୍କୁଲ ରୂପାନ୍ତରଣର ଯେଉଁ ନାଟକ ଚାଲିଥିଲା ଏବଂ ସେଥିରେ ଯେଉଁସବୁ ଅନିୟମିତତା ହୋଇଛି ସେ ସବୁର ହିସାବ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଡ୍ରପ୍‌ଆଉଟ୍ ରୋକିବା ପାଇଁ ପ୍ରୋତ୍ସାହନ ସ୍ୱରୂପ ମାଧୋ ସିଂ ହାତଖର୍ଚ୍ଚ ଯୋଜନା (୧୫୬ କୋଟିର ବଜେଟ୍ ବ୍ୟବସ୍ଥା) କାର୍ଯ୍ୟକାରୀ ହେବାକୁ ଯାଉଛି। ଯେଉଁଥିରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ଏହି ଯୋଜନାରେ ୩ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବିଦେଶରେ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଓଡ଼ିଆ ମାତୃଭାଷା ଓଡ଼ିଆର ବ୍ୟବହାରକୁ ସରକାର ଗୁରୁତ୍ୱ ଦେଇଛନ୍ତି ଏବଂ ଏଥିପାଇଁ ସବୁସ୍ତରରେ ଓଡ଼ିଶା ଭାଷାର ବ୍ୟବସ୍ଥାରକୁ କାର୍ଯ୍ୟକାରୀ କରିବାକୁ ନିଯୁକ୍ତି ନେଇଛନ୍ତି। ଓଡ଼ିଆ ଅସ୍ମିତାର ପ୍ରତିକ ଭାବେ ଏହାକୁ ଗ୍ରହଣ କରାଯାଇଛି। ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟିର ବ୍ୟବସ୍ଥା କରାଯାଇଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକମାନଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦେବାକୁ ଭିତ୍ତିଭୂମିକୁ ସୁଦୃଢ କରାଯାଉଛି। ଓଡ଼ିଶାରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ଜରିଆରେ ଦେଶର ୨୭ ହଜାର ସ୍ୱାସ୍ଥ୍ୟାନୁଷ୍ଠାନରେ ଗରିବ ରୋଗୀ ଚିକିତ୍ସା ସୁବିଧା ପାଇବେ। ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କ୍ରିଡା ଭିତ୍ତିଭୂମି ସହ ଏକ ନୂତନ ଷ୍ଟାଡିୟମ ନିର୍ମାଣର ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ୨୦୨୯ ସୁଦ୍ଧା ରାଜ୍ୟକୁ ୨ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ଘରୋଇ ପୁଞ୍ଜିନିବେଶ ଏବଂ ୨ ବିଲିୟନ ଡଲାରରୁ ଅଧିକ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ଆଣିବା ପାଇଁ ଯୋଜନା କରାଯାଉଛି। ଶିଳ୍ପ ପୁଞ୍ଜି ଗୁଡିକୁ ପ୍ରୋତ୍ସାହନ ଦେବା ପାଇଁ 'ପ୍ରସ୍ଥର ଓଡ଼ିଶା' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଏହା ଦ୍ୱାରା ଷ୍ଟାର୍ଟଅପ୍ ଇଣ୍ଡିଆ ଓ ଇନ୍‌କ୍ୟୁବେଶନ ସେଣ୍ଟର ଗୁଡିକ ମାଧ୍ୟମରେପ୍ରତିବର୍ଷ ଏକ ହଜାର ଉଦ୍ୟୋଗଙ୍କୁ ସହାୟତା ଯୋଗାଇ ଦିଆଯିବ। ଉତ୍କର୍ଷ ଓଡ଼ିଶା ଯୋଜନା ମାଧ୍ୟମରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ଶିଳ୍ପ (ବୟନ ଶିଳ୍ପ, ଫର୍ମାସିୟୁଟିକାଲ୍, ସେମି କଣ୍ଡକ୍ଟର ଆଦି) କ୍ଷେତ୍ରରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବାଚନିକ ଭୋଟ୍‌ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହର ଅନୁମୋଦନ ଲାଭ କରିଥିଲା।

# ଆଇନ ବିଭାଗ ଓ କ୍ଷମତା ତାଙ୍କ ହାତରେ ଅଛି, ତେଣୁ କିଏ କାହାକୁ ପ୍ରଶ୍ନ ପଚାରୁଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଭିନ୍ନ ହତ୍ୟାକାଣ୍ଡ ଘଟଣାରେ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସିବିଆଇ ତଦନ୍ତ ଦାବି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଲା ବିଜେଡି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଲେ, ଏସବୁ ପ୍ରସଙ୍ଗରେ ପୂର୍ବରୁ ବିଧାନସଭାରେ ଆଲୋଚନା ହୋଇଛି। ମନ୍ତ୍ରୀ ମଧ୍ୟ କହି ସାରିଛନ୍ତି ଯେ, ଏସବୁ ପ୍ରସଙ୍ଗ ଉପରେ ସରକାର ପୁନର୍ବିଚାର କରିବେ। ଯେତେବେଳେ ମନ୍ତ୍ରୀମାନେ କହି ସାରିଛନ୍ତି, ସେତେବେଳେ ବିଜେପିର ବରିଷ୍ଠ ବିଧାୟକ ଏ କଥା ଗୃହରେ ଉଠାଇବାକୁ ନେଇ ପ୍ରଶ୍ନ ଉଠିଛି। ଆଇନ ବିଭାଗ ଓ କ୍ଷମତା ତାଙ୍କ ହାତରେ ଅଛି। ତେଣୁ କିଏ କାହାକୁ ପ୍ରଶ୍ନ ପଚାରୁଛି ? ତେଣୁ ସରକାର ନିଷ୍ପତ୍ତି ନେବାରେ ବିଫଳ ହେଉଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି। କଥା ଆଗ କୁହାଯାଉଛି, ଚିନ୍ତା ପରେ କରାଯାଉଛି। ବାମ ହାତ କ'ଣ କରୁଛି, ଡାହାଣ ଜାଣିନାହିଁ, ଡାହାଣ କ'ଣ କରୁଛି, ବାମ ଜାଣିନାହିଁ। ଦୁଇ ହାତ କ'ଣ କରୁଛନ୍ତି, ମୁଣ୍ଡ ଜାଣୁ ନାହିଁ। ସରକାରଙ୍କ ଉକ୍ତି ଏବଂ କାର୍ଯ୍ୟକାରିତା ଭିତରେ ତାଳମେଳ ରହୁନାହିଁ। ସରକାରଙ୍କ ହାତରେ କ୍ଷମତା ଅଛି। ଯଦି ସରକାର ଭାବୁଛନ୍ତି, କୌଣସି ସ୍ଥାନରେ ଲକ୍ଷ୍ୟ ବିଚ୍ୟୁତି ହୋଇଛି, ତାଙ୍କ ହାତରେ କ୍ଷମତା ଅଛି। ସରକାରଙ୍କୁ ସିବିଆଇ ତଦନ୍ତ କରିବାକୁ କେହି ମନା କରିନାହାନ୍ତି। ତେଣୁ ଜୟ ନାରାୟଣ କାହାକୁ ପ୍ରଶ୍ନ ପଚାରୁଛନ୍ତି। ସରକାରଙ୍କ ପାଖରେ ନିଷ୍ପତ୍ତି ନେବାର କ୍ଷମତା ଅଛି। ତେଣୁ କଥା କହି ପଛକୁ ଅନାଇବାର କାରଣ କ'ଣ ?

## ଖଣ୍ଡଗିରିରେ ପ୍ରତିଷ୍ଠା ହେବ ଖାରବେଳଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଐତିହ୍ୟ ସମ୍ପନ୍ନ ପ୍ରସିଦ୍ଧ ଖଣ୍ଡଗିରି ପାହାଡ଼ଠାରେ ପ୍ରତିଷ୍ଠା ହେବ ଖାରବେଳଙ୍କ ପ୍ରତିମୂର୍ତ୍ତି। ଐର ଖାରବେଳଙ୍କ ଏକ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ସ୍ଥାପନ କରାଯିବ। ଏଥିନିମନ୍ତେ ପ୍ରତିମୂର୍ତ୍ତି ଚୟନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ବୋଲି ବିଧାନସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଗତ ୬ ତାରିଖରେ ବିଧାୟକ ସନାତନ ମହାକୁଡ଼ଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଏଥିସହ ବିଭାଗ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀଠାରେ କାଞ୍ଚି ଅଭିଯାନ ସ୍ମାରକୀ ଏବଂ ଖଣ୍ଡଗିରିଠାରେ ଐର ଖାରବେଳଙ୍କ ସ୍ମାରକୀ ପ୍ରତିଷ୍ଠା ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଦୀର୍ଘଦିନ ଧରି ଖାରବେଳଙ୍କ ସ୍ମୃତିଚାରଣ ତଥା ତାଙ୍କ କଥା ଓ ଗାଥାକୁ ବଞ୍ଚାଇ ରଖିବା ପାଇଁ ଖଣ୍ଡଗିରି ପାଦ ଦେଶରେ ଏକ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଦାବି ହୋଇ ଆସୁଥିଲା। ଯାହା ସରକାର ଏବେ ପୂରଣ କରିବାକୁ ଯାଉଛନ୍ତି ବୋଲି ସରକାରୀ ତଥ୍ୟରୁ ସୂଚନା ମିଳିଛି।

GOVERNMENT OF ODISHA, DEPARTMENTOF WATER RESOURCES A-281
Office of the Engineer-In-Chief, Water Resources, Secha Sadan, Bhubaneswar
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-02/ 2024-25

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 02/ 2024-25
5. Estimated Cost : Rs. 28,45,996.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt.12.09.2024 (10.00 AM) to dt.25.09.2024(5.30 PM)
8. Last date/ time for receipt of bid In the Portal : dt.25.09.2024 (up to 5.30 PM)
9. Date and Place of opening of Bid : dt.26.09.2024 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR-32520/11/0004/2425

OFFICE OF THE DIVISIONAL FOREST OFFICER, KALAHANDI NORTH DIVISION
NEAR OLD GOVT. BUS STAND, BHAWANIPATNA, KALAHANDI, ODISHA - 766001
E-mail ID: north_kalahandi@yahoo.co.in, dfo.kalahandinorth@odisha.gov.in ,Phone No. 06670-230526
Bid Identification No. DFO, KLD 03/2024-2025 dated. 10 .09.2024
MM-147
NOTICE INVITING TENDER

| Sl. No. | Name of the Work | Details |
|---|---|---|
| 1 | Purpose of the Tender | Procurement of Various items for the Kalahandi North Forest Division |
| 2 | Estimated Cost | Based on fund allocation |
| 3 | Date & time of availability of the bid document | 12.09.2024 to 27.09.2024 |
| 4 | Last date/Time for receipt of bids in the portal | Up to 5.00 PM of 27.09.2024 |
| 5 | Date & Time of bid opening | 11.00 hour on Dated. 30 .09.2024 |
| 6 | Name & Address of the officer inviting Bid | Divisional Forest Officer, Kalahandi North Forest Division, Pin-766001 |

Further details can be found in the Detailed Notice Inviting Tenders, available on the district website.- https://kalahandi.odisha.gov.in. Corrigendum if any, shall only be published on the above website.

OIPR-08107/11/0006/2425
Sd/- Divisional Forest Officer,
Kalahandi North Division

GOVERNMENT OF ODISHA
PANCHAYATI RAJ & DRINKING WATER DEPTT. i-141
OFFICE OF THE PANCHAYAT SAMITI, SOHELA
At-Sohela, Po-SOHELA, Dist-Bargarh, Pin-768033
E-mail:- ori-sohella@nic.in

No. 2193 Dt. 06-09-2024

National Competitive Bidding through e-procurement
Bid Identification No. 06 /2024-25

The BDO , SOHELA on behalf of PANCHAYAT SAMITI , SOHELA invites Percentage bid through e-procurement in single cover system according to norm of e-Procurement system in on-line mode. Bid Documents consisting of work , Cost of Tender Paper , EMD , Time of Completion , Class of Contractor and the set of Terms and conditions and other necessary documents can be seen in Govt website , i.e www.tendersodisha.gov.in

1. Nature of Work : Building Construction work as mentioned in DTCN.
2. No. of works : 1 (One Nos.)
3. Estimate Cost : Rs. 12,20,202/-
4. Period of Completion : 150 Days
5. Class of Contractor : "C" or "D" Class
6. Date & Time of availability of Bid Documents in the portal for Bidding. : 11.00 AM on dt.l 1-09-2024 up to 05.00 PM on dt.21-09-2024
7 Last date & time for receipt of Bids in the portal. : 21-09-2024 at 05.00 PM.
8. Bid opening Date : Dt.23-09-2024 at 11.00 AM

The bidders have to participate in online bidding only. Further details can be seen from the website https:// w.w.w. tendersodisha.gov.in
OIPR-19411/11/0006/2425 Sd/- Block Development Officer, SOHELA

ଓଡ଼ିଶା ଫ୍ରେଶ ଡେ

ଭୁବନେଶ୍ୱର
୧୧ ସେପ୍ଟେମ୍ବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ନବୀନଙ୍କୁ ଭେଟିଲେ ବିଜୁ ଜନତା ଦଳର ପୋଲାଭରମ ଟିମ୍

# ଆଦିବାସୀ ଭାଇଭଉଣୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ



**ଭୁବନେଶ୍ୱର, ୧୦/୯**
**ନ୍ୟୁଜ ବ୍ୟୁରୋ**

ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜୁ ଜନତା ଦଳର ପୋଲାଭରମ ଟିମ୍ ମଙ୍ଗଳବାର ସକାଳେ ନବୀନ ନିବାସରେ ଭେଟି ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି । ଏ ଅବସରରେ ସେମାନେ ବିରୋଧି ଦଳ ନେତାଙ୍କୁ ପ୍ରକଳ୍ପ ଅଞ୍ଚଳର ବାସ୍ତବ ସ୍ଥିତି ସଂପର୍କରେ ଅବଗତ କରାଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ମୋଟୁ ପଞ୍ଚାୟତ ସମେତ କାଲିମେଲା ଓ ପଡ଼ିଆ ବ୍ଲକର ୨୩୬ଟି ଗାଁର ଲୋକମାନେ କ୍ଷତିଗ୍ରସ୍ତ ହେବେ । ସେମାନଙ୍କର ଭିଟାମାଟି ଓ ଜୀବିକା ଉଜୁଡ଼ି ଯିବ । ମାଲକାନଗିରି ଜିଲ୍ଲାରେ ସାଧାରଣତଃ ଅଧିକ ବର୍ଷା ହୋଇଥାଏ । ତେଣୁ ଏ ପ୍ରକଳ୍ପ, ପରିସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ପ୍ରତିନିଧି ଦଳ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରକଳ୍ପକୁ ସବୁ ସ୍ତରରେ ପାର୍ଲିଆମେଣ୍ଟ ଠାରୁ ଆରମ୍ଭ କରି ବିଧାନସଭା ତଥା ପଞ୍ଚାୟତ ସ୍ତରରେ ଦୃଢ଼ ବିରୋଧ କରିବା ପାଇଁ ବିରୋଧି ଦଳ ନେତା ପରାମର୍ଶ ଦେଇଥିଲେ । ସେ କହିଥିଲେ ଆଦିବାସୀ ଭାଇଭଉଣୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜୁ ଜନତା ଦଳ ସବୁ ବେଳେ ପ୍ରାଥମିକତା ଦେଇଆସିଛି । ଆଦିବାସୀ ଭାଇଭଉଣୀମାନଙ୍କ ହକ୍ ପାଇଁ ବିଜୁ ଜନତା ଦଳ ତା'ର ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ପ୍ରତିନିଧି ଦଳର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ସାଂସଦ ମୁନ୍ନା ଖାଁ, ବିଧାୟକ ମନୋହର ରାନ୍ଧାରୀ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଝିନ ହିକ୍କା, ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବିଜେଡିର ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ ପ୍ରମୁଖ ଆସି ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ ।

## ସଡ଼କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କଲେ କେନ୍ଦ୍ର ମନ୍ତ୍ରୀ

# ଭାରତରେ ପ୍ରତି ଘଣ୍ଟାରେ ଘଟୁଛି ୫୩ ଦୁର୍ଘଟଣା : ୧୮ ମୃତ୍ୟୁ



**ନୂଆଦିଲ୍ଲୀ, ୧୦/୯**

ସାରା ବିଶ୍ୱରେ ବଢୁଥିବା ସଡ଼କ ଦୁର୍ଘଟଣାଜନିତ ଘଟଣାରେ ସବୁଠାରୁ ଉପରେ ରହିଛି ଭାରତ । ଏହା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପାଇଁ ଚିନ୍ତାର କାରଣ ପାଲଟିଛି । ଏଥିପାଇଁ ପଥଚାରୀଙ୍କ ପାଇଁ ସଡ଼କ ସୁରକ୍ଷା ଦିଗରେ ଇଶାରା କରିଛନ୍ତି ବିଭାଗୀୟ ମନ୍ତ୍ରୀ ନୀତିନ ଗଡ଼କରୀ । ସେପ୍ଟେମ୍ବର ୧୦ ତାରିଖରେ ସୋସାଇଟି ଫର୍ ଇଣ୍ଡିଆ ଅଟୋମୋବାଇଲ ମ୍ୟାନୁଫେକ୍ଚର (ଏସଆଇଏଏମ)ର ୬୪ ତମ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇ ସଡ଼କ ଦୁର୍ଘଟଣା କମାଇବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଦେଶର ସୁରକ୍ଷିତ ରାସ୍ତାର ଆବଶ୍ୟକତା ରହିଛି । ଏଥିପାଇଁ ଏକ ଡ୍ରାଇଭିଂ ସ୍କୁଲ୍ ଖୋଲି ଟ୍ରେନିଂ ଦେବାକୁ ସମସ୍ତ ମୋଟର ଗାଡ଼ି ନିର୍ମାତା (ଓଇଏମ)ଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ନୀତିନ ଗଡ଼କରୀ କହିଛନ୍ତି "ଥରେ ଭାବନ୍ତୁ, ଆମ ଦେଶରେ ପ୍ରତି ଘଣ୍ଟାରେ ୫୩ଟି ଦୁର୍ଘଟଣା ଘଟିବା ସହ ୧୮ ଜଣଙ୍କ ମୃତ୍ୟୁ ହେଉଛି । ୪୫ ପ୍ରତିଶତ ଦୁର୍ଘଟଣା ଟୁ-ହ୍ୱିଲରରେ ହେଉଥିବା ବେଳେ ୨୦ ପ୍ରତିଶତ ପଥଚାରୀଙ୍କ ମୃତ୍ୟୁ ହେଉଛି ।" ଏସଆଇଏଏମର ବାର୍ଷିକ ସମ୍ମିଳନୀରେ ଯୋଗ ଦେଇ ଓଇଏମଙ୍କୁ ଅନୁରୋଧ କରି ମନ୍ତ୍ରୀ ଡ୍ରାଇଭିଂ ସ୍କୁଲ୍ ଖୋଲିବାକୁ କହିଛନ୍ତି । ଏହାଦ୍ୱାରା ଉନ୍ନତ ଟ୍ରେନିଂ ଦେଇ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ତେବେ ରାସ୍ତାଗୁଡିକରେ ଥିବା ସତର୍କମୂଳକ ସଂକେତ ଠିକ୍ ଭାବରେ ଲାଗିପାରୁ ନାହିଁ । ଏହା ମଧ୍ୟ ଦୁର୍ଘଟଣାର କାରଣ । ଏ କଥା ସ୍ୱୀକାର କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସଡ଼କ ପରିବହନ ମନ୍ତ୍ରଣାଳୟ ଏ ଦିଗରେ କାମ ଜାରି ରଖିଛି । କେବଳ ସେତିକି ନୁହେଁ ଗୋଟିଏ ସୁରକ୍ଷିତ ଗାଡ଼ିର ମଧ୍ୟ ଖୁବ୍ ଆବଶ୍ୟକତା ରହିଛି । ତେଣୁ ଭାରତ ଏନ୍‌ସିଏପି (ଭାରତ ନ୍ୟାସ୍‌ନାଲ କାର୍ ଆସେସମେଣ୍ଟ ପ୍ରୋଗ୍ରାମ)ର ଖୁବ୍ ଗୁରୁତ୍ୱ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସୂଚନା ଥାଉକି, ଭାରତ ଏନ୍‌ସିଏପି ଦେଶର ନିଜସ୍ୱ କ୍ରାସ୍ ସେଫ୍‌ଟି ରେଟିଂ ସଂସ୍ଥା । ବଜାରରେ ବିକ୍ରି ହେଉଥିବା ଗାଡ଼ିର ଏହି ସଂସ୍ଥା କ୍ରାସ୍ ଟେଷ୍ଟ, ସିକ୍ୟୁରିଟି ବ୍ୟବସ୍ଥା ଆଦି ଟେଷ୍ଟ କରି ରେଟିଂ ଦେଇଥାଏ । ଡ୍ରାଇଭର, ଛୋଟ ପିଲା ସୁରକ୍ଷା ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧ ନେଇ ଏହି ସଂସ୍ଥା ରେଟିଂ ଦେଇଥାଏ ।

## ମଣିପୁର ପାଇଁ ଅତିରିକ୍ତ ୨ ହଜାର ସିଆରପିଏଫ୍ ଯବାନ

# ଇଣ୍ଟରନେଟ୍ ଓ ସ୍କୁଲ-କଲେଜ ବନ୍ଦ କଲେ ସରକାର

**ନୂଆଦିଲ୍ଲୀ, ୧୦/୯**

ମଣିପୁର ସରକାର ରାଜ୍ୟରେ ବିଗୁଡୁଥିବା ଆଇନ-ବ୍ୟବସ୍ଥାକୁ ନଜରରେ ରଖି ୫ ଦିନ ଯାଏ ଇଣ୍ଟରନେଣ୍ଟ ବନ୍ଦ ପାଇଁ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଆଶଂକା ଯେ ଅସାମାଜିକ ଲୋକ ସୋସିଆଲ୍ ମିଡିଆକୁ ବ୍ୟବହାର କରି ଘୃଣା ସୃଷ୍ଟିକାରୀ ସନ୍ଦେଶ ଏବଂ ଫଟୋ ପ୍ରସାରଣ କରିପାରନ୍ତି । ଏହାରି ଭିତରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ସରକାର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ ସୋସିଆଲ୍ ମିଡିଆ ଏବଂ ମ୍ୟାସେଜିଂ ସେବା ଜରିଆରେ ଘୃଣା ସୃଷ୍ଟିକାରୀ ସନ୍ଦେଶ ଏବଂ ଫଟୋ ପ୍ରସାରଣ ଦ୍ୱାରା ରାଜ୍ୟରେ ଶାନ୍ତି ଏବଂ ସଦ୍‌ଭାବନା ପାଇଁ ବିପଦ ହୋଇପାରେ । ଏହି ସ୍ଥିତିକୁ ଦେଖି ଇଣ୍ଟରନେଟ୍ ଏବଂ ମୋବାଇଲ୍ ଡାଟା ସେବାକୁ ସେପ୍ଟେମ୍ବର ୧୦ ଅପରାହ୍ଣ ୩ଟାରୁ ସେପ୍ଟେମ୍ବର ୧୫ ଦିନ ୩ଟା ଯାଏ ବନ୍ଦ ରଖିବାକୁ ଆଦେଶ ଦିଆଯାଇଛି । ମଙ୍ଗଳବାର ସଂଧ୍ୟାରେ ରାଜ୍ୟ ସରକାର ଏକ ନୂଆ ଆଦେଶରେ ସମସ୍ତ ସ୍କୁଲ ଏବଂ କଲେଜ ଗୁରୁବାର ଯାଏ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ଆଦେଶରେ କୁହାଯାଇଛି ଯେ ଛାତ୍ର ଆନ୍ଦୋଳନ ଏବଂ ବାହାର ଆକ୍ରମଣକାରୀଙ୍କ ବିରୋଧରେ ଆହ୍ୱାନ ଦାବିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ସେପଟେ କେନ୍ଦ୍ର ସରକାର ମଣିପୁରରେ ସୁରକ୍ଷା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ)ର ଦୁଇ ନୂଆ ବାଟାଲିୟନ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୁଇ ବାଟାଲିୟନରେ ପ୍ରାୟ ୨ ହଜାର ଯବାନ ରହିବେ । ମିଳିଥିବା ସୂଚନା ଅନୁସାରେ ବାଟାଲିୟନ ସଂଖ୍ୟା-୫୮କୁ ୱାରଙ୍ଗଲ (ତେଲଙ୍ଗାନା)ରୁ, ବାଟାଲିୟନ ସଂଖ୍ୟା-୧୧୨କୁ ଲାତେହାର (ଝାଡ଼ଖଣ୍ଡ)ରୁ ପଠାଯାଇଛି ।

## ବର୍ଷା ଓ ବନ୍ୟାର ସ୍ଥିତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ମାଲକାନଗିରିରେ ସର୍ବାଧିକ ବର୍ଷା : ୧୭୦୦ ଲୋକଙ୍କୁ ସ୍ଥାନାନ୍ତର

**ଭୁବନେଶ୍ୱର ୧୦।୯**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟାର ସ୍ଥିତି ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ରାଜୀବ ଭବନ ସ୍ଥିତ ଏସଆରସିଙ୍କ କାର୍ଯ୍ୟାଳୟରେ ମନ୍ତ୍ରୀ ସମୀକ୍ଷା କରିଛନ୍ତି । ରାଜସ୍ୱ ମନ୍ତ୍ରୀଙ୍କ ସହ ଏସଆରସି ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ । ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି, ୩୦ ଜିଲ୍ଲାରେ ବର୍ଷା ହୋଇଛି । ମାଲକାନଗିରି



ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି । କୋରାପୁଟ ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ରହିଛି । ସମସ୍ତ ଜିଲ୍ଲାପାଳଙ୍କୁ ଆଗୁଆ ସତର୍କ କରାଯାଇଥିଲା । ୬ଟି ଓଡ୍ରାଫ ଓ ୫ଟି ଅଗ୍ନିଶମ ଟିମ୍ ମାଲକାନଗିରି ଜିଲ୍ଲାରେ ନିୟୋଜିତ ହୋଇଥିଲେ । ରାସ୍ତାରେ ବନ୍ୟାପାଣି ଚାଲିଥିବାରୁ ପ୍ରଭାବିତ ହୋଇଥିଲା । ବର୍ଷା ସତ୍ତ୍ୱେ କାହାର ମୃତ୍ୟୁ ହୋଇନାହିଁ । ୮୦ଟି ଉଦ୍ଧାର ବୋଟ୍ ନିୟୋଜିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ସଚିବ ସହିତ ରାଜ୍ୟ ଅତିରିକ୍ତ ଶାସନ ସଚିବ କଥା ହୋଇଥିଲେ । ବିଏସଏସକୁ ଷ୍ଟାଣ୍ଡବାଏ ରଖାଯାଇଥିଲା । ଚପର ମଧ୍ୟ ପ୍ରସ୍ତୁତ ହୋଇଥିଲା । ମାଲକାନଗିରି ଜିଲ୍ଲାରେ ୧୭୦୦ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ସମସ୍ତ ରିଲିଫ ସେଣ୍ଟରରେ ସେମାନେ ରହିବେ । ଜଳ ସମ୍ପୂର୍ଣ୍ଣ ଛାଡିବା ଯାଏଁ ସେମାନେ ରହିବେ । ତିନି ଜଣ ବରିଷ୍ଠ ଅଧିକାରୀ ସେଠାରେ ଅଛନ୍ତି । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଜିଲ୍ଲା ଓ ବ୍ଲକ ପ୍ରଶାସନ ସହିତ ରାଜ୍ୟ ସରକାର ସମନ୍ୱୟ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣା ଉପରେ ନଜର ରଖିଛନ୍ତି । ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ଭୂସ୍ଖଳନ ଯୋଗୁଁ ଜଣେ ଆହତ ହୋଇଛନ୍ତି । ବନ୍ୟା ଓ ବର୍ଷା ଯୋଗୁଁ ଘର ଭାଙ୍ଗିଛି । ଲୋକଙ୍କ ପାଖରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ବର୍ଷା ଓ ବନ୍ୟା ଯୋଗୁଁ ମାଲକାନଗିରି ଜିଲ୍ଲା ବିଚ୍ଛିନ୍ନ ହେଉଛି । ଏନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ରାହୁଲ କର୍ଣ୍ଣ ହେଲେ ଓଡ଼ିଶାର ଆୟକର ମୁଖ୍ୟ କମିଶନର



**ଭୁବନେଶ୍ୱର, ୧୦/୯**
**ନ୍ୟୁଜ ବ୍ୟୁରୋ**

ରାହୁଲ କର୍ଣ୍ଣ, ଆଇଆରଏସ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ କର୍ଣ୍ଣ ୧୯୮୯ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ । ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଆୟକର (ଅନୁସନ୍ଧାନ), ବିହାର ଏବଂ ଝାଡ଼ଖଣ୍ଡର ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଛନ୍ତି । ଆୟକର ବିଭାଗରେ କାର୍ଯ୍ୟ କରିଥିବାରୁ ଶ୍ରୀ କର୍ଣ୍ଣଙ୍କୁ ବହୁତ ପ୍ରଶଂସା କରାଯାଇଛି । ଏହାପୂର୍ବରୁ ସେ ମୁମ୍ବାଇରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଡେପୁଟେସନରେ ଥିଲେ ।

## କିମ୍ସରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ

# ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର ୧୦ ।୯ ନ୍ୟୁଜ ବ୍ୟୁରୋ**

ଆତ୍ମହତ୍ୟା ପ୍ରତିରୋଧ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ କିମ୍ସ ମାନସିକ ରୋଗ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆତ୍ମହତ୍ୟା ପ୍ରବୃତ୍ତିକୁ ଚିହ୍ନଟ କରିବା ଓ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାର ଆହ୍ୱାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତବର୍ଷର ବିଷୟବସ୍ତୁ ଥିଲା 'କୋମ୍ବାଟିଂ ଷ୍ଟିଗ୍‌ମା: ଚେଞ୍ଜିଂ ଦ ନେରେଟିଭ ଅନ୍ ସୁଇସାଇଡ୍' । ଏହି ଅବସରରେ ଆଲୋଚନାରେ ଅଂଶଗ୍ରହଣକରି ଅତିଥି ଓ ବିଶେଷଜ୍ଞମାନେ ଆତ୍ମହତ୍ୟାର ବିଭିନ୍ନ କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ସେହିସବୁ ଲକ୍ଷଣମାନ ପ୍ରକାଶ ପାଇଲେ ତୁରନ୍ତ ଉକ୍ତ ବ୍ୟକ୍ତି ପ୍ରତି ଧ୍ୟାନ ଦିଆଯିବା ଉଚିତ ବୋଲି ସେମାନେ କହିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି କିମ୍ସ ପରାମର୍ଶଦାତା ଡ. ଆର ଏନ୍ ସାମନ୍ତ କହିଲେ, ଆତ୍ମହତ୍ୟାକୁ




ରୋକିବାରେ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ଜୀବନରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ତଥା ସହାୟକ ଭୂମିକା ଗ୍ରହଣ କରିବାକୁ ପଡ଼ିବ । କିମ୍ସ ମେଡିକାଲ୍ କଲେଜ ଅଧୀକ୍ଷକ ଡା. ଆର ସି ଦାସ କହିଲେ, ଶୂନ୍ୟ-ଆତ୍ମହତ୍ୟା ପରିବେଶକୁ ସୁନିଶ୍ଚିତ କରିବା ସହ ସମ୍ପର୍କକୁ ଆହୁରି ମଜଭୂତ କରିବାକୁ ହେବ । ଏହି ଅବସରରେ ଆତ୍ମହତ୍ୟାର ସମ୍ଭାବନା ବଢ଼ାଉଥିବା କାରଣଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଏଥିରେ ଶୈକ୍ଷିକ ଚାପ, ମାନସିକ ସ୍ୱାସ୍ଥ୍ୟାବସ୍ଥା, ଅତୀତର ଆଘାତ, ସାମାଜିକ ସମର୍ଥନ ଅଭାବ ଏବଂ ପଦାର୍ଥର ଅପବ୍ୟବହାର ଅନ୍ତର୍ଭୁକ୍ତ ଆଦି ଉପରେ ଆଲୋଚନା କରାଯାଇଥିଲା । ଏହି କାରଣଗୁଡ଼ିକ ପ୍ରାୟତଃ ବ୍ୟକ୍ତିବିଶେଷ, ବିଶେଷ କରି ଛାତ୍ରଛାତ୍ରୀଙ୍କୁ ଅସୁରକ୍ଷିତ ଅବସ୍ଥାରେ ରଖୁଥିବାରୁ ଏହାର ପ୍ରତିରୋଧ ପାଇଁ ସେହି ସମସ୍ୟାଗୁଡ଼ିକର ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ । କିମ୍ସ ମେଡିକାଲ୍ କଲେଜ ଉପାଧ୍ୟକ୍ଷ ଡା. ଶୁଭ୍ରାଂଶୁ ପାତ୍ର କହିଲେ, ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କିମ୍ସ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡା. ସୁଦୀପ କୁମାର ଦାସ କହିଲେ, ଯଦି କେହି ବାରମ୍ବାର ହତାଶା ଭାବର ସମ୍ମୁଖୀନ ହୁଏ, ତେବେ ତା'ଠାରେ ସାଧାରଣତଃ ଏହି ପ୍ରବଣତା ପ୍ରକାଶ ପାଇଥାଏ । ଆତ୍ମହତ୍ୟା ପ୍ରବଣ ଏକ ମାନସିକ ସମସ୍ୟା ନୁହେଁ, ବରଂ ଏକ ସାମାଜିକ ଓ ସାଂସ୍କୃତିକ ସମସ୍ୟା ବୋଲି ଡା. ଦାସ କହିଥିଲେ । ବିଭାଗୀୟ ପ୍ରଫେସର ଡା ଜୟପ୍ରକାଶ ରାବଣ କହିଲେ, ଥରେ କେହି ଆତ୍ମହତ୍ୟା କରିବାକୁ ସ୍ଥିର କରିସାରିବା ପରେ ଏହାର ଜଟିଳତାକୁ ଦର୍ଶାଇ ଏଥିରେ ହସ୍ତକ୍ଷେପ କରିବା କଷ୍ଟସାଧ ହୋଇଥାଏ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ଜିଜ୍ଞାସା ପଟ୍ଟନାୟକ ଓ ଆସୋସିଏଟ୍ ପ୍ରଫେସର ଡା. ପ୍ରଣବ ମହାପାତ୍ର ମଧ୍ୟ ଏହା ଉପରେ ସେମାନଙ୍କର ମତ ରଖିଥିଲେ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ହେଲ୍‌ପ ଲାଇନ୍ ଆରମ୍ଭ କରାଯାଇଥିଲା । ଏହା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପୋଷ୍ଟର ଓ ଏଲୋକ୍ୟୁସନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଇଏଚ୍‌ଏଫ୍ ମୁଖ୍ୟ



**ଭୁବନେଶ୍ୱର, ୧୦/୯ ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ତାଇବ ଇକ୍ରାମ ମଙ୍ଗଳବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ପରେ ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ତାଙ୍କ ସାକ୍ଷାତର ଚିତ୍ର ସେୟାର କରିଛନ୍ତି । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ଲେଖିଛନ୍ତି, ଅନ୍ତର୍ଜାତୀୟ ହକି ଫେଡେରେଶନର ସଭାପତି ତାଇୟାବ ଇକ୍ରାମଙ୍କୁ ଭେଟି ମୁଁ ଖୁବ୍ ଖୁସି । ଓଡ଼ିଶାରେ ହକିର ବିକାଶକୁ ଆଗକୁ ନେବା ଉପରେ ଆମର ଏକ ଫଳପ୍ରଦ ଆଲୋଚନା ହୋଇଥିଲା । ଖେଳ ଭିତ୍ତିଭୂମି ବୃଦ୍ଧି, ପ୍ରତିଭା ବିକାଶରେ ଉନ୍ନତି ଆଣିବା ଏବଂ ଖେଳାଳୀଙ୍କୁ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଆମେ ନୂତନ ପଦକ୍ଷେପ ଆରମ୍ଭ କରିବା ପାଇଁ ବିଭିନ୍ନ ରଣନୀତି ବିଷୟରେ ଆଲୋଚନା କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଡିଆରଏମଙ୍କୁ ସାକ୍ଷାତ : ଗୁଣପୁର-ନୌପଡା ରେଳପଥର ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ଗୁଣପୁର, ୧୦/୯**

ବିଶାଖାପାଟଣା ଡିଆରଏମ ସୌରଭ ପ୍ରସାଦ ଗୁଣପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ନୌପଡା ଠାରୁ ଗୁଣପୁର ମଧ୍ୟରେ ବିଭିନ୍ନ ରେଳପଥର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବା ପରେ ଡିଆରଏମ ପ୍ରସାଦ ଏହାର ଅନୁଧ୍ୟାନ କରିଛନ୍ତି । ଏଥିସହ ଗୁଣପୁର ସମେତ ଅନ୍ୟାନ୍ୟ ଷ୍ଟେସନ ଗୁଡିକରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ । ଏହି ଅବସରରେ ଆନ୍ଧ୍ର ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ଡଃ ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଗଜେନ୍ଦ୍ର ପଣ୍ଡା, ସମାଜସେବୀ ଅକ୍ଷୟ ଦାସ, ଉମା ଶଙ୍କର ଦାସ ପ୍ରମୁଖ ଡିଆରଏମଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏଥିସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା । କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ପାଇଥିବା ଗୁଣପୁର ଥେରୁବାଲି ରେଳପଥ ପ୍ରକଳ୍ପର ତ୍ୱରାନ୍ୱିତ, ବିଶାଖାପାଟଣା ଟ୍ରେନକୁ ଗୁଣ୍ଟୁରୁ ଯାଏଁ ସଂପ୍ରସାରଣ, ଗୁଣପୁରରେ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ଦ୍ୱିତୀୟ ପ୍ଲାଟଫର୍ମର ନିର୍ମାଣ କାର୍ଯ୍ୟ ସାରିବା, ପାର୍ସଲ କାଉଣ୍ଟର ଓ ରିଜର୍ଭେସନ୍ କାଉଣ୍ଟର ଖୋଲିବା ସହ ଆରପିଏଫ ନିଯୁକ୍ତି ଇତ୍ୟାଦି



ଉଲ୍ଲେଖ ରହିଥିଲା । ତେବେ ଆଲୋଚନା ବେଳେ ଫୁଟ୍ ଓଭର ବ୍ରିଜ୍ ଅତିଶିଘ୍ର ନିର୍ମାଣ ହେବ ଓ ବିଶାଖାପାଟଣା ଟ୍ରେନକୁ ଗୁଣ୍ଟୁରୁ ଯାଏଁ ସଂପ୍ରସାରଣ ପାଇଁ ରେଲୱେ ବୋର୍ଡକୁ ପ୍ରସ୍ତାବ ଦିଆଯାଇଛି ବୋଲି ଡି. ଆର. ଏମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏହି ରେଳପଥ ବିକାଶ ନିମନ୍ତେ ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ ଶ୍ରୀ ପଣ୍ଡା ବିଭିନ୍ନ ସମୟରେ ନିଜର ପ୍ରତିନିଧିମାନଙ୍କୁ ଦିଲ୍ଲୀ ଦରବାରକୁ ପଠାଇ ନିଜର ହକ୍ ପାଇଁ ଲଢେଇ ଜାରି ରଖିଛନ୍ତି । ଏହାର ମଙ୍ଗୁଆଳ ସାଜିଛନ୍ତି ଅବସରପ୍ରାପ୍ତ ଅଧ୍ୟାପକ ଜିଏନ ପଣ୍ଡା । ତାଙ୍କ ଅବଦାନ ଅତୁଳନୀୟ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ପାଟଣାଗଡ଼ରେ ଭୟଙ୍କର ଦୁର୍ଘଟଣା: ୩ ଯୁବତୀଙ୍କ ଉପରେ ମାଡ଼ିଗଲା କାର୍



**ପାଟଣାଗଡ, ୧୦/୯**

ଘର ଆଗରେ ଠିଆ ହୋଇ ଗପସପ କରୁଥିଲେ । ଚାହୁଁ ଚାହୁଁ ମାଡ଼ିଆସିଲା କାଳ, ନେଇଗଲା ଜୀବନ । ୩ ଯୁବତୀଙ୍କ ଉପରେ ଚଢ଼ିଗଲା କାର୍ । ଏଭଳି ଦୁଃଖଦ ଘଟଣା ଘଟିଛି ପାଟଣାଗଡ ବେଲପଡ଼ା ବ୍ଲକର ନୁନହାଡ ଗ୍ରାମରେ । ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି । ସେହିପରି ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମଙ୍ଗଳବାର ସନ୍ଧ୍ୟା ସମୟରେ ନୁନହାଡ ଗ୍ରାମର ଭୋଲେଶ୍ୱରି ମାଝୀ, ଯେମନ୍ତ ମାଝୀ ଓ ପ୍ରତିମା ଧାରୁଆ ତାଙ୍କ ଘର ସମ୍ମୁଖରେ ଛିଡା ହୋଇଥିଲା ବେଳେ ସେହି ସମୟରେ ଏକ କାର୍ ଦ୍ରୁତ ଗତିରେ ଆସି ତିନି ଝିଅଙ୍କୁ ଧକ୍କା ଦେଇଥିଲା । ତିନି ଜଣ ଗୁରୁତର ଅବସ୍ଥାରେ ବେଲପଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ । ପରେ ଭୋଲେଶ୍ୱରି ମାଝୀ ଗୁରୁତର ହେବାରୁ ତାଙ୍କୁ ପାଟଣାଗଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ଭୋଲେଶ୍ୱରିଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ୨ ଜଣ ବେଲପଡା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଘଟଣା ପରେ ସ୍ଥାନୀୟ ଲୋକେ ଟାୟାର ଜାଳି ବେଲପଡ଼ା କଣ୍ଟାବାଞ୍ଜି ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ବେଲପଡ଼ା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା ।

## ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଇଞ୍ଜିନିୟର ରଶିଦଙ୍କୁ ମିଳିଲା ଜାମିନ

**ନୂଆଦିଲ୍ଲୀ, ୧୦/୯**

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗରେ ଜେଲ୍ ଦଣ୍ଡ ଭୋଗୁଥିବା ବାରାମୁଲା ସାଂସଦ ଇଞ୍ଜିନିୟର ରଶିଦଙ୍କୁ ଜାମିନ ମିଳିଛି । ଆଗକୁ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଥିବା ବେଳେ ମଙ୍ଗଳବାର ଦିଲ୍ଲୀର ପଟିଆଲା ହାଉସ କୋର୍ଟ ରାଶିଦଙ୍କୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରିଛନ୍ତି । ସେପ୍ଟେମ୍ବର ୧୮ ତାରିଖରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ ପଡ଼ିବ । ଏଥର ଇଞ୍ଜିନିୟର ରଶିଦଙ୍କ ଭାଇ ନିର୍ବାଚନ ଲଢୁଛନ୍ତି । ଇଞ୍ଜିନିୟର ରଶିଦ ସ୍ୱାଧୀନ ସାଂସଦ ଭାବେ ବାରାମୁଲା ନିର୍ବାଚନ ମଣ୍ଡଳୀରୁ ଗତ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲେ । ତାଙ୍କ ଭାଇ ଖୁର୍ସିଦ ଅହମଦ ଇଞ୍ଜିନିୟର ରଶିଦଙ୍କ ଦଳ ଆୱାମୀ ଇତ୍ତିହାଦ ପାର୍ଟିରୁ ୨୦୨୪ ବିଧାନସଭା ନିର୍ବାଚନ ଲଢୁଛନ୍ତି । ଖୁର୍ସିଦ ଉତ୍ତର କଶ୍ମୀରର ଲାଙ୍ଗେଟ୍ ଆସନରୁ ନିର୍ବାଚନ ଲଢୁଛନ୍ତି । ସୂଚନା ଥାଉକି ଇଞ୍ଜିନିୟର ରଶିଦ ପୂର୍ବରୁ ଉତ୍ତରକଶ୍ମୀର ଲାଙ୍ଗେଟ ଆସନରୁ ଦୁଇଥର ବିଧାୟକ ହୋଇ ସାରିଛନ୍ତି । ହେଲେ ୨୦୨୪ ଲୋକସଭା ନିର୍ବାଚନରେ ସେ ଓମାର ଅବଦୁଲ୍ଲାଙ୍କ ବିରୋଧରେ ସଂସଦୀୟ ନିର୍ବାଚନ ଲଢ଼ିଥିଲେ । ଅନ୍ୟପଟେ ରଶିଦଙ୍କ ଏଆଇପିକୁ ଦଳ ସମାଲୋଚନା କରୁଛନ୍ତି ପିଡିପି ମୁଖ୍ୟ ମେହବୁବା ମୁଫ୍‌ତୀ ଓ ଜମ୍ମୁ-କଶ୍ମୀର ଏନ୍‌ସି ନେତା ଓମାର ଅବଦୁଲା । ଏଆଇପି ବିଜେପିର ସହଯୋଗୀ ଦଳ ବୋଲି ଦୁଇ ନେତା ଅଭିଯୋଗ କରୁଛନ୍ତି । ମେହେବୁବା କହିଛନ୍ତି ଯେ ରଶିଦ ବର୍ତ୍ତମାନ ଜେଲ୍‌ରେ ଥାଇ ତାଙ୍କ ଦଳ କିଭଳି ସବୁ ଆସନରେ ପ୍ରାର୍ଥୀ ଦେଇପାରୁଛି । ସେମାନେ ଅର୍ଥ କେଉଁଠୁ ପାଉଛନ୍ତି । ପିଡିପି ୫୦ ବର୍ଷର ଦଳ ହୋଇ ବି ପ୍ରାର୍ଥୀ ଦେଇପାରୁ ନାହିଁ । ହେଲେ ଏଆଇପି ପ୍ରାର୍ଥୀ ଦେଉଛି । ଏଆଇପି ସହାଯ୍ୟରେ ବିଜେପି ଜମ୍ମୁ-କଶ୍ମୀର ଭୋଟ୍ ଶେୟାର ଖେଳାଇବାକୁ ଚାହୁଁଛି ବୋଲି ମେହେବୁବା କହିଛନ୍ତି । ସେହିପରି ରଶିଦଙ୍କ ଦଳ ବିଜେପିର ଛାୟା ଦଳ ବୋଲି ଓମାର ଅବଦୁଲ୍ଲା କହିଛନ୍ତି ।

# ସରକାରଙ୍କ ନିର୍ଦ୍ଦେଶକୁ ବେଫିକର : କୋଟି କୋଟି ଟଙ୍କା ରାଜସ୍ୱ ଲୁଟୁଛନ୍ତି ମଦ ଦୋକାନୀ

**ଭୁବନେଶ୍ୱର ୧୦/୦୯**
**ନ୍ୟୁଜ ବ୍ୟୁରୋ**

ନମ୍ବର-୧ ହ୍ୱିସ୍କି (ନିପ୍-୧୮୦ ମିଲି)ର ଦାମ ୧୮୦ ଟଙ୍କା । ହେଲେ ଏହାକୁ ୧୦ ଟଙ୍କା ଅଧିକ ଦାମରେ ବିକ୍ରି କରୁଛନ୍ତି । ରୟଲ୍ ଗ୍ରୀନ୍ (ନିପ୍) ୨୦୦ ଟଙ୍କା, ନେଉଛନ୍ତି ୨୧୦ ଟଙ୍କା । ୯୦ ଟଙ୍କାର ବ୍ରିଜରକୁ ଫ୍ରିଜର ଚାର୍ଜ ସହ ୧୦୦ ଟଙ୍କା ଦେବାକୁପଡୁଛି । ମାଲକାନଗିରିରୁ ମୟୂରଭଞ୍ଜ, ବଡ଼ଗଡ଼ରୁ ଜଗତ୍‌ସିଂହପୁର, ପ୍ରତି ଗ୍ରାମାଞ୍ଚଳରେ ଥିବା ଠିପି ବନ୍ଦ ଦୋକାନର ମାଲିକମାନେ ଏମିତି ଚଢ଼ା ଦରରେ ମଦ ବିକ୍ରି କରୁଛନ୍ତି । ଏ ବିଷୟରେ ଅବକାରୀ କମିଶନରଙ୍କ ଠାରୁ ଆରମ୍ଭ କରି ଇନ୍ସପେକ୍ଟର ପର୍ଯ୍ୟନ୍ତ ସମସ୍ତେ ଜାଣି ବି ଚୁପ୍ । ରାଜ୍ୟରେ ୧୦୩୦ଟି ଠିପି ବନ୍ଦ ଦୋକନ ଅଛି । ଯେଉଁମାନେ ଲାଇସେନ୍ସ ପାଇଛନ୍ତି ସେମାନଙ୍କୁ ଅବକାରୀ ବିଭାଗ ହାତ କାଟି ଲେଖି ଦେଇଛି ଗ୍ରାହକଙ୍କଠାରୁ ଏମ୍ଆରପିରୁ ୧ ପଇସା ବି ଅଧିକ ନେଇପାରିବେ ନାହିଁ । ଯଦିନେବେ ତା'ହେଲେ ୧ ଲକ୍ଷ ୫୦ ହଜାର ଟଙ୍କା ଜରିମାନା



ଗଣିବେ । ହେଲେ ଦୋକାନୀମାନେ ଏହି ନିୟମ ମାନୁଛନ୍ତି କି ନାହିଁ ସେ ବିଷୟରେ ଅବକାରୀ ବିଭାଗ ପାଖରେ ଖବର ନାହିଁ । ସହରରେ ଥିବା ଠିପି ବନ୍ଦ ଦୋକାନୀ ଏହି ନିୟମ ମାନୁଛନ୍ତି । ହେଲେ ବ୍ଲକ୍ ଅଞ୍ଚଳରେ ଥିବା ଦୋକାନୀ ନିୟମକୁ ଦଳିମକଚି ବେପାର କରୁଛନ୍ତି । କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାରେ ଏହି ନିୟମ ମୋଟ ଉପରେ ନାହିଁ କହିଲେ ଚଳେ । ଏଠି ବୋତଲ ପିଛା ୨୦ରୁ ୩୦ ଟଙ୍କା ଅଧିକ ନେଉଛନ୍ତି । ଏହି ନିୟମ କହୁଛି, ଲାଇସେନ୍ସ ପାଇଥିବା ଦୋକାନୀ ଲାଇସେନ୍ସର ଫଟୋ ଓ ମଦ ଦର ତାଲିକା ଲଗାଇବାକୁ ବାଧ୍ୟ । ଏହି ନିୟମ କୌଣସି ଠିପି ବନ୍ଦ ଦୋକାନୀ ନ ମାନିଲେ କାର୍ଯ୍ୟାନୁଷ୍ଠାନ ହେବ । ହେଲେ ଏହି ନିୟମ କେବଳ କଟକ-ଭୁବନେଶ୍ୱରରେ ଲାଗୁ ହୋଇଥିବା ବେଳେ ବାକି ଅଞ୍ଚଳରେ ଏହି ନିୟମ ଚୁଲିକୁଯାଇଛି । ଦୋକାନୀ ନିଜ ନିୟମରେ ମନଇଚ୍ଛା ଦରରେ ବିକୁଛନ୍ତି । ଧାର୍ଯ୍ୟଠୁ ଚଢ଼ା ଦରରେ ମଦ ବିକ୍ରିରେ ସବୁଠାରୁ ଆଗରେ ଅଛି କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା । ଏହି ଜିଲ୍ଲାରେ ନିପ୍ (୧୮୦ ମିଲି) ୨୦ ଟଙ୍କା, ହାଫ୍ (୩୭୫ ମିଲି)ରେ ୩୦ ଟଙ୍କା ଓ ଫୁଲ୍ (କ୍ୱାଟ୍ ୭୫୦ ମିଲି) ପିଛା ୫୦ ଟଙ୍କା ଅଧିକ ନେଉଛନ୍ତି । ଦ୍ୱିତୀୟ ସ୍ଥାନରେ ଅଛି ସୁନ୍ଦରଗଡ଼ ଜିଲ୍ଲା ହେମଗିରି, ବାଲିଶଙ୍କର ଓ ସବ୍‌ଡେଗା ବ୍ଲକ୍ ଅଞ୍ଚଳରେ ଥିବା ଠିପି ବନ୍ଦ ଦୋକାନ । କ୍ୱାଟ୍ ପିଛା ୪୦ରୁ ୬୦ ଟଙ୍କା ଅଧିକ ନେଉଛନ୍ତି । ବିୟର ପାଇଁ ଫ୍ରିଜ୍ ଚାର୍ଜ ବାବଦରେ ୨୦ରୁ ୩୦ ଟଙ୍କା ଅଧିକ ନେଉଛନ୍ତି । କେବଳ ଏହି ୩ ଜିଲ୍ଲା ନୁହେଁ, ରାଜ୍ୟର ସବୁ ଜିଲ୍ଲାରେ ଚଢ଼ା ଦରରେ ମଦ ବିକ୍ରି ହେଉଛି । ଯଦି କୌଣସି ଗ୍ରାହକ ବିଲ୍ ମାଗୁଛି କିମ୍ବା ପ୍ରତିବାଦ କରୁଛି ମଦ ଦୋକାନୀମାନେ ଖରାପ ବ୍ୟବହାର କରିବା ସହ ମାରପିଟ କରୁଛନ୍ତି । ଚଢ଼ା ଦରରେ ମଦ ବିକ୍ରିର ପ୍ରତିବାଦ କରିଥିବା କେତେକ ଗ୍ରାହକଙ୍କୁ ଗତମାସରେ ବାଲେଶ୍ୱର ସିମୁଳିଆ, ଗଞ୍ଜାମ, ନୂଆପଡ଼ାରେ ଦୋକାନୀମାନେ ଆକ୍ରମଣ କରିଥିବା ଅଭିଯୋଗ ଆସିଥିଲା । ଦୋକାନୀମାନେ ଚଢ଼ା ଦରରେ ମଦ ବିକ୍ରି କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ଆଶ୍ଚର୍ଯ୍ୟ କଥା ଯେ, ଏ ବିଷୟରେ ଅବକାରୀ କମିଶନରଙ୍କ ଠାରୁ ଆରମ୍ଭ କରି ଅବକାରୀ କନଷ୍ଟେବଲ ପର୍ଯ୍ୟନ୍ତ ସମସ୍ତେ ଜାଣିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ମୋଟ ରାଜସ୍ୱ ଆଦାୟ ୧,୬୬,୫୬୪ କୋଟି ଟଙ୍କା ଥିଲା । ସେଥିରୁ କେବଳ ମଦ ବିକ୍ରିରୁ ୪.୩୩% ରାଜସ୍ୱ ମିଳିଥିଲା । ଗତ ଅଗଷ୍ଟ ୩୧ ପର୍ଯ୍ୟନ୍ତ ନିୟମ ଥିଲା ଚଢ଼ା ଦରରେ ମଦ ବିକ୍ରି କଲେ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ । ସେପ୍ଟେମ୍ବର ୧ ତାରିଖରୁ ନୂଆ ଅବକାରୀ ନୀତି ଆସିବା ପରେ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କା ନେଲେ ୧ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ବର୍ଷ ବର୍ଷ ହେବ ମଦ ଦୋକାନୀମାନେ ଏମିତି କୋଟି କୋଟି ଟଙ୍କା ଖୋଲାଖୋଲି ଲୁଟ୍ କରୁଛନ୍ତି । ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ଅବକାରୀ ବିଭାଗ । ଅବକାରୀ କମିଶନର ନରସିଂହ ଭୋଳ କହିଛନ୍ତି, ଚଢ଼ା ଦରରେ ମଦ ବିକ୍ରି ହେଉଥିବା ଖବର ଆସୁଛି । ହେଲେ ସେମାନଙ୍କୁ ଧରି ପ୍ରମାଣିତ କରିବାକୁ ଆମ ପାଇଁ କଷ୍ଟକର ହେବ । ଖୁବ୍ ଶୀଘ୍ର ଆମେ ଆଉ ଏକ ବିଜ୍ଞପ୍ତି ବାହାର କରିବୁ ।

## ନନ୍ଦନକାନନରୁ ଆଲିପୁର ଚିଡ଼ିଆଖାନାକୁ ଗଲେ ୧୩ ଜନ୍ତୁ

**ବାରଙ୍ଗ, ୧୦/୦୯ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀଉଦ୍ୟାନରୁ କୋଲକାତାର ଆଲିପୁର ଚିଡ଼ିଆଖାନାକୁ ୪ ପ୍ରଜାତିର ୧୩ଟି ଜୀବଜନ୍ତୁ ପଠାଯାଇଛି । ସେଥିରେ ହଳେ ଜଳହସ୍ତୀ, ହଳେ ବାରଶିଙ୍ଗା, ଦୁଇହଳ ଗୁରାଣ୍ଡି, ୫ଟି କୁଜି ହରିଣ (୨ଟି ଅଣ୍ଡିରା ୩ଟି ମାଈ) ଅଛନ୍ତି । ଅଗଷ୍ଟ ୨୬ ତାରିଖରେ ହଳେ ସିଂହ, ଗୋଟିଏ ମାଈ ବାଘ, ୨ଟି ମାଈ ହିମାଳୟ କଳାଭାଲୁ ଆଲିପୁର ଚିଡିଆଖାନାକୁ ଦିଆଯାଇଥିଲା । ଏହାର ପ୍ରତିବଦଳରେ ସେହି ଚିଡିଆଖାନାରୁ ୫ ପ୍ରଜାତିର ୨୦ ଜୀବଜନ୍ତୁ ଆସିଛନ୍ତି । ସେଥିରେ ହଳେ ଜିରାଫ୍, ହଳେ ମାଛରଙ୍କା ବିରାଡି, ୬ଟି ପାଣି ଗୋଧି (୨ଟି ଅଣ୍ଡିରା ୪ଟି ମାଈ), ୪ ହଳ ଗ୍ରୀନ ଏଣ୍ଡୁଅ, ହଳେ ଚାମୁଚ ଥଣ୍ଟିଆ ବଗ ଆସିଛନ୍ତି । ସୂଚନାଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ଜୀବଜନ୍ତୁଙ୍କ ରକ୍ତ ସମ୍ପର୍କ ବଦଳାଇବା ସହିତ ବଂଶ ବୃଦ୍ଧି ପାଇଁ ଅଦଳ ବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି ।